ବର୍ଷ-୨୬, ସଂଖ୍ୟା-୭୧
ଭୁବନେଶ୍ୱର
୧୫, ମାର୍ଚ୍ଚ, ୨୦୨୬ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 71
Bhubaneswar
15 March, 2026 Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଦ୍ରୁତ ଗତିରେ ବଢ଼ୁଛି ରେଳ ଭିତ୍ତିଭୂମି

**ନୂଆଦିଲ୍ଲୀ, ୧୪।୩(ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି କୋଲକାତାରେ ୧୮,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିଛନ୍ତି। ସମାବେଶକୁ ସମ୍ବୋଧିତ କରି ସେ କହିଥିଲେ, "ଆଜି କୋଲକାତାର ଏହି ଭୂମିରୁ ପଶ୍ଚିମବଙ୍ଗ ଓ ସମଗ୍ର ପୂର୍ବ ଭାରତ ପାଇଁ ବିକାଶର ଏକ ନୂତନ ଅଧ୍ୟାୟ ଆରମ୍ଭ ହେଉଛି।"

ପ୍ରଧାନମନ୍ତ୍ରୀ କହିଥିଲେ, ଏହି କାର୍ଯ୍ୟକ୍ରମରେ ରାସ୍ତା, ରେଳ ଓ ବନ୍ଦର ଭିତ୍ତିଭୂମି ସହ ସମ୍ପୃକ୍ତ ୧୮,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରାଯାଇଛି। ସେ କହିଥିଲେ, ଏହି ପ୍ରକଳ୍ପଗୁଡ଼ିକ ପଶ୍ଚିମବଙ୍ଗ ଓ ସମଗ୍ର ପୂର୍ବ ଭାରତକୁ ନୂତନ ଗତି ଦେବା ସହ ବାଣିଜ୍ୟ ଓ ଶିଳ୍ପକୁ ପ୍ରୋତ୍ସାହିତ କରିବ ଏବଂ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରି ଜୀବନକୁ ସହଜ କରିବ। ପ୍ରଧାନମନ୍ତ୍ରୀ ଖଡଗପୁର–ମୋରେଗ୍ରାମ ଏକ୍ସପ୍ରେସୱେ ସମାପ୍ତି ଦ୍ୱାରା ରାଜ୍ୟର ବିଭିନ୍ନ ଅଂଚଳରେ ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧି ପାଇବ ବୋଲି କହିଥିଲେ। ସେ ଏହାସହ ଦୁବରାଜପୁର ବାଇପାସ୍ ଏବଂ କଂସାବତୀ ନଦୀ ଓ ଶିଳାବତୀ ନଦୀ ଉପରେ ନିର୍ମିତ ପ୍ରମୁଖ ସେତୁଗୁଡ଼ିକ ସଂଯୋଗ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବ ବୋଲି ଉଲ୍ଲେଖ କରିଥିଲେ। ଶେଷରେ ସେ ପଶ୍ଚିମବଙ୍ଗ ଓ ପୂର୍ବ ଭାରତର ଲୋକମାନଙ୍କୁ ଏହି ପରିବର୍ତ୍ତନକାରୀ ପ୍ରକଳ୍ପ ପାଇଁ ଅଭିନନ୍ଦନ ଜଣାଇଥିଲେ।

ଭାରତୀୟ ରେଳବାଇକୁ ଆଧୁନିକୀକରଣ କରିବା ପାଇଁ ସାରା ଦେଶରେ ଏକ ଜୋରଦାର ଅଭିଯାନ ଚାଲିଛି ଏବଂ ପଶ୍ଚିମବଙ୍ଗ ଏହି ମିଶନରେ ଯେପରି ପଛରେ ନ ରହେ, ସେଥିପାଇଁ ସରକାରଙ୍କର ଦୃଢ଼ ସଂକଳ୍ପ ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। କେନ୍ଦ୍ର ସରକାର ପଶ୍ଚିମବଙ୍ଗରେ



ରେଳବାଇ ଭିତ୍ତିଭୂମିକୁ ଦ୍ରୁତ ଗତିରେ ବିସ୍ତାର କରୁଛନ୍ତି। ଏହି ଅବସରରେ, କଲାଇକୁଣ୍ଡା – କାନିମହୁଲି ସେକ୍ସନରେ ସ୍ୱୟଂଚାଳିତ ବ୍ଲକ ସିଗନାଲିଂ ସିଷ୍ଟମକୁ ଦେଶ ଉଦ୍ଦେଶ୍ୟରେ ସମର୍ପିତ କରାଯାଇଛି। 'ଏହି ପଦକ୍ଷେପଗୁଡ଼ିକ ବ୍ୟସ୍ତବହୁଳ ରେଳ ରୁଟର କ୍ଷମତା ବୃଦ୍ଧି କରିବ, ଯାତ୍ରାକୁ ସୁରକ୍ଷିତ କରିବ ଏବଂ ଯାତ୍ରୀମାନଙ୍କ ପାଇଁ ଗତି ଏବଂ ସୁବିଧା ମଧ୍ୟ ବୃଦ୍ଧି କରିବ'।

ପ୍ରଧାନମନ୍ତ୍ରୀ ଛଅଟି ଷ୍ଟେସନ, କାମାକ୍ଷାଗୁଡ଼ି , ଅନରା, ତାମଲୁକ, ହଳଦିଆ, ବାରଭୂମ ଏବଂ ସିଉରିକୁ ଅମୃତ ଭାରତ ଷ୍ଟେସନ ଭାବରେ ଉଦଘାଟନ କରିବା ସମ୍ପର୍କରେ ଘୋଷଣା କରିଥିଲେ। ବଙ୍ଗଳାର ମହାନ ସଂସ୍କୃତି ଏବେ ଏହି ଷ୍ଟେସନଗୁଡ଼ିକରେ ଆହୁରି ଉଜ୍ଜ୍ୱଳ ଭାବରେ ଝଲସୁଛି ଏବଂ ଆହୁରି ଅନେକ ଷ୍ଟେସନର ପୁନଃବିକଶିତ ହେଉଛି। ପୁରୁଲିଆ ଏବଂ ଆନନ୍ଦ ବିହାର ଟର୍ମିନାଲ ମଧ୍ୟରେ ଏକ ନୂତନ ଏକ୍ସପ୍ରେସ ଟ୍ରେନ ସେବାକୁ ମଧ୍ୟ ପତାକା ଦେଖାଇ ଶୁଭାରମ୍ଭ କରାଯାଇଛି ବୋଲି ସେ ସୂଚନା ଦେଇଥିଲେ। 'ଏହି ଟ୍ରେନ ସେବା କେବଳ ପଶ୍ଚିମବଙ୍ଗର ଲୋକଙ୍କୁ ନୁହେଁ ବରଂ ଝାଡ଼ଖଣ୍ଡ, ବିହାର, ଉତ୍ତର ପ୍ରଦେଶ ଏବଂ ଦିଲ୍ଲୀର ଲୋକଙ୍କୁ ମଧ୍ୟ ଲାଭ ଦେବ '।

ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରି କହିଥିଲେ ଯେ, ଆର୍ଥିକ ପ୍ରଗତିକୁ ଆଗେଇ ନେବାରେ ସଡ଼କ ଏବଂ ରେଳ ସଂଯୋଗୀକରଣ ଭଳି ବନ୍ଦର ଏବଂ ଜଳ ପରିବହନ ବ୍ୟବସ୍ଥା ସମାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଅନେକ ଦଶନ୍ଧି ଧରି ପୂର୍ବ ଭାରତର ଏହି ବିଶାଳ ସମ୍ଭାବନାକୁ ମୁଖ୍ୟତଃ ଅବହେଳିତ କରାଯାଇଥିଲା, କିନ୍ତୁ ଆଜି ଜଳପଥ ବାଣିଜ୍ୟ ଏବଂ ଶିଳ୍ପ ପ୍ରଗତି ପାଇଁ ନୂତନ ରାସ୍ତା ଖୋଲିବାରେ ଲାଗିଛି। ଏହି ଦିଗରେ, ପ୍ରମୁଖ ବନ୍ଦର ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଶିଳାନ୍ୟାସ ଏବଂ ଲୋକାର୍ପଣ କରାଯାଇଛି। କୋଲକାତା ଏବଂ ହଳଦିଆ ବନ୍ଦର ଦୀର୍ଘ ଦିନ ଧରି ପୂର୍ବ ଭାରତରେ ବାଣିଜ୍ୟର ପ୍ରମୁଖ କେନ୍ଦ୍ର ହୋଇ ରହିଆସିଛି, ଏବଂ ହଳଦିଆ ଡକ୍ କମ୍ପ୍ଲେକ୍ସର ଯାନ୍ତ୍ରିକୀକରଣ ମାଲ୍ ପରିବହନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବ, ବନ୍ଦର କ୍ଷମତା ବୃଦ୍ଧି କରିବ ଏବଂ ବାଣିଜ୍ୟ ପାଇଁ ନୂତନ ସୁବିଧା ପ୍ରଦାନ କରିବ। ଏହା ସହିତ, କୋଲକାତା ଡକ୍ ସିଷ୍ଟମରେ ବାସ୍କ୍ୟୁଲ୍ ସେତୁର ନବୀକରଣ ଏବଂ କିଦରପୋର୍ ଡକ୍ ରେ କାର୍ଗୋ ପରିଚାଳନା କ୍ଷମତା ମଧ୍ୟ ବୃଦ୍ଧି କରାଯାଉଛି। 'ଏହି ସମସ୍ତ ପ୍ରକଳ୍ପ ପୂର୍ବ ଭାରତର ଲଜିଷ୍ଟିକ୍ସ ସିଷ୍ଟମକୁ ଆହୁରି ମଜବୁତ କରିବ'। ପ୍ରଧାନମନ୍ତ୍ରୀ ଶେଷରେ କହିଥିଲେ, ରାସ୍ତା, ରେଳ ଏବଂ ବନ୍ଦର ସହିତ ଜଡିତ ନୂତନ ପ୍ରକଳ୍ପଗୁଡ଼ିକ ପଶ୍ଚିମବଙ୍ଗ ପାଇଁ ଏକ ଆଧୁନିକ ଭବିଷ୍ୟତ ଲାଗି ପଥ ପ୍ରଶସ୍ତ କରୁଛି। ଏହି ପ୍ରକଳ୍ପଗୁଡ଼ିକର ଲାଭ କୃଷକ, ବ୍ୟବସାୟୀ, ଉଦ୍ୟୋଗୀ, ଛାତ୍ର ଏବଂ ସମାଜର ପ୍ରତ୍ୟେକ ବର୍ଗ ପାଖରେ ପହଂଚିବ। ପର୍ଯ୍ୟଟନ ଭଳି କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି ହେବ ଏବଂ ସ୍ଥାନୀୟ ଶିଳ୍ପ ଏବଂ ସେବା ନୂତନ ଗତି ପାଇବ। ପ୍ରଧାନମନ୍ତ୍ରୀ ଭାରତକୁ ମାର୍ଗ ଦର୍ଶନ କରାଇବା କ୍ଷେତ୍ରରେ ବଙ୍ଗର ଐତିହାସିକ ଭୂମିକାକୁ ମନେ ପକାଇଥିଲେ। ଦୃଢ଼ ସଂଯୋଗୀକରଣ ଏବଂ ଆଧୁନିକ ଭିତ୍ତିଭୂମି ଏକ ବିକଶିତ ବଙ୍ଗର ମୂଳଦୁଆ ଗଠନ କରିବ ବୋଲି ଦୃଢ଼ ବିଶ୍ୱାସ ପ୍ରକାଶ କରିଥିଲେ। ଯେପରି ସର୍ବଦା ଭାରତକୁ ମାର୍ଗ ପ୍ରଦର୍ଶନ କରିଆସିଥିବା ବଙ୍ଗ ପୁଣି ଥରେ 'ବିକଶିତ ବଙ୍ଗ' ହୋଇ ସେହି ଗୌରବ ହାସଲ କରିବ ', ତାହା ହେଉଛି ଆମର ସଂକଳ୍ପ ବୋଲି ଶ୍ରୀ ମୋଦୀ ଜୋର ଦେଇ କହିଥିଲେ।

# ଆତଙ୍କ ସୃଷ୍ଟି କରି ୪ ଗିରଫ

**ଭୁବନେଶ୍ୱର, ୧୪।୩(ମହାଭାରତ):** ରାଜଧାନୀରେ ପୁଷ୍ପା ଷ୍ଟାଇଲ୍ ରେ ଆତଙ୍କ ସୃଷ୍ଟି କରିବା ଅଭିଯୋଗରେ ଜଣେ ମହିଳାଙ୍କ ସମେତ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି କମିଶନରେଟ୍ ପୋଲିସ୍। ଗିରଫ ଅଭିଯୁକ୍ତ ହେଲେ ସଂଗ୍ରାମ, ପ୍ରତ୍ୟୁଷ, ଆଦିତ୍ୟ ଓ ଜଣେ ମହିଳା। କିଛି ଦିନ ଧରି ରାମ ଲୁ (ପୁଷ୍ପା ) ଭାଇଗିରି ଦେଖାଇବା ପାଇଁ ବଡଗଡ ଓ ଲକ୍ଷ୍ମୀସାଗର ଥାନା ଅଂଚଳରେ ନିଜର ଗ୍ୟାଙ୍ଗ କରି ଆତଙ୍କ ମଚାଇଥିଲା। କିଛିଦିନ ତଳେ ଜଣେ ଆଇନଜୀବୀଙ୍କୁ ଆକ୍ରମଣ ଓ ଗୌତମ ନଗର କଦଳୀ ଗୋଦାମ ଅଂଚଳରେ ଖଣ୍ଡା ବୁଲାଇ ଆତଙ୍କ ସୃଷ୍ଟି କରିବା ଅଭିଯୋଗ ଥିଲା। ଗଣେଶ ପୂଜା ଦିନ ଆଇନଜୀବୀଙ୍କୁ ଗୋଡାଇ ଗୋଡାଇ ହାଣିଥିଲେ। ପୁଣି ଦୁଇ ଦିନ ତଳେ ବୁଦ୍ଧ ନଗର ଅଂଚଳରେ ଖଣ୍ଡା ବୁଲାଇ ଆତଙ୍କ ସୃଷ୍ଟି କରିଥିଲେ। ସିସିଟିଭିରୁ ଏମାନଙ୍କୁ ଚିହ୍ନଟ କରି ବଡଗଡ଼ ପୋଲିସ ସେମାନଙ୍କୁ ବାନ୍ଧିଛି। ତେବେ ମୁଖ୍ୟ ଅଭିଯୁକ୍ତ ରାମ ଲୁ (ପୁଷ୍ପା) ଫେରାର୍ ଥିବା ଜଣାପଡିଛି।

# କାଠ ଚୁଲି ଓ କୋଇଲା, ନିୟମ କୋହଳ

**ଭୁବନେଶ୍ୱର, ୧୪।୩(ମହାଭାରତ):** ବ୍ୟବସାୟୀ ବ୍ୟବହାର କରିପାରିବେ କାଠ ଚୁଲି ଓ କୋଇଲା । ରାଜଧାନୀ ବ୍ୟବସାୟଙ୍କୁ ଆଶ୍ୱସ୍ତି । ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଏମସି ନିୟମକୁ କୋହଳ କରିଛି । ଛୋଟ ଛୋଟ ବ୍ୟବସାୟୀଙ୍କ ଜୀବନ ଜୀବିକାର କଥା । ଗ୍ୟାସ୍ ପାଇଁ ଏତେ ଧାଡ଼ି । ବ୍ୟବସାୟ କ୍ଷତି ନ ହେଉ ଏସବୁକୁ ଦେଖି ବ୍ୟବସାୟ ମାନେ ଏବେ କାଠ ଚୁଲି ଓ କୋଇଲା ବ୍ୟବହାର କରିପାରିବେ । କୌଣସି ଅସୁବିଧା ନାହିଁ । କିନ୍ତୁ କେବଳ ଏହି ଯୁଦ୍ଧକାଳୀନ ଭିତି ପାଇଁ ଏହି କୋହଲ୍ କରାଯାଇଥିବା ମେୟର ପ୍ରତିକ୍ରିୟା ରଖିଛନ୍ତି। ପରବର୍ତ୍ତୀ ମୁହୂର୍ତ୍ତରେ ଏହାକୁ ପରିବର୍ତ୍ତନ କରାଯିବ । ସେପଟେ ବିଶେଷ୍ ଆତଙ୍କିତ ନ ହୋଇ ଗ୍ୟାସ୍ ପାଇଁ ଧାଡ଼ି କରି ଛିଡା ନେବାକୁ ଅନୁରୋଧ କରିଛନ୍ତି । ଯେଉଁମାନଙ୍କ ପାଖେ ଘରେ ଗ୍ୟାସ ଯଥେଷ୍ଟ ଅଛି ଅଯଥା ଅଧିକ କିଣି ଅଭାବୀ ବିକ୍ରି ସୃଷ୍ଟି ନ କରିବାକୁ ମେୟର ସୁଲୋଚନା ଦାସ ଅନୁରୋଧ କରିଛନ୍ତି ।

# ଏସିଡ ପକାଇ ଆଖି ଫୁଟାଇଦେଲେ

**ଗଞ୍ଜାମ, ୧୪।୩(ମହାଭାରତ):** ବର୍ବର ମହିଳାଙ୍କ ଅମାନୁଷିକ କାଣ୍ଡ, ନିଶାସକ୍ତ ଅବସ୍ଥାରେ ଯୁବକ ପିଣ୍ଡାରେ ଶୋଇଥିବା ବେଳେ ତାଙ୍କ ଆଖିରେ ପକାଇଦେଲେ ଏସିଡ, ଆଖି ସମ୍ପୂର୍ଣ୍ଣ ହୋଇଯାଇଛି ନଷ୍ଟ । ଏଭଳି ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗରରେ । କବିସୂର୍ଯ୍ୟନଗର ୱାର୍ଡ ନମ୍ବର ୪ର ବୁଡୁ ଦାସ ନିଶାସକ୍ତ ଅବସ୍ଥାରେ ଅନ୍ୟଜଣଙ୍କ ପିଣ୍ଡାରେ ଶୋଇଥିବା ବେଳେ ଜଣେ ମହିଳା ତାଙ୍କ ମୁହଁକୁ ଏସିଡ ପକାଇ ଦେଇଥିଲେ । ଏନେଇ ବୁଡୁଙ୍କୁ ତୁରନ୍ତ କବିସୂର୍ଯ୍ୟନଗର ମେଡିକାଲକୁ ନିଆଯାଇଥିଲା । ହେଲେ ସେଠାରେ ଡାକ୍ତର ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରିଥିଲେ । ହେଲେ ସେଠାରେ ଗୋଟିଏ ଆଖି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା କଥା ଡାକ୍ତର କହିଛନ୍ତି । ଏନେଇ କବିସୂର୍ଯ୍ୟନଗର ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ ଜାରି ରଖିଛି ।

# କଏଦୀଙ୍କ ସନ୍ଦେହଜନକ ମୃତ୍ୟୁ

**ବଲାଙ୍ଗୀର, ୧୪।୩(ମହାଭାରତ):** ଜିଲ୍ଲା କାରାଗାରରେ ଶନିବାର ଜଣେ କଏଦୀଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଥିବା ଘଟଣା ଚର୍ଚ୍ଚାର ବିଷୟ ହୋଇପଡ଼ିଛି। ମୃତ ବ୍ୟକ୍ତି ହେଲେ ଭୀଷ୍ମଦେବ ସାହୁ ଓରଫ ଗୋପାଳ (୩୭)। ବଲାଙ୍ଗୀର ସଦର ଥାନା କୁଶଙ୍ଗ ଗାଁର ଭୀଷ୍ମଦେବ ସାହୁ ଓରଫ ଗୋପାଳ ୨୦୨୧ରେ ସ୍ତ୍ରୀକୁ ହତ୍ୟା ଅଭିଯୋଗରେ ଜେଲ୍ ଯାଇଥିଲା। ବର୍ଷ ? ତଳେ ଭୀଷ୍ମଦେବଙ୍କୁ କୋର୍ଟ ଅଜୀବନ ଦଣ୍ଡରେ ଦଣ୍ଡିତ କରିଥିଲେ। ଆଜି ଜେଲ କର୍ତ୍ତୃପକ୍ଷ ଝୁଲନ୍ତା ଅବସ୍ଥାରେ ଭୀଷ୍ମଦେବଙ୍କ ମୃତଦେହ ଉଦ୍ଧାର କରିଥିଲେ। ଭୀଷ୍ମଦେବଙ୍କ କୁଶଙ୍ଗ ଗାଁରେ ଥିବା ପରିବାର ଲୋକଙ୍କୁ ଭୀଷ୍ମ ଜେଲ୍ ? ଭିତରେ ଆତ୍ମହତ୍ୟା କରିଥିବା ଖବର ଦେଇଥିଲେ। ଜେଲ କର୍ତ୍ତୃପକ୍ଷ ଭୀମଭୋଇ ମେଡିକାଲ କଲେଜକୁ ମୃତଦେହ ବ୍ୟବଚ୍ଛେଦ କରିବା ପାଇଁ ଆଣିଥିବା ଜଣାପଡ଼ିଛି। ପରିବାର ଲୋକେ ଜେଲ୍ ଭିତରେ ଭୀଷ୍ମଦେବଙ୍କୁ ହତ୍ୟା କରିଥିବା ଅଭିଯୋଗ କରିଛନ୍ତି।

# ସବୁ ଦଳକୁ କ୍ରସ ଭୋଟିଂ ଭୟ

**ଭୁବନେଶ୍ୱର, ୧୪।୩(ମହାଭାରତ):** ସବୁ ଦଳକୁ ଘାରିଛି କ୍ରସ ଭୋଟିଂ ଭୟ । ରାଜ୍ୟସଭା ନିର୍ବାଚନ ପୂର୍ବରୁ ବିଧାୟକଙ୍କୁ ଏକଜୁଟ କରିବାକୁ ପ୍ରୟାସ ଜାରି ରହିଛି । ରାଜ୍ୟସଭା ନିର୍ବାଚନ ପାଇଁ ଓଡ଼ିଶାରେ ଆରମ୍ଭ ହୋଇଥିବା ରିସର୍ଟ



ପଲିଟିକ୍ସରେ ସାମିଲ ହୋଇଛି ବିଜେପି । ବେଙ୍ଗାଲୁରୁର ଏକ ରିସର୍ଟରେ କଂଗ୍ରେସ ବିଧାୟକଙ୍କୁ ରଖିଥିବା ବେଳେ ବିଜେପି ବିଧାୟକଙ୍କ ପାରାଦୀପ ନେବାକୁ ନିଷ୍ପତ୍ତି ନେଇଛି । ସେପଟେ ତାଲିମ ଶିବିର ନାଁରେ ବିଧାୟକଙ୍କୁ ଏକଜୁଟ ରଖିବାକୁ ପ୍ରୟାସ କରିଛି ବିଜେଡି ।

ରାଜ୍ୟସଭା ନିର୍ବାଚନକୁ ଆଉ ଦିନଟେ ବାକି । ଏହା ପୂର୍ବରୁ ସବୁ ଦଳ ନିଜ ନିଜର ବିଧାୟକଙ୍କୁ ପାଦେପାଦେ ଜଗୁଛନ୍ତି । ବିଧାୟକଙ୍କୁ ଏକାଠି ରଖିବାକୁ କଂଗ୍ରେସ, ବିଜେଡି ପରେ ବିଜେପି ଆରମ୍ଭ କରିଛି କସରତ । ଦଳର ସବୁ ବିଧାୟକଙ୍କୁ ଧରି ପାରାଦୀପ ଯିବେ ଦଳୀୟ ନେତା । ବିଧାୟକଙ୍କ ଯିବା ପାଇଁ ଦୁଇଟି ସ୍ୱତନ୍ତ୍ର ବିଳାସପୂର୍ଣ୍ଣ ବସ୍ ରାଜ୍ୟ ବିଜେପି ମୁଖ୍ୟାଳୟରେ ପହଞ୍ଚିଛି ।

ସୂଚନା ମୁତାବକ ପ୍ରାୟ ୭୦ରୁ ୭୫ ବିଜେପି ବିଧାୟକ ବସ୍‌ରେ ଯାଇ ପାରାଦୀପରେ ରହିବେ । ବିଧାୟକମାନେ ବଡ ହୋଟେଲରେ ବୁକ୍ ହୋଇଥିବା ରୁମରେ ରହିବେ । ଦୁଇରାତି ଏବଂ ଗୋଟିଏ ଦିନ ବିଧାୟକମାନେ ରିସୋର୍ଟରେ ବିତାଇବେ । ଭୋଟ୍ ଦିନ ଅର୍ଥାତ୍ ୧୬ ତାରିଖ ସକାଳୁ ପୁଣି ଭୁବନେଶ୍ୱର ଆସିବେ । ତେବେ ରାଜ୍ୟସଭା ନିର୍ବାଚନ ଏବଂ ଭୋଟିଂକୁ ନେଇ ଆସନ୍ତାକାଲି ପାରାଦୀପରେ ବିଜେପି ବିଧାୟକଙ୍କୁ ଟ୍ରେନିଂ ଦିଆଯିବ ।ରାଜ୍ୟସଭା ନିର୍ବାଚନ ପାଇଁ ବିଜେପି ଏବଂ ବିଜେଡି-କଂଗ୍ରେସ ମଧ୍ୟରେ ଛକାପଞ୍ଝା ଜାରି ରହିଛି । ଚତୁର୍ଥ ଆସନ ପାଇଁ ବିଜେଡି ଓ କଂଗ୍ରେସର ମିଳିତ ପ୍ରାର୍ଥୀ ଦତ୍ତେଶ୍ୱର ହୋତା ଏବଂ ବିଜେପି ସମର୍ଥିତ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ମଧ୍ୟରେ କଡା ଟକ୍କର ହେବ । କ୍ରସଭୋଟିଂର ଆଶଙ୍କା ଥିବାରୁ, ବିଧାୟକମାନଙ୍କୁ ବୁଝାସୁଝା କରୁଛନ୍ତି ଦଳର ନେତା । କଂଗ୍ରେସ ୮ ଜଣ ବିଧାୟକଙ୍କୁ ନେଇ ବେଙ୍ଗାଲୁରୁର ଏକ ରିସର୍ଟରେ ରଖିଛି । ସେଠରେ ବିଧାୟକଙ୍କୁ ଏକଜୁଟ୍ କରି ରଖିବାକୁ କର୍ଣ୍ଣାଟକ ଉପ ମୁଖ୍ୟମନ୍ତ୍ରୀ ଶିବକୁମାର କଂଗ୍ରେସ ବିଧାୟକମାନଙ୍କ ସହ ଆଲୋଚନା କରିଛନ୍ତି । ସେପଟେ ତାଲିମ ଶିବିର ନାଁରେ ନବୀନ ନିବାସରେ ବିଧାୟକଙ୍କୁ ଏକଜୁଟ କରିଛି ବିଜେଡି । ଆଜି ଓ ଆସନ୍ତାକାଲି ଦୁଇ ଦିନିଆ ଟ୍ରେନିଂ କ୍ୟାମ୍ପର ଆୟୋଜନ କରିଛି ବିଜେଡି ।

# ନୀତି ବିଭ୍ରାଟ ପାଇଁ ଖୁଣ୍ଟିଆ ସେବକ ନିଲମ୍ବିତ

**ପୁରୀ, ୧୪।୩(ମହାଭାରତ):** ଗତ ଫେବୃଆରୀ ୨୮ ତାରିଖରେ କେତେକ ସେବକଙ୍କ ଅଶୋଭନୀୟ ଆଚରଣ ଓ କାର୍ଯ୍ୟକଳାପ ଯୋଗୁଁ ଶ୍ରୀମନ୍ଦିରର ନୀତି ପ୍ରାୟ ଚାରି ଘଣ୍ଟା ବିଳମ୍ବିତ ହୋଇଥିଲା। ଏହା ଫଳରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ଅସୁବିଧାର ସମ୍ମୁଖୀନ ହେବା ସହ ନିର୍ଦ୍ଦିଷ୍ଟ ସମୟରେ ମହାପ୍ରସାଦ ପାଇବାରୁ ବଞ୍ଚିତ ହୋଇଥିଲେ। ଘଟଣା ସମୟରେ କର୍ତ୍ତବ୍ୟରତ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ ଓ କର୍ମଚାରୀଙ୍କ ପ୍ରତି ଅସମ୍ମାନଜନକ ବ୍ୟବହାର ହୋଇଥିବା ନେଇ ମଧ୍ୟ ଅଭିଯୋଗ ଆସିଥିଲା। ଏହି ଘଟଣାରେ ସଂପୃକ୍ତ ଛାମୁ ଖୁଣ୍ଟିଆ ସେବକ ରାମକୃଷ୍ଣ ଖୁଣ୍ଟିଆ ଏବଂ ଅନ୍ୟ ଦୁଇ ସେବକ ମାଧବ ଖୁଣ୍ଟିଆ ଓ ମଧୁସୂଦନ ଖୁଣ୍ଟିଆଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ଼. ଅରବିନ୍ଦ ପାଢ଼ୀ କୈଫିୟତ ତଲବ କରିଥିଲେ। ସଂପୃକ୍ତ ସେବକମାନଙ୍କ ଉତ୍ତର ଓ ପ୍ରଶାସନର ଅଧିକାରୀ-କର୍ମଚାରୀଙ୍କ ପକ୍ଷ ଶୁଣିବା ପରେ ରାମକୃଷ୍ଣ ଖୁଣ୍ଟିଆଙ୍କୁ ତିନି ମାସ ପାଇଁ ନିଲମ୍ବନ କରାଯାଇଛି।

# ରଥଯାତ୍ରାରେ ରନ୍ଧା ଖାଦ୍ୟ ମନା



**ପୁରୀ, ୧୪।୩(ମହାଭାରତ):** ରଥଯାତ୍ରା ପାଇଁ ପୁରୀ ମ୍ୟୁନିସିପାଲିଟିର ଡ୍ରାଫ୍ଟ ଆକ୍ସନ ପ୍ଲାନ୍ ପ୍ରସ୍ତୁତ ହୋଇଛି । ନଗର ଉନ୍ନୟନ ପ୍ରମୁଖ ସଚିବଙ୍କ ସମୀକ୍ଷା ପରେ ସ୍ୱଚ୍ଛତା ଉପରେ ଫୋକସ୍ ଦିଆଯାଇଛି । ଚଳିତ ବର୍ଷ ଶ୍ରୀଗୁଣ୍ଡିଚା ଓ ବାହୁଡା ଯାତ୍ରା ସମୟରେ ବଡ଼ଦାଣ୍ଡରେ ରନ୍ଧା ଖାଦ୍ୟ ନ ବାଣ୍ଟିବାକୁ ନିଆଯାଇଛି ନିଷ୍ପତ୍ତି । ରଥଯାତ୍ରା ସମୟରେ ସ୍ୱଚ୍ଛତା ଓ ପବିତ୍ରତା ଉପରେ ରହିବ ଫୋକସ୍ । ସହରର ବିଭିନ୍ନ ଗଳି ରାସ୍ତା, ବଡଦାଣ୍ଡ, ବେଳାଭୂମିକୁ ସ୍ୱଚ୍ଛ ରଖିବା ସହ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ସଚିବଙ୍କ ନିର୍ଦ୍ଦେଶ । ଆଗୁଆ ପ୍ରସ୍ତୁତ ରହିବ ପାର୍କିଂ ବ୍ୟବସ୍ଥା । ସଫେଇ ପାଇଁ ଅନୁଷ୍ଠାନଗୁଡ଼ିକୁ ନେବାକୁ ପଡିବ ଅନୁମତି । ଆସିବ ଏସଓପି । ରଥଯାତ୍ରା ସମୟରେ ବଡ଼ଦାଣ୍ଡରେ ରନ୍ଧା ଖାଦ୍ୟ ବଣ୍ଟନ ଉପରେ ରୋକ ଲଗାଯାଇଛି । ଫଳରେ ବଡଦାଣ୍ଡରେ ଅଇଁଠା ପତ୍ର, ପାଣି ବୋତଲ ପଡିବନି। ବଡ଼ଦାଣ୍ଡ ସଂଲଗ୍ନ ଅନ୍ୟ ଗଳିରେ ଅନୁମତି ନେଇ ଖାଦ୍ୟ ବାଣ୍ଟିପାରିବେ ଶ୍ରଦ୍ଧାଳୁ । ଡ୍ରାଫ୍ଟ ଆକ୍ସନରେ ରହିଛି ଟଏଲେଟ୍ ବ୍ୟବସ୍ଥା । ଗତଥର ୫୯୪ ଅସ୍ଥାୟୀ ଟଏଲେଟ୍ ହୋଇଥିବା ବେଳେ ଚଳିତ ଥର ହଜାରେ ଟଏଲେଟର ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ହୋଇଛି। ସେପଟେ ଅତିରିକ୍ତ ଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଦିଆଯାଇଛି ପୁଲିସର ଓଭର ଅଲ୍ ଇନ୍ ଚାର୍ଜ ଦାୟିତ୍ୱ।

# ଏଲପିଜି ସଂକଟ, ବୁଡ଼ିଲା ବେପାର

**ଭୁବନେଶ୍ୱର, ୧୪।୩ (ମହାଭାରତ):** ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବ ଆକ୍ରାମାକ୍ତା କଲାଣି । ଯୁଦ୍ଧ ଥମିବାର ନାଁ ନେଉନଥିବାବେଳେ ଦିନକୁ ଦିନ ବଢ଼ି ବଢ଼ି ଚାଲିଛି ଗ୍ୟାସ



ସଂକଟ । ହୋମ ଡେଲିଭରୀ ପ୍ରାୟ ବନ୍ଦ ହୋଇଯାଇଥିବାରୁ ଗ୍ୟାସ କାଉଣ୍ଟରରେ ଲାଗୁଛି ଉପଭୋକ୍ତାଙ୍କ ଲମ୍ବା ଧାଡି । ହୋଟେଲ ବ୍ୟବସାୟ ବି ଗଭୀର ଭାବେ ପ୍ରଭାବିତ ହୋଇଛି ।

ଏଲପିଜି ସିଲିଣ୍ଡର ପାଇଁ ଦହଗଞ୍ଜ ହେଉଛନ୍ତି ଲୋକେ । ସିଲିଣ୍ଡର ନେବାକୁ ସକାଳୁ ସଞ୍ଜ ପର୍ଯ୍ୟନ୍ତ ଧାଡିରେ ଛିଡା ହେଉଛନ୍ତି । ପୁରୀ ଜିଲ୍ଲା କଣାସର ରବି ନାରାୟଣ ନନ୍ଦ, କାହ୍ନୁ ଚରଣ ନାୟକ, ପବିତ୍ରଙ୍କର ସମାନ ଅଭିଯୋଗ । ୭ଦିନ ହେଲା ଗ୍ୟାସ୍ ନେବାକୁ ଦଉଡୁଛନ୍ତି । ତଥାପି ମିଳୁନି । କାକଟପୁର ଅଂଚଳରୁ ମଧ ଆସିଛି ସମାନ ଦୃଶ୍ୟ । ଗ୍ୟାସ ଏଜେନସି ଆଗରେ ଉପଭୋକ୍ତା ଖାଲି ଗ୍ୟାସ ଟାଙ୍କି ସହ ଗ୍ୟାସ କାର୍ଡ ଧରି ଠିଆ ହୋଇ କଷ୍ଟ ଭୋଗୁଛନ୍ତି । ଜଗତସିଂହପୁରରେ ଖାଲି ଟାଙ୍କି ଧରି ଧାଡି ଲଗାଇଛନ୍ତି ଲୋକେ । ଆଉ ଗାଡି ଲାଗୁଲାଗୁ ରସିଦ୍ କାଟି ସେଇଠୁ ନେଉଛନ୍ତି । ନବରଙ୍ଗପୁର ଉମରକୋଟ ସହରରେ ଥିବା ଗ୍ୟାସ ଗୋଦାମ ସମ୍ମୁଖରେ ଲାଗିଥିଲା ଗ୍ରାହକଙ୍କ ଲମ୍ବା ଲାଇନ୍ । ସେପଟେ ଯୁଦ୍ଧ ଚାଲିଥିବାରୁ ଲୋକେ ଭୟଭୀତ ହୋଇ ଗ୍ୟାସ ନେବାକୁ ଭିଡ ଲଗାଇଥିଲେ ।ଗ୍ୟାସ ସଂକଟକୁ ନେଇ ଚିନ୍ତା ବ?ିଥିବାବେଳେ ଲୋକେ ପୁଣି ଚୁଲି ମୁହାଁ ହୋଇଛନ୍ତି । ନୂଆ ଚୁଲି ପକାଇ ରୋଷେଇ କରିବା ଆରମ୍ଭ କରିଛନ୍ତି । କିଛି ହୋଟେଲ ମାଲିକ କାଠ ଚୁଲାରେ ରୋଷେଇ ଆରମ୍ଭ କରିଛନ୍ତି । ଏହାର ପ୍ରଭାବରେ ଅଚାନକ ଜାଳେଣୀ କାଠ ଦର ବ?ିଯାଇଛି । ଯେଉଁ କାଠ ସପ୍ତାହକ ତଳେ ୪୫୦ ଟଙ୍କାରେ ବିକ୍ରି ହେଉଥିଲା ଏବେ ୮ଶହ ଟଙ୍କାରେ ବିକ୍ରି ହେଉଛି । ଗ୍ୟାସ ସଂକଟକୁ ନେଇ ଚିନ୍ତା ବ?ିଥିବାବେଳେ ଲୋକେ ପୁଣି ଚୁଲି ମୁହାଁ ହୋଇଛନ୍ତି । ନୂଆ ଚୁଲି ପକାଇ ରୋଷେଇ କରିବା ଆରମ୍ଭ କରିଛନ୍ତି । କିଛି ହୋଟେଲ ମାଲିକ କାଠ ଚୁଲାରେ ରୋଷେଇ ଆରମ୍ଭ କରିଛନ୍ତି । ଏହାର ପ୍ରଭାବରେ ଅଚାନକ ଜାଳେଣୀ କାଠ ଦର ବ?ିଯାଇଛି । ଯେଉଁ କାଠ ସପ୍ତାହକ ତଳେ ୪୫୦ ଟଙ୍କାରେ ବିକ୍ରି ହେଉଥିଲା ଏବେ ୮ଶହ ଟଙ୍କାରେ ବିକ୍ରି ହେଉଛି।

# ୫୩ହଜାର ଶିକ୍ଷକ ପଦବୀ ଖାଲି

**ଭୁବନେଶ୍ୱର, ୧୪।୩ (ମହାଭାରତ):** ଗୁଣାତ୍ମକ ପ୍ରାଥମିକ ଶିକ୍ଷା ପ୍ରଦାନ ପାଇଁ ସରକାରୀ ସ୍ତରରେ ବ୍ୟାପକ ଘୋଷଣା କରାଯାଉଥିବାବେଳେ ଏବେ ପ୍ରାଥମିକ ବିଦ୍ୟାଳୟଗୁଡିକରେ ୫୩ ହଜାରରୁ ଅଧିକ ଶିକ୍ଷକ ପଦବୀ ଖାଲି ପଡିଛି । ପ୍ରତିମାସରେ ଅବସରଗ୍ରହଣ ଓ ଅନ୍ୟାନ୍ୟ କାରଣରୁ ଶହ ଶହ ଶିକ୍ଷକ ପଦବୀ ଖାଲି ହେଉଥିବାବେଳେ ଏହି ସଂଖ୍ୟା ବଢି ବଢି ଚାଲିଛି । ଅନ୍ୟ ପକ୍ଷରେ ସିଟି ତାଲିମ ଓ ବିଏଡ୍ ? ଡିଗ୍ରୀ ହାସଲ କରି ହଜାର ହଜାର ସଂଖ୍ୟକ ଯୁବକ ଯୁବତୀ ଚାକିରି ପ୍ରତୀକ୍ଷାରେ ଚାତକ ଭଳି ଚାହିଁ ବସିଥିବାବେଳେ ଏହି ପଦବୀ ପୂରଣ କ୍ଷେତ୍ରରେ ବ୍ୟଗ୍ରତା ଲକ୍ଷ୍ୟ କରାଯାଉନାହିଁ । ଅତି ମାନ୍ଦା ଗତିରେ ଶିକ୍ଷକ ନିଯୁକ୍ତି ପାଇଁ ଚୟନ ପ୍ରକ୍ରିୟା ମଝିରେ ମଝିରେ ହେଉଥିଲେ ମଧ୍ୟ ଖାଲି ପଦବୀ ସଂଖ୍ୟା କମିବାର ନାଁ ଧରୁନାହିଁ । ସେହିଭଳି ରାଜ୍ୟର ପାଖାପାଖି ୨ହଜାର ପ୍ରାଥମିକ ବିଦ୍ୟାଳୟରେ ପ୍ରତି ଶ୍ରେଣୀ ପାଇଁ ବଖରାଏ କରି ଘର ବ୍ୟବସ୍ଥା କରିବା ତ ଦୂରରକଥା ଏଠି ବଖୁରାଏ ଘରେ ୫ଟି ଶ୍ରେଣୀ ଚାଲୁଥିବାରୁ ପିଲାମାନଙ୍କୁ କିଭଳି ଗୁଣାତ୍ମକ ଶିକ୍ଷା ଦିଆଯାଉଥିବ ତାହା ସହଜରେ ଅନୁମେୟ । ପ୍ରାଥମିକ ବିଦ୍ୟାଳୟଗୁଡିକରେ ସରକାର ଶିଶୁ ବାଟିକା ଖୋଲୁଥିବାବେଳେ ସବୁ ସ୍କୁଲରେ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ଶ୍ରେଣୀଗୃହ, କ୍ରୀଡା ସରଞ୍ଜାମ, ଶିକ୍ଷୟତ୍ରୀ ଓ ସହାୟିକା ବ୍ୟବସ୍ଥା କରିବା ଏବେ ଆହ୍ୱାନ ହୋଇଛି । ସରକାରୀ ହିସାବ ମୁତାବକ ରାଜ୍ୟରେ ଥିବା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସରକାରୀ ବିଦ୍ୟାଳୟଗୁଡିକରେ ୫୩,୫୬୧ଟି ଶିକ୍ଷକ ପଦବୀ ଖାଲି ପଡିଛି । କେବଳ ସେତିକି



ନୁହେଁ, ଏଠାରେ ୨୦ହଜାରରୁ ଅଧିକ ପ୍ରଧାନ ଶିକ୍ଷକ ପଦବୀ ମଧ୍ୟ ଖାଲି ପଡିଛି । ୨୦୨୪-୨୫ ବର୍ଷରେ ରାଜ୍ୟରେ ୨୭,୧୭୫ଟି ପ୍ରାଥମିକ ବିଦ୍ୟାଳୟ ରହିଥିଲା ଯେଉଁଥିରୁ ୨୬,୮୯୦ଟି ସରକାରୀ ବିଦ୍ୟାଳୟ ଥିବାବେଳେ ୨୮୫ଟି ହେଉଛି ଅନୁଦାନପ୍ରାପ୍ତ ବିଦ୍ୟାଳୟ । ସେହିଭଳି ଓଡିଶାରେ ଥିବା ୧୭,୦୪୬ ଟି ଉଚ୍ଚପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ୧୫,୬୬୩ଟି ସରକାରୀ ବିଦ୍ୟାଳୟ ଥିବାବେଳେ ୧୩୮୩ ଟି ହେଉଛି ସାହାଯ୍ୟପ୍ରାପ୍ତ ଶିକ୍ଷାନୁଷ୍ଠାନ । ସେହିପରି ଆମ ରାଜ୍ୟରେ ୮୪୧୬ଟି ମାଧ୍ୟମିକ ଓ ୧୬୭୫ଟି ଉଚ୍ଚ ମାଧ୍ୟମିକ (ଯୁକ୍ତ ଦୁଇ) ବିଦ୍ୟାଳୟ ରହିଛି । ଏଗୁଡିକ ମଧ୍ୟରୁ ୫୦୭୯ଟି ସରକାରୀ ହାଇସ୍କୁଲ ଥିବାବେଳେ ୮୮୨ଟି ହେଉଛି ସରକାରୀ ଯୁକ୍ତ ଦୁଇ ଶିକ୍ଷାନୁଷ୍ଠାନ । ଏସବୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ ଚାଲୁଛି । ରାଜ୍ୟର ହାଇସ୍କୁଲଗୁଡିକରେ ମଧ ପ୍ରାୟ ୨୧ହଜାରରୁ ଅଧିକ ଶିକ୍ଷକ ପଦବୀ ଖାଲି ପଡିଛି । ଏଥି ମଧ୍ୟରୁ ତାଲିମପ୍ରାପ୍ତ ଗ୍ରାଜୁଏଟ ବିଜ୍ଞାନ ଶିକ୍ଷକ ପଦବୀ ହେଉଛି ୧୪ ହଜାରରୁ ଅଧିକ । ସଂଖ୍ୟାଧିକ ହାଇସ୍କୁଲରେ ବି ନିୟମିତ ପ୍ରଧାନଶିକ୍ଷକ ନାହାନ୍ତି । ଭାରପ୍ରାପ୍ତ ପ୍ରଧାନଶିକ୍ଷକମାନେ ବହୁ ସ୍ଥଳରେ ଯୁକ୍ତ ଦୁଇ, ହାଇସ୍କୁଲ, ଉଚ୍ଚପ୍ରାଥମିକ ବିଦ୍ୟାଳୟ ଓ ପ୍ରାଥମିକ ବିଦ୍ୟାଳୟ ପରିଚାଳନା ଦାୟିତ୍ୱରେ ରହୁଛନ୍ତି । ଏଭଳି ସ୍ଥିତିରେ ଗଣିତ, ବିଜ୍ଞାନ, ଇଂରାଜୀ ଆଦି ବିଷୟ ପଢାଇବା ବହୁ ହାଇସ୍କୁଲରେ ଅସମ୍ଭବପର ହୋଇପଡିଛି । ଫଳରେ କେଉଁଠି ସଂସ୍କୃତ, ହିନ୍ଦୀ କିମ୍ବା କ୍ରୀଡା ଶିକ୍ଷକଙ୍କୁ ବି ଏହି ଶ୍ରେଣୀ ଦାୟିତ୍ୱ ଦିଆଯାଉଛି । ରାଜ୍ୟରେ ଥିବା ସରକାରୀ ବିଏଡ୍ ? ଓ ସିଟି ଶିକ୍ଷାନୁଷ୍ଠାନଗୁଡିକରେ ମଧ୍ୟ ଶିକ୍ଷକ ମରୁଡି ଅବସ୍ଥା ଅତି ଭୟଙ୍କର ସ୍ଥିତିରେ ରହିଛି । ଯେଉଁ ଶିକ୍ଷାନୁଷ୍ଠାନଗୁଡିକ ଉପରେ ଗୁଣାତ୍ମକ ମାନର ଶିକ୍ଷକ ସୃଷ୍ଟି ପାଇଁ ଦାୟିତ୍ୱ ରହିଛି ସେଗୁଡିକରେ ତାଲିମ ଦେବାପାଇଁ ପର୍ଯ୍ୟାପ୍ତ ସଂଖ୍ୟକ ଦକ୍ଷ ଶିକ୍ଷକ ନଥିବାରୁ ବସ୍ତୁତଃ ମୂଳଦୂଆ ଖଇଚା ହୋଇଯାଉଛି । ବିଦ୍ୟାଳୟଗୁଡିକରେ ଆବଶ୍ୟକ ସଂଖ୍ୟକ ପ୍ରଧାନ ଶିକ୍ଷକ ଓ ଶିକ୍ଷକ ନଥିବାବେଳେ ପାଠପଢା ଅପେକ୍ଷା ମଧ୍ୟାହ୍ନଭୋଜନ, ପାଠ୍ୟ ଉପକରଣ ଓ ପୋଷାକ ବଣ୍ଟନ ଏବଂ ଜନଗଣନା ଠାରୁ ଭୋଟର ତାଲିକା ସଂଶୋଧନ ପର୍ଯ୍ୟନ୍ତ ବିଭିନ୍ନ ଦାୟିତ୍ୱ ରହୁଥିବା ପରିପ୍ରେକ୍ଷୀରେ ପାଠପଢା ବାଧାପ୍ରାପ୍ତ ହେବା ସ୍ୱାଭାବିକ ।

# କୋବି ପରଟା

ଆସନ୍ତୁ ଜାଣିବା କିପରି ଭିନ୍ନ ଅନ୍ଦାଜରେ ପ୍ରସ୍ତୁତ କରିବା କୋବି ପରଟା ।

ଆବଶ୍ୟକୀୟ ସାମଗ୍ରୀ: ଅଟା-୨୫୦ ଗ୍ରାମ, ତେଲ -୨ଚାମଚ, ଲୁଣ-ସ୍ୱାଦ ଅନୁସାରେ, କୋବି-୧ଟି ଛୋଟ ଛୋଟ କଟାଯାଇଥିବା, ୬-ହଳଦୀ, ୭- ଧନିଆ ପାଉଡର, ୮- ଜିରା ବା ଜୁଆଣୀ, ୯- ଧନିଆ ପତ୍ର, ୧୦- ଆମଚୁର ପାଉଡର

ପ୍ରସ୍ତୁତ ପ୍ରଣାଳୀ

ଏଗୁଡିକୁ ଭଲ ଭାବେ ମିଶାଇ ଏକ ଅଟା ଚକଟା ପ୍ରସ୍ତୁତ କରନ୍ତୁ । ଚକଟିବା ପରେ ୨୦ରୁ ୩୦ ମିନିଟ ପାଇଁ ଛାଡି ଦିଅନ୍ତୁ । ଏବେ ବନ୍ଧା କୋବିରୁ ଉପର ତ୍ୱଚାକୁ ବାହାର କରି ଦିଅନ୍ତୁ । ଏବେ ୫ରୁ ୧୦ ମିନିଟ ଗରମ ପାଣିରେ ପକାନ୍ତୁ । ଏବେ ଏକ ପ୍ୟାନ ଗରମ କରି ସେଥିରେ ଏକ ଚାମଚ ତେଲ ଦିଅନ୍ତୁ । ଏବେ ସେଥିରେ ଛୋଟ ଚାମଚ କରି ସେଥିରେ ଛୋଟ ଚାମଚ ଜୁଆଣୀ ବା ଜିରା ଫୁଟାନ୍ତୁ ।



ଖବର

# ସାମ୍ନାକୁ ଆସିଲା 'କକଟେଲ ୨' ଫିଲ୍ମର ପ୍ରଥମ ପୋଷ୍ଟର



ବଲିଉଡ ଫିଲ୍ମ 'କକଟେଲ ୨'କୁ ନେଇ ଫ୍ୟାନ୍ସଙ୍କ ମଧ୍ୟରେ ଉତ୍ସାହ ବଢ଼ିବାରେ ଲାଗିଛି ।ନିର୍ଦ୍ଦେଶକ ଫିଲ୍ମର ଫାଷ୍ଟ ଲୁକ୍ ସେୟାର କରିବା ସହିତ ଟିଜର ରିଲିଜ ସମ୍ପର୍କରେ ଅପଡେଟ୍ ଦେଇଛନ୍ତି । ଯେଉଁଥିରେ ଶାହିଦ କପୁର, ରଶ୍ମିକା ମନ୍ଦାନା ଏବଂ କ୍ରିତି ସାନନଙ୍କ ଫାଷ୍ଟ ଲୁକ୍ ଦେଖିବାକୁ ମିଳିଛି । ଯାହା ସୋସିଆଲ ମିଡିଆରେ ହଇଚଇ ସୃଷ୍ଟି କରିଛି ।ଏହି ଫିଲ୍ମ ପୋଷ୍ଟରରେ ଶାହିଦ କପୁର, ରଶ୍ମିକା ମନ୍ଦାନା ଏବଂ କ୍ରିତି ସାନନଙ୍କୁ ଏକ କାରରେ ସମୁଦ୍ର କୂଳରେ ନଜର ଆସିଛନ୍ତି ।ଯାହା ଫିଲ୍ମର ମାହୋଲକୁ ମସ୍ତିରେ ଭରପୂର କରିଦେଇଥିଲା ଯ ହୋମି ଆଦାଜାନିଆଙ୍କ ନିର୍ଦ୍ଦେଶିତ ଫିଲ୍ମର ଟିଜର ସମ୍ପର୍କରେ ମଧ୍ୟ ଏକ ବଡ଼ ଅପଡେଟ୍ ସାମ୍ନାକୁ ଆସିଛି । ଫାଷ୍ଟ ଲୁକରେ ରଶ୍ମିକା ମଣ୍ଡାଓ୍ଵା ଏକ ଧଳା ଡ୍ରେସ୍ ଏବଂ ସନଗ୍ଲାସ୍ ପିନ୍ଧି ଏକ କାରରୁ ଭିଡିଓ ସୁଟିଂ କରୁଥିବାର ଦେଖିବାକୁ ମିଳିଛି । ଶାହିଦ କପୁର ଏକ ରଙ୍ଗୀନ ସାର୍ଟ ପିନ୍ଧିଛନ୍ତି ଏବଂ ତାଙ୍କ ପଛରେ ସୂର୍ଯ୍ୟ ଅସ୍ତ ହେଉଥିବା ନଜର ଆସିଛନ୍ତି ଯ ସେହିପରି କ୍ରିତି ସାନନଙ୍କ ପାଦରେ ଏକ ଟାଟୁ ହୋଇଥିବାର ଦେଖିବାକୁ ମିଳିଛି । ଏହାରି ମଧ୍ୟରେ ତିନିଜଣ ପୋଷ୍ଟର ସେୟାର କରିବା ସହ ୧୮ ମାର୍ଚ୍ଚରେ ଥିଏଟର ଯିବାକୁ ସେୟାର କରିଥିବା ପୋଷ୍ଟରେ ଲେଖିଛନ୍ତି । ଯାହା ଦର୍ଶକଙ୍କ ଉତ୍ସାହକୁ ଦ୍ୱିଗୁଣିତ କରି ଦେଇଛି ।

# ଗଣେଶଙ୍କ ପୂଜାରେ କାହିଁ ଲଗାନ୍ତିନି ତୁଳସୀ

ରାମ-ସୀତା, ରାଧା-କୃଷ୍ଣ, ଶିବ-ପାର୍ବତୀ ଆଦି ଯୁଗଳ ନାମ ପରି ଅବଶ୍ୟ କେବେ ଦେଖିବାକୁ ମିଳିନାହିଁ ଗଣେଶ ଓ ତୁଳସୀଙ୍କ ନାମ। ମାତ୍ର ଗଣେଶଙ୍କୁ ତୁଳସୀ ଯେ ଏକତରଫା ଭାବେ ଭଲପାଇ ବସିଥିଲେ ତାହା ହୁଏତ ଆପଣ ଜାଣିଥିବେ। ଆଜି ଆମେ ଆଲୋଚନା କରିବା ସେହି ଅଭୁଲା ଏକତରଫା ପ୍ରେମ କାହାଣୀ ସଂପର୍କରେ। ଧର୍ମରାଜଙ୍କ ଝିଅ ତୁଳସୀ ବିଷ୍ଣୁଙ୍କର ପରମ ଭକ୍ତ ଥିଲେ। ସେ ଗଙ୍ଗାନଦୀ କୂଳରେ ଏକ ଗୃହରେ ରହି ବିଷ୍ଣୁଙ୍କ ପୂଜା କରୁଥିଲେ। ଦିନେ ଶିବଙ୍କ ପୁତ୍ର ଗଣେଶ ସେଇ ବାଟ ଦେଇ ଅତିକ୍ରମ କଲେ। ଗଣେଶଙ୍କୁ ଦେଖି ତୁଳସୀ ତାଙ୍କୁ ପ୍ରେମ କରି ବସିଲେ। ସେ ଗଣେଶଙ୍କୁ ଯାଇ ପ୍ରେମ ନିବେଦନ କରିବା ସହ ତାଙ୍କୁ ବିବାହ କରିବାକୁ ଚାହାନ୍ତି ବୋଲି କହିଲେ। ମାତ୍ର ଗଣେଷ ବିନମ୍ରର ସହ ତୁଳସୀଙ୍କ ପ୍ରସ୍ତାବକୁ ପତ୍ୟାଖ୍ୟାନ କରି ସେ ତାଙ୍କ ମାଆ ପାର୍ବତୀଙ୍କ ପରି ଜୀବନସାଥୀ ଚାହାନ୍ତି ବୋଲି କହିଲେ। ଗଣେଶଙ୍କର ଏପରି ସିଧାସଳଖ ପ୍ରାତ୍ୟାଖ୍ୟାନ ଟିକେ ତୁଳସୀଙ୍କୁ ଲଜ୍ଜିତ କଲା। ସେ ଗଣେଶଙ୍କୁ ଏକ ଅଭିଶାପ ଦେଲେ। କହିଲେ ଯେ ତୁମେ ତୁମ ଇଚ୍ଛା ବିରୋଧରେ ବିବାହ କରିବ। ଗଣେଶ ତୁଳସୀଙ୍କ ଅଭିଶାପ ଶୁଣି କ୍ଷୁବ୍ଧ ହୋଇଗଲେ। ସେ ତାଙ୍କୁ ଓଲଟା ଅଭିଶାପ ଦେଇ କହିଲେ, ତୁମେ ଜଣେ ଅସୁରକୁ ବିବାହ କରିବ। ତୁଳସୀ ଗଣେଶଙ୍କୁ ନିଜ ଅଭିଶାପ ପାଇଁ କ୍ଷମା ମାଗିବା ସହ ତାଙ୍କ ଅଭିଶାପ ଫେରାଇ ନେବାକୁ ପ୍ରାର୍ଥନା କଲେ। ଗଣେଶ କହିଲେ ଯେ କେବଳ ବିଷ୍ଣୁ ଚାହିଁଲେ ତୁମକୁ ଏହି ଅଭିଶାପରୁ ମୁକ୍ତ କରିପାରିବେ। ତୁମେ ତାଙ୍କ ପୂଜାରେ ଲାଗିବ, ଏକ ଗଛ ହୋଇ। ମାତ୍ର ମୋ ପୂଜାରେ ତୁମେ କେବେ ବି ଲାଗିବ ନାହିଁ। ସେବେଠାରୁ ତୁଳସୀ ଅନ୍ୟ ସମସ୍ତ ଠାକୁରଙ୍କ ଦେହରେ ଲାଗି ହେଉଥିବା ବେଳେ ଗଣେଶଙ୍କ ପାଖେ ହୋଇନଥାଏ।

# ହନୁମାନଙ୍କୁ ମାତା ସୀତାଙ୍କ ବରଦାନ

ମାତା ସୀତାଙ୍କୁ ଖୋଜିବା ପାଇଁ ଲଙ୍କାରେ ପହଞ୍ଚିବା ପରେ ହନୁମାନ ପ୍ରଥମେ ଲଙ୍କିନୀ ନାମ୍ନୀ ରାକ୍ଷସୀକୁ ଭେଟିଲେ । ହନୁମାନ ତା'କୁ ପରାଜିତ କରିଦେଲେ । ଏହାପରେ ସେ ମାତା ସୀତାଙ୍କୁ ଖୋଜିବାକୁ ଲାଗିଲେ । ହନୁମାନ ଏହି ସମୟରେ ରାବଣର କନିଷ୍ଠ ଭ୍ରାତା ବିଭୀଷଣଙ୍କୁ ଭେଟିଲେ । ସେ ମଧ୍ୟ ରାମ ଭକ୍ତ ଥିଲେ । ସେ ହନୁମାନଙ୍କୁ ମାତା ସୀତାଙ୍କ ଠିକଣା କହିଦେଲେ । ହନୁମାନ ଯାଇ ଅଶୋକ ବାଟିକାର ସେହି ବୃକ୍ଷରେ ବସିଗଲେ, ଯେଉଁ ବୃକ୍ଷ ମୂଳେ ମାତା ସୀତା ବସିଥିଲେ । ମାତା ସୀତା ଶୋକ କରୁଥିବା ହନୁମାନ ଦେଖିଲେ । ସେ ତଳକୁ ଆସିଲେ ଏବଂ ଶ୍ରୀରାମଙ୍କ ଆଙ୍ଗୁଠି ମାତା ସୀତାଙ୍କୁ ଦେଲେ । ପ୍ରଭୁଙ୍କ ଆଙ୍ଗୁଠି ଦେଖି ମାତା ଆଶ୍ଚର୍ଯ୍ୟ ହୁଅନ୍ତେ, ହନୁମାନ ତାଙ୍କୁ ନିଜର ପରିଚୟ ଦେଲେ । ହନୁମାନ କହିଲେ ଯେ ମାତା ଖୁବ୍‌ଶୀଘ୍ର ଶ୍ରୀରାମ ଆପଣଙ୍କୁ ନେବା ପାଇଁ ଆସିବେ । ହନୁମାନଙ୍କ ପ୍ରିୟ ବଚନ ଶୁଣି ମାତା ସୀତା ତାଙ୍କୁ ନିଜ ପୁତ୍ର ରୂପରେ ସ୍ୱୀକାର କଲେ ଏବଂ ତାଙ୍କୁ ଅମରତ୍ୱର ବରଦାନ ପ୍ରଦାନ କରିଥିଲେ । ପୂର୍ବରୁ ଦେବଗଣଙ୍କ ଠାରୁ ଅମର ବର ପାଇଥିବା ହନୁମାନ ଜଗଜ୍ଜନନୀଙ୍କ ଠାରୁ ପୁଣି ଥରେ ସେହି ବର ପାଇ ଧନ୍ୟ ହେଲେ ।



# ବ୍ରହ୍ମାଙ୍କ ବଂଶ

ହିନ୍ଦୁ ଧର୍ମର ପ୍ରମୁଖ ଦେବତାଙ୍କ ମଧ୍ୟରେ ବ୍ରହ୍ମା ପରିଗଣିତ ହୋଇଥା'ନ୍ତି। ସେ ହିନ୍ଦୁମାନଙ୍କ ତିନି ପ୍ରମୁଖ ଦେବତା ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱରଙ୍କ ମଧ୍ୟରୁ ଅନ୍ୟତମ। ଭଗବାନ ବିଷ୍ଣୁଙ୍କ ନାଭିରୁ ଯାଇଥିବା ପଦ୍ମରୁ ବ୍ରହ୍ମାଙ୍କ ଉତ୍ପତ୍ତି ହୋଇଥିଲା। ବ୍ରହ୍ମାଙ୍କୁ ସୃଷ୍ଟିର ରଚୟିତା ବୋଲି କୁହାଯାଇଛି। ସେ ଜୀବଜନ୍ତୁଙ୍କ ସୃଷ୍ଟି କରିଥିଲେ। ପ୍ରମୁଖ ଦେବତା ହୋଇଥିଲେ ମଧ୍ୟ ତାଙ୍କ ପୂଜା ଖୁବ କମ ହୋଇଥାଏ। ଏହାର ଭିନ୍ନ ଭିନ୍ନ କାରଣ ରହିଛି। ପ୍ରଥମତଃ ସେ ସରସ୍ୱତୀଙ୍କ ଠାରୁ ଅଭିଶାପ ପାଇଥିଲେ, ଦ୍ୱିତୀୟରେ ଭଗବାନ ଶିବଙ୍କୁ ଅସତ୍ୟ କହିଥିବା କାରଣରୁ ବ୍ରହ୍ମାଙ୍କ ପୂଜା ବର୍ଜିତ ହୋଇଥିବା ମଧ୍ୟ ପୁରାଣରେ ଉଲ୍ଲେଖ ରହିଛି। ବ୍ରହ୍ମାଙ୍କର ଏକମାତ୍ର ତଥା ପ୍ରମୁଖ ମନ୍ଦିର ରାଜସ୍ଥାନର ପୁଷ୍କର ନାମକ ସ୍ଥାନରେ ରହିଛି। ଅନେକ ଲୋକ ବ୍ରହ୍ମାଙ୍କୁ 'ବ୍ରହ୍ମ' ବୋଲି ଭୁଲବଶତଃ କହିଥା'ନ୍ତି। ବାସ୍ତବରେ 'ବ୍ରହ୍ମ' ଶବ୍ଦର ଅର୍ଥ ହେଉଛି 'ଈଶ୍ୱର'। ପୁରାଣରେ ବ୍ରହ୍ମାଙ୍କ ମାନସ ପୁତ୍ରଙ୍କ ବିଷୟରେ ଉଲ୍ଲେଖ



ରହିଛି। ବ୍ରହ୍ମାଙ୍କ ମନରୁ ମରିଚି, ନେତ୍ରରୁ ଅତ୍ରି, ମୁଖରୁ ଅଙ୍ଗିରସ, କାନରୁ ପୁଲସ୍ତ୍ୟ, ନାଭିରୁ ପୁଲହ, ହାତରୁ କ୍ରତୁ, ଚର୍ମରୁ ଭୃଗୁ, ପ୍ରାଣରୁ ବଶିଷ୍ଠ, ଆଙ୍ଗୁଠିରୁ ଦକ୍ଷ, ଛାଇରୁ କନ୍ଦର୍ପ, କୋଳରୁ ନାରଦ, ଇଚ୍ଛାରୁ ସନକ, ସନନ୍ଦନ, ସନାତନ, ସନତକୁମାର ଏବଂ ଶରୀରରୁ ସ୍ୱୟମ୍ଭୁ ମନୁ, ଧ୍ୟାନରୁ ଚିତ୍ରଗୁପ୍ତ ଆଦି ପ୍ରକଟ ହୋଇଥିଲେ। ପୁରାଣରେ ବ୍ରହ୍ମା-ପୁତ୍ରମାନଙ୍କୁ "ବ୍ରହ୍ମ ଆତ୍ମା ବୈ ଜାୟତେ ପୁତ୍ର" ବୋଲି କୁହାଯାଇଛି। ବ୍ରହ୍ମା ସର୍ବପ୍ରଥମେ ଯେଉଁ ଚାରି ଜଣ ପୁତ୍ର-ସନକ, ସନନ୍ଦନ, ସନାତନ ଏବଂ ସନତକୁମାରଙ୍କୁ ସୃଷ୍ଟି କରିଥିଲେ, ସେମାନଙ୍କର ସୃଷ୍ଟି ରଚନା କାର୍ଯ୍ୟରେ କୌଣସି ରୁଚି ନଥିଲା। ସେମାନେ ବ୍ରହ୍ମଚର୍ଯ୍ୟ ପାଳନ କରି ବ୍ରହ୍ମତତ୍ତ୍ୱରେ ମଗ୍ନ ହୋଇଗଲେ। ଏପରି ବୀତରାଗ ପୁତ୍ରମାନଙ୍କର ନିରପେକ୍ଷ ବ୍ୟବହାର ଦେଖି ବ୍ରହ୍ମାଙ୍କୁ ଅତ୍ୟନ୍ତ କ୍ରୋଧ ଉତ୍ପନ୍ନ ହେଲା। ବ୍ରହ୍ମାଙ୍କ ସେହି କ୍ରୋଧରୁ ଏକ ପ୍ରଚଣ୍ଡ ଜ୍ୟୋତି ଜନ୍ମ ନେଲା। ସେହି ସମୟରେ କ୍ରୋଧରେ ଜଳୁଥିବା ବ୍ରହ୍ମାଙ୍କ ମସ୍ତକରୁ ଅର୍ଦ୍ଧନାରୀଶ୍ୱର ରୁଦ୍ର ଉତ୍ପନ୍ନ ହେଲେ। ବ୍ରହ୍ମା ସେହି ଅର୍ଦ୍ଧନାରୀଶ୍ୱର ରୁଦ୍ରଙ୍କୁ ସ୍ତ୍ରୀ ଏବଂ ପୁରୁଷ ଦୁଇ ଭାଗରେ ବିଭକ୍ତ କଲେ। ପୁରୁଷଙ୍କ ନାମ 'କା' ଏବଂ ସ୍ତ୍ରୀଙ୍କ ନାମ 'ୟା' ରଖାଗଲା। ପ୍ରଜାପତ୍ୟ କଳ୍ପରେ ବ୍ରହ୍ମା ଏହି ପୁରୁଷ ଏବଂ ସ୍ତ୍ରୀଙ୍କୁ ସ୍ୱୟମ୍ଭୁ ମନୁ ଏବଂ ସ୍ତ୍ରୀଙ୍କୁ ଶତରୂପା ରୂପରେ ପ୍ରକଟ କଲେ। ଏହି ଦୁହିଁଙ୍କ ଠାରୁ ପ୍ରିୟବ୍ରତ, ଉତ୍ତାନପାଦ, ପ୍ରସୂତି ଏବଂ ଆକୂତି ନାମରେ ସନ୍ତାନ ଜନ୍ମ ନେଲେ। ଏହାପରେ କନ୍ୟା ଆକୂତିଙ୍କ ବିବାହ ରୁଚିଙ୍କ ସହିତ ଏବଂ ପ୍ରସୂତିଙ୍କ ବିବାହ ଦକ୍ଷଙ୍କ ସହିତ ହୋଇଗଲା। ଦକ୍ଷ-ପ୍ରସୂତିଙ୍କ ଠାରୁ ୨୪ କନ୍ୟା ଜନ୍ମ ନେଲେ। ସେମାନଙ୍କ ମଧ୍ୟରୁ ଶ୍ରଦ୍ଧା, ଲକ୍ଷ୍ମୀ, ପୁଷ୍ଟି, ଧୃତି, ତୁଷ୍ଟି, ମେଧା, କ୍ରିୟା, ବୁଦ୍ଧି, ଲଜ୍ଜା, ବପୁ, ଶାନ୍ତି, ଋଦ୍ଧି ଏବଂ କିର୍ତ୍ତୀ ଆଦି ୧୩ ଜଣ କନ୍ୟାଙ୍କ ବିବାହ ଧର୍ମଙ୍କ ସହିତ ହୋଇଥିଲା ଏବଂ ଏହାପରେ ଭୃଗୁଙ୍କ ସହିତ ଖ୍ୟାତି, ଶିବଙ୍କ ସହିତ ସତୀ, ମରିଚିଙ୍କ ସହିତ ସମ୍ଭୂତି, ଅଙ୍ଗିରଙ୍କ ସହିତ ସ୍ମୃତି, ପୁଲସ୍ତ୍ୟଙ୍କ ସହିତ ପ୍ରିତି, ପୁଲହଙ୍କ ସହିତ କ୍ଷମା, କୃତିଙ୍କ ସହିତ ସନ୍ତତିଙ୍କର, ଅତ୍ରିଙ୍କ ସହିତ ଅନସୂୟା, ବଶିଷ୍ଠଙ୍କ ସହିତ ଊର୍ଜା, ବହ୍ନିଙ୍କ ସହିତ ସ୍ୱାହା ତଥା ପିତରଙ୍କ ସହିତ ସ୍ୱଧାଙ୍କର ବିବାହ ହେଲା। ପରବର୍ତ୍ତୀ କାଳରେ ଏମାନଙ୍କ ଠାରୁ ହିଁ ସୃଷ୍ଟି ବିକଶିତ ହୋଇଥିଲା।

# ମା' ଲକ୍ଷ୍ମୀଙ୍କ କୃପାଦୃଷ୍ଟି ପଡ଼ିବା ପୂର୍ବରୁ ମିଳେ ଏହିସବୁ ଶୁଭ ସଙ୍କେତ

ଆମ ବାସ୍ତୁ ଶାସ୍ତ୍ରରେ ଶୁଭ ଓ ଅଶୁଭ ସଙ୍କେତ ସମ୍ପର୍କରେ ବିସ୍ତାର ଭାବେ କୁହାଯାଇଛି। ଜୀବନରେ ଘଟିବାକୁ ଥିବା ବିଭିନ୍ନ ଘଟଣା ପୂର୍ବରୁ ଏ ନେଇ କିଛି ସଙ୍କେତ ସଂପୃକ୍ତ ବ୍ୟକ୍ତିଙ୍କୁ ମିଳିଥାଏ। ଏହି ଅନୁସାରେ,



ଧନର ଦେବୀ ମା' ଲକ୍ଷ୍ମୀ ଆପଣଙ୍କ ପ୍ରତି କୃପା କରିବା ପୂର୍ବରୁ କିଛି ସଙ୍କେତ ବି ଦେଇଥା'ନ୍ତି। ଆଜି ଆମେ ଆପଣଙ୍କୁ ଏଭଳି କିଛି ଶୁଭ ସଙ୍କେତ ସମ୍ପର୍କରେ ଜଣାଇବୁ, ଯାହା ଆପଣ ଦେଖିଲେ ଖୁବ୍ ଶୀଘ୍ର ମା' ଲକ୍ଷ୍ମୀଙ୍କ କୃପାଦୃଷ୍ଟି ନିଶ୍ଚୟ ପଡ଼ିବ ବୋଲି ଜାଣିବେ। ଘରେ ସାଧାରଣତଃ ନାଲି ରଙ୍ଗର ପିମ୍ପୁଡି ଦେଖିବାକୁ ପାଇଥାନ୍ତି। ଯଦି ଘରେ ହଠାତ୍ କଳା ପିମ୍ପୁଡି ଦେଖାଗଲେ। ଶୁଭ ମନାଯାଇଥାଏ। ମା' ଲକ୍ଷ୍ମୀଙ୍କ କୃପାଦୃଷ୍ଟି ପଡ଼ିବା ପୂର୍ବର ଏହି ସଂକେତ ଦେଖାଯାଇଥାଏ ।ଆମେ ସମସ୍ତେ ଶୋଇଲା ବେଳେ ସ୍ୱପ୍ନ ଦେଖିଥାନ୍ତି। ଯଦି ସ୍ୱପ୍ନରେ ଆମେ ଶଙ୍ଖ, ଗୋଲାପ ଫୁଲ ଓ ହାତୀକୁ ସ୍ୱପ୍ନରେ ଦେଖିଥାନ୍ତି, ତାହାହେଲେ ତେବେ ବୁଝିଯାଆନ୍ତୁ ଯେ ଆର୍ଥିକ ସମସ୍ୟା ଦୂର ହେବାର ସ୍ପଷ୍ଟ ସଙ୍କେତ ଦେଇଥାଏ।

ଯଦି ଘରେ ଏକା ସାଙ୍ଗରେ ତିନୋଟି ଛିଟିପିଟି ଦେଖାଯାଏ, ତାହା ହେଲେ ଆପଣଙ୍କ ଘରକୁ ମା' ଲକ୍ଷ୍ମୀଙ୍କ ଆଗମନର ସଙ୍କେତ ଦେଇଥାଏ। ପେଚା ହେଉଛି ମା' ଲକ୍ଷ୍ମୀଙ୍କ ବାହନ। ଏହା ଏତେ ସହଜରେ କାହାରିକୁ ଦେଖାଯାଏ ନାହିଁ। ପେଚାମାନେ ସାଧାରଣତଃ ରାତିର ଅନ୍ଧାରରେ ବାହାରି ଥା'ନ୍ତି। ତେଣୁ ଯଦି ସୌଭାଗ୍ୟବଶତଃ ଆପଣଙ୍କୁ କେଉଁଠି ଧଳା ପେଚା ଦୃଶ୍ୟମାନ ହେଉଛି, ତେବେ ମା' ଲକ୍ଷ୍ମୀ ଆପଣଙ୍କ ଉପରେ

# ଜୈବିକ ଚାଷ ପ୍ରୋତ୍ସାହନ ପାଇଁ ସରକାର ଦେଉଛନ୍ତି ଗୁରୁତ୍ୱ

**ଭୁବନେଶ୍ୱର,୧୪।୩ (ମହାଭାରତ):** ରାଜ୍ୟରେ ଜୈବିକ ଚାଷ ପ୍ରୋତ୍ସାହନ ପାଇଁ ରାଜ୍ୟ ସରକାର ଦେଉଛନ୍ତି ଗୁରୁତ୍ୱ । ବିଧାନସଭା ପ୍ରଶ୍ନକାଳରେ ବିଜେପି ବିଧାୟକ ଦୁର୍ଗା ଚରଣ ତନ୍ତିଙ୍କ ମୌଖିକ ପ୍ରଶ୍ନର ଉତ୍ତର ଦେଇ ସୂଚନା ଦେଲେ ଆଇନ ମନ୍ତ୍ରୀ । ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅନୁପସ୍ଥିତିରେ ଉତ୍ତର ରଖିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ୨୦୨୫-୨୬ରେ ରାଜ୍ୟ ସରକାର ବଳଭଦ୍ର ଜୈବିକ ଚାଷ ମିଶନ ଯୋଜନା ଆରମ୍ଭ କରିଛନ୍ତି । ଏହି ଯୋଜନାରେ ୨୦୨୫-୨୬ରୁ ୨୦୨୯-୩୦ ଯାଏଁ ୫ ବର୍ଷ ଭିତରେ ୧୧ଟି ଜିଲ୍ଲାର ୯୦ ହଜାର ୬୭୦ ହେକ୍ଟର ଜମିରେ ଯୋଜନାକୁ କାର୍ଯ୍ୟକାରୀ କରାଯିବ । ଜମିରେ ଗ୍ରାମୀଣ ଖତ, ଜିଆ ଖତ, ସବୁଜ ଖତ, ଆଯୋଲା, ନୀଳ ହରିତ ଶୈବାଳ ବ୍ୟବହାର କରାଯିବ । ଏହାଦ୍ୱାରା ଚାଷୀଙ୍କ ଉତ୍ପାଦନ କ୍ଷେତ୍ରରେ ଖର୍ଚ୍ଚ କମିବ ଏବଂ ଆୟ ବଢ଼ିବ ।

ବଳଭଦ୍ର ଜୈବିକ ଚାଷ ମିଶନ ଅନ୍ତର୍ଗତ ଦୁଇଟି ଯୋଜନା କାର୍ଯ୍ୟକ୍ରମରେ ହେଉଛି । ପ୍ରଥମଟି ହେଉଛି ଅମୃତ ଅନ୍ନ ଯୋଜନା । ଯେଉଁଥିରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କୋଠ ଭୋଗ ଏବଂ ମହାପ୍ରସାଦ ପାଇଁ ରସାୟନ ମୁକ୍ତ ଜୈବିକ ସୁଗନ୍ଧିତ ଚାଉଳ ଏବଂ ଡାଲି ଯୋଗାଇ ଦିଆଯାଉଛି । ଏଥିପାଇଁ ମୋଟ ୨୨୦ ହେକ୍ଟର ଜମିରେ ଗୋବିନ୍ଦଭୋଗ ଝିଲ୍ଲି ଧାନ ଏବଂ ୫୦ ହେକ୍ଟର ଜମିରେ ଦେଶୀ ମୁଗ ଚାଷ ହେଉଛି । ଦ୍ୱିତୀୟ ଯୋଜନା ଅଧିନରେ ୮ଟି ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି । ଯେଉଁଥିରେ ୨୬ ହଜାର ୮୭୨ ଜଣ ହିତାଧିକାରୀଙ୍କୁ ନେଇ ୧୬ ହଜାର ୬୦୦ ହେକ୍ଟର ଜମିରେ ଜୈବିକ ଚାଷ ଆରମ୍ଭ ହୋଇଛି । ଜୈବିକ ଚାଷ ପାଇଁ ୧୧ଟି ଜିଲ୍ଲାର ୧୬ ହଜାର ୮୭୦ ହେକ୍ଟର ଜମିକୁ ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା ମାଧ୍ୟମରେ ସାର୍ଟିଫାଏ କରାଯାଇଛି । ଏହାସହ କେନ୍ଦ୍ର ସରକାରଙ୍କ ପରମ୍ପରାଗତ କୃଷି ବିକାଶ ଯୋଜନା ଏବଂ ନ୍ୟାସନାଲ ମିଶନ ଅନ୍ ନେଚୁରାଲ୍ ଫାର୍ମିଂ ଯୋଜନା ମଧ୍ୟ କାର୍ଯ୍ୟକାରୀ ହେଉଛି । ବଳଭଦ୍ର ଜୈବିକ ଚାଷ ମିଶନରେ ୧୬ ହଜାର ୮୭୦ ହେକ୍ଟର, ପିକେବିୱାଇରେ ୬ ହଜାର ୫୦୦ ହେକ୍ଟର, ଏମଏନଏମଏଫରେ ୨୪ ହଜାର ୧୫୦ ହେକ୍ଟର, ଏପରି ଭାବେ ମୋଟ ୪୭ ହଜାର ୫୨୦ ହେକ୍ଟର ଜମିରେ ଅର୍ଗାନିକ ଫାର୍ମିଂ ହେଉଛି । ଚଳିତ ବର୍ଷ ୨୭ ହଜାର ୭୨୧ ଚାଷୀ ଚାଷ କରୁଛନ୍ତି । ଏଥିପାଇଁ ସରକାରଙ୍କ ତରଫରୁ ୩୮.୫୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଯେଉଁଥିରୁ ଜାନୁଆରୀ ମାସ ସୁଦ୍ଧା ୧୩.୨୩ କୋଟି ଟଙ୍କା ବିନିଯୋଗ କରାଗଲାଣି । ଆଗାମୀ ୫ ବର୍ଷ ଭିତରେ ୯୧.୩୪ କୋଟି ଟଙ୍କା ଖର୍ଚ୍ଚ କରିବେ ସରକାର । ଜୈବିକ ଚାଷ ପାଇଁ ଜମିକୁ ପ୍ରସ୍ତୁତ କରିବାକୁ ୩ ବର୍ଷ ସମୟ ଲାଗେ । ସେଥିପାଇଁ ଚାଷୀଙ୍କୁ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି ରାଜ୍ୟ ସରକାର । ପ୍ରଥମ ବର୍ଷ ପାଇଁ ହେକ୍ଟର ପିଛା ୧୨ ହଜାର ୫୦୦ ଟଙ୍କା, ଦ୍ୱିତୀୟ ବର୍ଷ ୧୦ ହଜାର ଟଙ୍କା, ତୃତୀୟ ବର୍ଷ ୭ ହଜାର ୫୦୦ ଟଙ୍କା ଦିଆଯାଉଛି ।

# କଟକ, ସୁନ୍ଦରଗଡ଼ ଜିଲ୍ଲାରେ ସାମୂହିକ ବିବାହ

**ଭୁବନେଶ୍ୱର,୧୪।୩ (ମହାଭାରତ):** ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆର୍ଥିକ ଅନଗ୍ରସର ପରିବାରଗୁଡ଼ିକୁ ସାମାଜିକ ସହାୟତା ପ୍ରଦାନ କରିବା ପାଇଁ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' କୁ ଅଧିକ ସୁଦୃଢ଼ କରାଯାଇଛି । ଏହି ପରିପ୍ରେକ୍ଷୀରେ, ଗୁରୁବାର ଦିନ କଟକ ଏବଂ ସୁନ୍ଦରଗଡ଼ରେ ଜିଲ୍ଲା ସ୍ତରୀୟ ସାମୂହିକ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କଟକରେ ଆୟୋଜିତ ଜିଲ୍ଲା ସ୍ତରୀୟ ସାମୂହିକ ବିବାହ ଉତ୍ସବରେ ଯୋଗଦେଇ ମହିଳା ଓ ଶିଶୁ ବିକାଶ ବିଭାଗର ଦାୟିତ୍ୱରେ ଥିବା ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କେବଳ ଏକ ଆର୍ଥିକ ସହାୟତା ପ୍ରଦାନ ଯୋଜନା ନୁହେଁ, ବରଂ ବାଲ୍ୟ ବିବାହ ଏବଂ ଯୌତୁକ ପ୍ରଥା ବିରୋଧରେ ଏହା ଏକ ଦୃଢ଼ ସାମାଜିକ ପଦକ୍ଷେପ। ଏହି ଯୋଜନା ଜୀବନର ଏକ ନୂତନ ପର୍ଯ୍ୟାୟ



ଆରମ୍ଭ କରୁଥିବା ଯୁବତୀମାନଙ୍କ ପାଇଁ ମର୍ଯ୍ୟାଦା, ସୁରକ୍ଷା ଏବଂ ସାମାଜିକ ସ୍ୱୀକୃତି ସୁନିଶ୍ଚିତ କରେ ।ଏହି ଯୋଜନା ବିଧବା ବିବାହ କୁ ମଧ୍ୟ ପ୍ରୋତ୍ସାହନ ଦିଏ । କଟକରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସମ୍ପ୍ରଦାୟର ୫୫ ଜଣ ଦମ୍ପତି ଜନପ୍ରତିନିଧିଙ୍କ ସହ ଏହି ମାଙ୍ଗଳିକ କାର୍ଯ୍ୟରେ କଟକ ସଦରର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡ. ମୃଣାଳିନୀ ଦର୍ସୱାଲ, ବିଭାଗର ନିର୍ଦ୍ଦେଶିକା ଶ୍ରୀମତୀ ମୋନିଷା ବାନାର୍ଜୀ, ବିଭାଗର ଅନ୍ୟ ଅଧିକାରୀଗଣ, କଟକର ଜିଲ୍ଲାପାଳ ଶ୍ରୀ ଦତାତ୍ରେୟ ଭାଉସାହେବ ସିନ୍ଦେ, ସିଏମ୍‌ସି କମିଶନର ସୁଶ୍ରୀ କିରନଦୀପ କୌର ସହୋତା ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଗଣ ଉପସ୍ଥିତ ଥିଲେ । ଉପ-ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବେ ନବଦମ୍ପତିଙ୍କ ସହ ଆଲୋଚନା କରି ସେମାନଙ୍କୁ ଆଶୀର୍ବାଦ ପ୍ରଦାନ କରିବା ସହ ପାରସ୍ପରିକ ସମ୍ମାନ, ବୁଝାମଣା ଏବଂ ସମାନତା ଭିତିରେ ପରିବାର ଗଠନ କରିବାକୁ ପରାମର୍ଶ ଦେଇଛନ୍ତି। ସେହିପରି ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଶଙ୍କର ସ୍ଥିତ କଲ୍ୟାଣ ମଣ୍ଡପଠାରେ ମଧ୍ୟ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ଏକ ଜିଲ୍ଲା ସ୍ତରୀୟ ସାମୂହିକ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ର ଏହି କାର୍ଯ୍ୟକ୍ରମରେ ୬୧ ଜଣ ଦମ୍ପତି ପାରମ୍ପରିକ ରୀତିନୀତି ଅନୁଯାୟୀ ବିବାହ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଡକ୍ଟର ଶୁଭଙ୍କର ମହାପାତ୍ର ,ଜିଲ୍ଲାପାଳ, ସୁନ୍ଦରଗଡ଼, ଶ୍ରୀମତୀ ତନୟା ମିଶ୍ର, ଅଧକ୍ଷା, ସୁନ୍ଦରଗଡ଼ ପୌରପାଳିକା, ଶ୍ରୀମତୀ ତେଜସ୍ୱିନୀ ବେହେରା, ଉପ-ଜିଲ୍ଲାପାଳ, ଶ୍ରୀ ସୂରଜ କୁମାର ପଟ୍ଟନାୟକ ଅତିରିକ୍ତ ଜିଲ୍ଲାପାଳ, (ସାଧାରଣ), ଶ୍ରୀ ଅଭିମନ୍ୟୁ ମାଝୀ,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଏବଂ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ସୁଚିତା ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଗ୍ରାମୀଣ ଭିତିଭୂମି ବିକାଶ ପାଣ୍ଠି ଉଚ୍ଚସ୍ତରୀୟ ବୈଠକ



**ଭୁବନେଶ୍ୱର,୧୪।୩ (ମହାଭାରତ):** ଗ୍ରାମୀଣ ଭିତିଭୂମି ବିକାଶ ପାଣ୍ଠି ( ଆରଆଇଡିଏଫ୍ ) ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସଂପର୍କରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ ଙ୍କ ଅଧକ୍ଷତାରେ ଆରଆଇଡିଏଫ୍ ଉଚ୍ଚସ୍ତରୀୟ କମିଟିର ତୃତୀୟ ବୈଠକ ଗୁରୁବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ।" ବିଭିନ୍ନବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଆରଆଇଡିଏଫ୍ ପ୍ରକଳ୍ପ ଗୁଡ଼ିକରସଫଳତା ସମୀକ୍ଷା କରି ଉନ୍ନୟନ କମିଶନର , ସଂପୃକ୍ତ ବିଭାଗୀୟ ସଚିବମାନଙ୍କ ଠାରୁ ମତାମତ ଓ ପ୍ରସ୍ତାବ ଆହ୍ୱାନ କରିବା ସହିତ ନିର୍ମାଣାଧୀନ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ବୈଠକରେ ଗ୍ରାମୀଣ ଭିତିଭୂମି ବିକାଶ ପାଣ୍ଠି ଉପଯୋଗରେ ଓଡ଼ିଶା ରାଜ୍ୟର ଉଲ୍ଲେଖନୀୟ ପ୍ରଦର୍ଶନକୁ ବିଚାର କରି, ୨୦୨୫-୨୬ ଆର୍ଥିକ ବର୍ଷରେ ଆରଆଇଡିଏଫ୍ ଅଧୀନରେ ଓଡ଼ିଶାକୁ ଅଧିକ ପ୍ରକଳ୍ପ ମଞ୍ଜୁର କରିବାକୁ ନାବାର୍ଡକୁ ଅନୁରୋଧ କରାଯାଇଛି ।ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବା ବିଭାଗମାନଙ୍କୁ କାର୍ଯ୍ୟ ତ୍ୱରାନ୍ୱିତ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଖର୍ଚ୍ଚ ଭରଣା (ପ୍ରତିପ୍ରଦାନ) ଦାବି ଦାଖଲ କରିବାକୁ ପରାମର୍ଶ ଦିଆଯାଇଛି । ତତ୍ ସହିତ କୃଷି ଓ କୃଷକ ସଶକ୍ତିକରଣ ବିଭାଗକୁ ଅଣୁ ଜଳ ସେଚନ ପାଣ୍ଠି, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ବିଭାଗକୁ ମତ୍ସ୍ୟ ଓ ଜଳଚାଷ ଭିତିଭୂମି ବିକାଶ ଅଧୀନରେ ନୂଆ ନୂଆ ପ୍ରକଳ୍ପ ପ୍ରସ୍ତାବ ଦେବାକୁ ପରାମର୍ଶ ଦିଆଯାଇଛି । ସେହିପରି ଏମଏସଏମଇ ବିଭାଗକୁ ମଧ୍ୟ ନୂଆ ପ୍ରକଳ୍ପ ପ୍ରସ୍ତାବ ଦେବାକୁ ପରାମର୍ଶ ଦିଆଯାଇଛି । ଖାଦ୍ୟ ପ୍ରକ୍ରିୟାକରଣ ପରିକମ ପାଣ୍ଠି ଆବଶ୍ୟକ ଥିବା ଆର୍ଥିକ ସହାୟତା ପାଇଁ ନୂତନ ପ୍ରକଳ୍ପ ଦାଖଲ କରିବାକୁ ପରାମର୍ଶ ଦିଆଯାଇଛି ।" ଆରଆଇଡିଏଫ୍ ଅଧୀନରେ ବିଭିନ୍ନ ବିଭାଗ ତରଫରୁ କାର୍ଯ୍ୟକାରୀ ସଫଳ ପ୍ରକଳ୍ପ ଗୁଡ଼ିକ ସଂପର୍କରେ ଆଲୋଚନା ହୋଇଥିଲା। ଜଳ ସମ୍ପଦ ବିଭାଗ ଅଧୀନରେ ନୟାଗଡ଼ ଜିଲ୍ଲାର କୁସୁମୀ ଜଳସେଚନ ପ୍ରକଳ୍ପ ଏକ ପ୍ରମୁଖ ସଫଳତା, ଯାହା ଦ୍ୱାରା ୪୯ଟି ଗ୍ରାମର ପ୍ରାୟ ୧.୫ ଲକ୍ଷ ଲୋକ ଉପକୃତ ହେବେ। ଏଥି ସହିତ ବୌଦ୍ଧ ଜିଲ୍ଲାର କପାସିରା ଗୋଷ୍ଠୀ ଭିତ୍ତିକ ଉଠା ଜଳସେଚନ ପ୍ରକଳ୍ପ ମାଧ୍ୟମରେ ଚାଷୀମାନଙ୍କୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଛି। ପୂର୍ତ୍ତ ବିଭାଗ ପକ୍ଷରୁ କୋରାପୁଟ ଜିଲ୍ଲାର ସୁନ୍କି-ଆମ୍ବାଭାଲି-ଏକାଗୋଲୁରୁ ରାସ୍ତାର ଉନ୍ନତିକରଣ କାର୍ଯ୍ୟ ସଫଳତାର ସହ ଶେଷ ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ମଧ୍ୟ ମାଲକାନଗିରି ଜିଲ୍ଲାରେ ଓରାଙ୍ଗି-ବାୟାପଦା ରାସ୍ତା ନିର୍ମାଣ କରି ଦୁର୍ଗମ ଅଞ୍ଚଳକୁ ଯୋଗାଯୋଗ ସୁବିଧା ପହଞ୍ଚାଇପାରିଛି । ଏଥିସହ ଗଞ୍ଜାମ ଜିଲ୍ଲାର ଋଷିକୂଲ୍ୟା ନଦୀ ଉପରେ ଏକ ବୃହତ୍ ସେତୁ ନିର୍ମାଣ କରାଯାଇ ୮୦୦୦ରୁ ଅଧିକ ଲୋକଙ୍କ ଯାତାୟାତ ସମସ୍ୟାର ସମାଧାନ କରାଯାଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ମେଗା ପାନୀୟ ଜଳ ପ୍ରକଳ୍ପ ଜରିଆରେ ହଜାର ହଜାର ପରିବାରକୁ ପାଇପ ଜଳ ଯୋଗାଣ ସୁବିଧା କରାଯାଇଛି।

# କଂଗ୍ରେସକୁ ବାହୁଡ଼ିଲେ ରମ୍ମୁ ପାତ୍ର

**ଭୁବନେଶ୍ୱର,୧୪।୩ (ମହାଭାରତ):** କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ଏକ ମହାମିଶ୍ରଣ ସମାବେଶରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଓ



କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ନିମାପଡାର ବିଶିଷ୍ଟ ନେତା ସତ୍ୟବ୍ରତ ପାତ୍ରଙ୍କୁ ଉଲରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ ଓ କଂଗ୍ରେସ ସଭ୍ୟ ଫର୍ମ ପୂରଣ କରି ଦଳରେ ସଭ୍ୟ ଭାବରେ ଗ୍ରହଣ କରିଥିଲେ ।

ସୂଚନାଯୋଗ୍ୟ ସତ୍ୟବ୍ରତ ପାତ୍ର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ଅଭିଭକ୍ତ ପୁରୀ ଜିଲ୍ଲାର କଂଗ୍ରେସ ବିଧାୟକ ସ୍ୱର୍ଗତ ବୃନ୍ଦାବନ ପାତ୍ରଙ୍କ ପୁତ୍ର ଅଟନ୍ତି । ଶ୍ରୀ ପାତ୍ର ପୁରୀ ଜିଲ୍ଲା କଂଗ୍ରେସ ସଭାପତି ଭାବରେ ଦାୟିତ୍ୱ ତୁଲାଇଥିଲେ । ପରବର୍ତୀ ସମୟରେ ବିଜେଡ଼ି ଦଳରେ ଯୋଗଦାନ କରିଥିଲେ । ଆଜି ହଜାର ହଜାର ସମର୍ଥକଙ୍କ ସହ ଶ୍ରୀ ପାତ୍ର କଂଗ୍ରେସକୁ ବାହୁଡ଼ି ଆସିବାରୁ ପୁରୀ ଜିଲ୍ଲା କଂଗ୍ରେସ କର୍ମୀମାନଙ୍କ ମଧ୍ୟରେ ଆନନ୍ଦ ଖେଳି ଯାଇଛି ।

ସ୍ୱାଗତ ଜଣାଇ କଂଗ୍ରେସ ବିଧାୟକ ଦଳ ନେତାରାମଚନ୍ଦ୍ର କାଡାମ, କଂଗ୍ରେସ ନେତୃବୃନ୍ଦ ସନ୍ତୋଷ ସିଂ ସାଲୁଜା, ଶ୍ରୀକାନ୍ତ ଜେନା, ଜଗନ୍ନାଥ ପଟ୍ଟନାୟକ, ସୁରେଶ କୁମାର ରାଉତରାୟ, ଅନନ୍ତ ପ୍ରସାଦ ସେଠୀ, ଶରତ ରାଉତ, ବିଜୟଲକ୍ଷ୍ମୀ ସାହୁ, ଶିବାନନ୍ଦ ରାୟ, ମୀନାକ୍ଷୀ ବାହିନୀପତି, ଶୁଭେନ୍ଦୁ ମହାନ୍ତି ପ୍ରମୁଖ ଶ୍ରୀ ପାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ କଂଗ୍ରେସ ଅଧିକ ଶକ୍ତିଶାଳୀ ହେବ ବୋଲି କହିଥିଲେ ।

# ବ୍ୟାଙ୍କ ପେନ୍‌ସନ ଭୋଗୀଙ୍କ ଗଣଧାରଣା

**ଭୁବନେଶ୍ୱର,୧୪।୩ (ମହାଭାରତ):** ବ୍ୟାଙ୍କ ଶିଳ୍ପରେ ପେନସନଧାରୀ ମାନଙ୍କ ମୂଳ ପେନସନ




ସଂଶୋଧନ ଦାବି ନେଇ ନିଖିଳ ଓଡ଼ିଶା ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଂଘ ଆନୁକୂଲ୍ୟରେ (ଆଜି) ବୁଧବାର ଲୋୟର ପିଏମ୍‌ଜି ଛକଠାରେ ଗଣଧାରଣା ଦିଆଯାଇଥିଲା। ଏହି ଗଣଧାରଣା ଓ ବିକ୍ଷୋଭରେ ଏଆଇଟିୟୁସିର ରାଜ୍ୟ ସମ୍ପାଦକ ବିଜୟ କୁମାର ଜେନା ଓ ସିଆଇଟିୟୁର ରାଜ୍ୟ ଉପସଭାପତି ଦୁଷ୍ମନ୍ତ କୁମାର ଦାସ ଉଦ୍‌ବୋଧନ ଦେଇ ବ୍ୟାଙ୍କ ଶିଳ୍ପରେ ପେନସନ ସଂଶୋଧନ ଅତ୍ୟନ୍ତ ଜରୁରୀ ଓ ସରକାର ଏହାର ଶୀଘ୍ର ବିଚାର କରିବା ଦରକାର ବୋଲି ମତ ରଖିଥିଲେ। ବ୍ୟାଙ୍କ ପେନସନଧାରୀଙ୍କ ପ୍ରତି ହୋଇଥିବା ଅନ୍ୟାୟ ଓ ତାର ପ୍ରତିକାର ପାଇଁ ଚାଲିଥିବା ଆନ୍ଦୋଳନକୁ କେନ୍ଦ୍ରୀୟ ଟ୍ରେଡ ୟୁନିୟନମାନେ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ସଂଘର ସଭାପତି ବୈକୁଣ୍ଠ ନାଥ ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ ବ୍ୟାଙ୍କର ନେତୃମଣ୍ଡଳୀ ଏହି ଧାରଣା ସମାବେଶରେ କେନ୍ଦ୍ର ସରକାର ଓ ବ୍ୟାଙ୍କ କର୍ତୃପକ୍ଷଙ୍କ ଅବହେଳା ପ୍ରଦର୍ଶନ ଓ ପକ୍ଷପାତ ବିଚାର ନୀତି ବରୁଦ୍ଧରେ ଗଭୀର ଅସନ୍ତୋଷ ପ୍ରକାଶ କରିଥିଲେ। ରାଜ୍ୟସ୍ତରୀୟ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ନିରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ପ୍ରସନ୍ନ କୁମାର ମହାନ୍ତି, ରବିନାରାୟଣ ସୂତାର, ଲକ୍ଷ୍ମଣ କୁମାର ସେଠୀ ପ୍ରମୁଖ ରାଜ୍ୟପାଳଙ୍କୁ ଭେଟି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ଏକାମ୍ର ହାଟରେ 'ସପ୍ତାହର କାରିଗର' କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୪।୩ (ମହାଭାରତ):** ଭାରତୀୟ ହସ୍ତଶିଳ୍ପ ପରିଷଦ ଏବଂ ବିଶ୍ୱ ହସ୍ତଶିଳ୍ପ ପରିଷଦ ସହିତ ଜଡ଼ିତ ରାଜ୍ୟର ହସ୍ତଶିଳ୍ପ ପ୍ରେମୀଙ୍କ ଏକ ସଂଗଠନ, ଓଡ଼ିଶା ହସ୍ତଶିଳ୍ପ ପରିଷଦ ପକ୍ଷରୁ ଭୁବନେଶ୍ୱରର ଏକାମ୍ର ହାଟରେ ଏହାର ଅନନ୍ୟ କାର୍ଯ୍ୟକ୍ରମ 'ସପ୍ତାହର କାରିଗର' ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ବିଭାଗର କମିଶନର-କମ୍-ସଚିବ, ଶ୍ରୀମତୀ ଗୁହା ପୁନମ ତାପସ କୁମାର (ଆଇଏଏସ୍), ପରିଷଦର ଅଧ୍ୟକ୍ଷ ଶ୍ରୀ ସନ୍ତୋଷ କୁମାର ମହାପାତ୍ର, ଆଇଏଏସ୍ (ଅବସରପ୍ରାପ୍ତ) ଏବଂ ଅନ୍ୟାନ୍ୟ ସମ୍ମାନିତ ଅତିଥିଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ। ସୋମବାରରୁ ରବିବାର ପର୍ଯ୍ୟନ୍ତ ପ୍ରତି ସପ୍ତାହରେ ଜଣେ ଉତ୍କୃଷ୍ଟ କାରିଗରଙ୍କୁ ନିଜର ସାମଗ୍ରୀ ପ୍ରଦର୍ଶନ କରିବାର ସୁଯୋଗ ଦେବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମ ଅଧିନରେ, ମନୋନୀତ କାରିଗରଙ୍କୁ ତାଙ୍କ ଉତ୍ପାଦ ସାମଗ୍ରୀର ପ୍ରଦର୍ଶନ ଏବଂ ବିକ୍ରୟ କରିବା ପାଇଁ ସମଗ୍ର ସପ୍ତାହ ପାଇଁ ଏକାମ୍ର ହାଟରେ ଏକ ଏୟାର୍‌କଣ୍ଡିସନଡ୍ ଶୋ'ରୁମ୍ ଯୋଗାଇ ଦିଆଯିବ। କ୍ରେତା, ଡିଜାଇନର୍ ଏବଂ ହସ୍ତଶିଳ୍ପ ପ୍ରେମୀଙ୍କ ଆଗମନ ସହିତ ଏହାର ବହୁଳ ପ୍ରଚାର ଏବଂ ପ୍ରସାର କାର୍ଯ୍ୟ ପରିଷଦ କରିବ। ପ୍ରଥମ ମାସର ଏହି କାର୍ଯ୍ୟକ୍ରମ ଏସ୍‌ଏନ୍‌ଏମ୍ ଗ୍ରୁପ୍ ଅଫ୍ କମ୍ପାନୀଜ୍ ଦ୍ୱାରା ପ୍ରାୟୋଜିତ ହେଉଛି। ଏହାର ଅଧ୍ୟକ୍ଷ ଶ୍ରୀଯୁକ୍ତ ପ୍ରଦୀପ୍ତ ମହାନ୍ତିଙ୍କ ସହିତ ତାଙ୍କ ଧର୍ମପତ୍ନୀ ଶ୍ରୀମତୀ ଦିପ୍ତୀ ମହାନ୍ତି ଏହି ଅବସରରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲା ଲଳିତଗିରିର ପଥର ଖୋଦେଇ କାରୁକାର୍ଯ୍ୟ ପାଇଁ ରାଷ୍ଟ୍ରୀୟ ତଥା ଶିଳ୍ପୀଗୁରୁ ପୁରସ୍କାର ପ୍ରାପ୍ତ କାରିଗର ଶ୍ରୀଯୁକ୍ତ କଳ୍ପତରୁ ମହାରଣା ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ପରିଷଦର ଅଧ୍ୟକ୍ଷ ଶ୍ରୀଯୁକ୍ତ ମହାପାତ୍ର



ବ୍ୟାଖ୍ୟା କରିଥିଲେ ଯେ, ରାଜ୍ୟ ପରିଷଦ ଦ୍ୱାରା ଗୃହୀତ ପାରମ୍ପରିକ ହସ୍ତଶିଳ୍ପର ସଂରକ୍ଷଣ ଏବଂ ପ୍ରୋତ୍ସାହନ ହେଉଛି ବିଶ୍ୱ ହସ୍ତଶିଳ୍ପ ପରିଷଦର ଉଦ୍ଦେଶ୍ୟ । ମୁଖ୍ୟଅତିଥି ଏହି ପଦକ୍ଷେପକୁ ପ୍ରଶଂସା କରିବା ସହ ହସ୍ତଶିଳ୍ପ ପ୍ରେମୀ ଏବଂ ଜନସାଧାରଣଙ୍କୁ ବହୁ ସଂଖ୍ୟାରେ ପ୍ରଦର୍ଶନୀ ପରିଦର୍ଶନ କରି ହସ୍ତଶିଳ୍ପୀଙ୍କୁ ଉତ୍ସାହିତ କରିବାକୁ ଅନୁରୋଧ କରିଥିଲେ। ଓଡ଼ିଶାର ହସ୍ତଶିଳ୍ପ ପରିଷଦ ହେଉଛି ରାଜ୍ୟର ପାରମ୍ପରିକ ହସ୍ତଶିଳ୍ପ ସଂରକ୍ଷଣ ଏବଂ ପ୍ରୋତ୍ସାହନ ପାଇଁ ଉତ୍ସର୍ଗୀକୃତ ହସ୍ତଶିଳ୍ପ ପ୍ରେମୀଙ୍କ ଏକ ବେସରକାରୀ ସଂଘ। ଏହା ଭାରତୀୟ ହସ୍ତଶିଳ୍ପ ପରିଷଦ ଏବଂ ବିଶ୍ୱ ହସ୍ତଶିଳ୍ପ ପରିଷଦ ସହିତ ଜଡ଼ିତ। ଓଡ଼ିଶାର ପାରମ୍ପରିକ ହସ୍ତଶିଳ୍ପ ଏବଂ ହସ୍ତଶିଳ୍ପୀ ସମ୍ପ୍ରଦାୟର ସଂରକ୍ଷଣ, ପ୍ରୋତ୍ସାହନ ଏବଂ ସମର୍ଥନ କରିବା ହେଉଛି ଏହି ପରିଷଦର ମୁଖ୍ୟ ଉଦ୍ଦେଶ୍ୟ। ଅତୀତରେ, ଓଡ଼ିଶାର ହସ୍ତଶିଳ୍ପ ପରିଷଦ, ମାଷ୍ଟର୍ କ୍ରାଫ୍ଟର୍ସ ପ୍ରଦର୍ଶନୀ ଆୟୋଜନ କରିଛି, ଯାହା କାରିଗରୀର ଉତ୍କର୍ଷତାକୁ ପ୍ରତିପାଦନ ପ୍ରଦାନ କରିବା ସହ ମାଷ୍ଟର୍ କାରିଗରମାନଙ୍କୁ ସେମାନଙ୍କର ସର୍ବୋତ୍ତମ କାର୍ଯ୍ୟ ଉପସ୍ଥାପନ କରିବା ପାଇଁ ଏକ ପ୍ଲାଟ୍‌ଫର୍ମ ପ୍ରଦାନ କରିଛି।

# କୃଷି ଓ ସହଯୋଗୀ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ଉପଯୋଗ

**ଭୁବନେଶ୍ୱର,୧୪।୩ (ମହାଭାରତ):** କୃଷି କ୍ଷେତ୍ରରେ ଉନ୍ନତ ଜ୍ଞାନ କୌଶଳ ଓ କୃତ୍ରିମ ବୁଦ୍ଧିମତାର ଉପଯୋଗ ହିଁ ଭବିଷ୍ୟତର ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ସ୍ଥାୟିତ୍ୱ ଆଣିପାରିବ। ଜଳ, ଖାଦ୍ୟ ଓ ପରିବେଶ ସମ୍ପର୍କିତ ସମସ୍ୟାକୁ ମୁକାବିଲା କରିବାରେ ଏଆଇ ଆଧାରିତ ପ୍ରଯୁକ୍ତି ଏକ ନୂତନ ଦିଗ ଉନ୍ମୁକ୍ତ କରିଛି ବୋଲି କହିଛନ୍ତି ୟୁଏସଏ ସ୍ଥିତ ନେବ୍ରାସ୍କା ବିଶ୍ୱବିଦ୍ୟାଳୟର ନେବ୍ରାସ୍କା ୱାଟର ସେଂଟରର ନିର୍ଦ୍ଦେଶକ ପ୍ରଫେସର ଚିତରଞ୍ଜନ ରାୟ। ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ କୃଷି ମହାବିଦ୍ୟାଳୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍), ଏହାର ଅନ୍ତର୍ଗତ ସେଂଟର ଫର କ୍ଲାଇମେଟ୍ ସ୍ମାର୍ଟ ଏଗ୍ରିକଲଚର (ସିସିଏସ୍‌ଏ) ଓ ଏଆଇସି-ସୋଆ ଫାଉଣ୍ଡେସନ୍ ର ମିଳିତ ଆନୁକୂଲ୍ୟରେ "ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ ଇନ୍ ସେପିଂ ଏଗ୍ରିକଲ୍‌ଚର ଆଣ୍ଡ ଆଲାଏଡ ସେକ୍ଟର୍ସ



ଫର୍ ସଷ୍ଟେନେବଲ୍ ଫୁଡ୍ ସିକ୍ୟୁରିଟି" ଶୀର୍ଷକ ଦୁଇ ଦିନିଆ ଆନ୍ତର୍ଜାତିକ ସମ୍ମିଳନୀର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମଙ୍ଗଳବାର ଏହା କହିଛନ୍ତି ପ୍ରଫେସର ରାୟ।

ସ୍ଥାୟୀ ଖାଦ୍ୟ ସୁରକ୍ଷା ନିମନ୍ତେ କୃଷି ଓ ସହଯୋଗୀ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ଉପଯୋଗ ସମ୍ପର୍କରେ ବିଚାରବିମର୍ଷ ଓ ଆଲୋଚନା କରିବା ନେଇ ଆୟୋଜିତ ଏହି ସମ୍ମିଳନୀରେ ୟୁଏସଏ ସ୍ଥିତ ନେବ୍ରାସ୍କା-ଲିଙ୍କନ୍ ବିଶ୍ୱବିଦ୍ୟାଳୟର ସିନିୟର ପ୍ରୋଗ୍ରାମ ମ୍ୟାନେଜର ଡକ୍ଟର ଜୁଡ୍ କୋବିଙ୍ଗ୍ ଓ ଟେକ୍ସାସ ଏ ଆଣ୍ଡ ଏମ୍ ର ରିଜେଂଟସ୍ ପ୍ରଫେସର ଓ କୋଲ୍‌ସ ଚେୟାର ପ୍ରଫେସର ବିନାୟକ ପି. ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କୃଷି କ୍ଷେତ୍ରରେ ଏଆଇ ଭିତିକ ନିଷ୍ପତି ନେବା ପ୍ରଣାଳୀ, ଜଳ ପରିଚାଳନା ଓ ଆନ୍ତର୍ଜାତୀୟ ସହଯୋଗର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧକ୍ଷତା କରିବା ଅବସରରେ ଆଗାମୀ ଦିନରେ କୃଷି କ୍ଷେତ୍ରର ଉନ୍ନତି ପାଇଁ ଡିଜିଟାଲ୍ ପ୍ରଯୁକ୍ତି ଓ କୃତ୍ରିମ ବୁଦ୍ଧିମତା ମୁଖ୍ୟ ଭୂମିକା ନିର୍ବାହ କରିବ ବୋଲି କହିଥିଲେ। ଏଭଳି ଆନ୍ତର୍ଜାତିକ ସମ୍ମିଳନୀ ମାଧ୍ୟମରେ ବିଶ୍ୱର ବିଭିନ୍ନ ଗବେଷକ ଓ ବୈଜ୍ଞାନିକମାନେ ଏକ ମଂଚରେ ଏକତ୍ରିତ ହୋଇ ଜ୍ଞାନର ଆଦାନ-ପ୍ରଦାନ କରିବା ଆନନ୍ଦର ବିଷୟ ବୋଲି ପ୍ରଫେସର ନନ୍ଦ କହିଥିଲେ। ସମ୍ମିଳନୀର ଆୟୋଜନ କମିଟିର ଅଧ୍ୟକ୍ଷ ତଥା ସିସିଏସ୍‌ଏର ନିର୍ଦ୍ଦେଶକ ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କୃଷି ମହାବିଦ୍ୟାଳୟର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ୍ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ।

# ସିପିଆଇର ରାଜ୍ୟ ପରିଷଦ ବୈଠକ

**ଭୁବନେଶ୍ୱର,୧୪।୩ (ମହାଭାରତ):** ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ ପରିଷଦ ବୈଠକ ପାର୍ଟିର ରାଜ୍ୟ କାର୍ଯ୍ୟାଳୟ ଭଗବତୀ ଭବନଠାରେ ଭାଗବତ ପ୍ରତିହାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର ଓଡ଼ିଶାରେ ସରକାରଙ୍କ ଇଙ୍ଗିତରେ ସଂଖ୍ୟାଲଘୁଙ୍କ ଉପରେ ସାମ୍ପ୍ରଦାୟିକ ବିଭାଜନବାଦୀ ଆକ୍ରମଣ, ଭିଡ଼ ହତ୍ୟା, ଦଳିତ, ଆଦିବାସୀ ଓ ମହିଳାଙ୍କ ଉପରେ ନିର୍ଯାତନା, ଖଣିଜ ଲୁଣ୍ଠନ, ଦୁର୍ନୀତି, ଭ୍ରଷ୍ଟାଚାର ଉପରେ ଗଭୀର କ୍ଷୋଭ ପ୍ରକାଶ କରିବା ସହ ଗତ ୪ ମାସର କାମଦାମର ବିବରଣୀ ଉପସ୍ଥାପନ କରିଛନ୍ତି। ସିପିଆଇର ଅନ୍ୟତମ ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଯୁଦ୍ଧର ଘନଘଟାରେ ନର ସଂହାର, ଇରାନ ରାଷ୍ଟ୍ରପତିଙ୍କୁ ହତ୍ୟାକୁ ନିନ୍ଦା କରିଥିଲେ। ଆମ ଦେଶର ଏସ୍‌ଆଇଆର ନାମରେ କେନ୍ଦ୍ରୀୟ ନିର୍ବାଚନ କମିଶନ, ଦେଶରେ ଏସଆଇଆର ଅପବ୍ୟବହାର କରି କେନ୍ଦ୍ରୀୟ ନିର୍ବାଚନ କମିଶନ ବିଜେପିର ନିର୍ବାଚନୀ ଏଜେଣ୍ଟ ଭାବେ ସାଧାରଣ ଭୋଟରଙ୍କ ନାମ ଭୋଟର ତାଲିକାରୁ ବାଦ୍ ଦେବାର ଷଡ଼ଯନ୍ତ୍ରକୁ ପ୍ରତି ବିଏଲଓ ସ୍ତରରୁ ମୁକାବିଲା କରିବା ପାଇଁ ସିପିଆଇ ସାଥୀମାନେ ସତର୍କ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଛନ୍ତି। ସେହିଭଳି ଭୂମି ଅଧିକାର ସୁରକ୍ଷା ଓ ଜନଗଣଙ୍କ ମୌଳିକ ଅଧିକାରର ସୁରକ୍ଷା ପାଇଁ "ରାଜ୍ୟସ୍ତରୀୟ ବିସ୍ଥାପନ ବିରୋଧୀ ଆନ୍ଦୋଳନ" କ୍ରମରେ ରାଜ୍ୟସ୍ତରୀୟ ଗଣଧାରଣା ୬ ଏପ୍ରିଲରେ ଓଡ଼ିଶା ବିଧାନସଭା ସମ୍ମୁଖରେ ସଂଗଠିତ ହେବ। ପାର୍ଟିର ଗଣପାଣ୍ଠି ଓ ଗଣ ଆନ୍ଦୋଳନ ସମୀକ୍ଷା ପରେ ଏହି ଗଣପାଣ୍ଠି ସଂଗ୍ରହ ପ୍ରତ୍ୟେକ ଜିଲ୍ଲା, ଜୋନ, ବ୍ରାଞ୍ଚ ଓ ବ୍ରାଞ୍ଚ ଅଞ୍ଚଳର ପ୍ରତ୍ୟେକ ଗ୍ରାମ ଓ ପଡ଼ାରେ ସମଗ୍ର ଏପ୍ରିଲ ମାସ ମଧ୍ୟରେ ଘରୁକ ଘର ଯାଇ ପୂର୍ଣ୍ଣାଙ୍ଗ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ସରକାର ସମ୍ବିଧାନର ୭୩ ଓ ୭୪ତମ ସଂଶୋଧନକୁ ଅମାନ୍ୟ କରି ପଲ୍ଲୀସଭା, ଗ୍ରାମସଭା ଉଚ୍ଛେଦ କରି ନିର୍ବାଚିତ ଲୋକ ପ୍ରତିନିଧି, ସରପଞ୍ଚ, ପଞ୍ଚାୟତ ସମିତି ଅଧକ୍ଷ ଓ ଜିଲ୍ଲା ପରିଷଦ ଚେୟାରମ୍ୟାନଙ୍କ କ୍ଷମତାକୁ ସଂକୁଚିତ କରି ସରକାରୀ ଅଧିକାରୀଙ୍କୁ ସ୍ୱେଚ୍ଛାଚାରୀ କରାଇବା ପ୍ରତିବାଦରେ ଓ ବିଭିନ୍ନ ଜନ ସମସ୍ୟା ନେଇ ଗ୍ରାମାଞ୍ଚଳରେ ପ୍ରତ୍ୟେକ ୱାର୍ଡରୁ ବହୁ ସଂଖ୍ୟକ ଜନଗଣଙ୍କୁ ସଙ୍ଗଠିତ କରି ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ପାର୍ଟିକୁ ଅଧିକ ସଂଗଠିତ କରିବାକୁ ଗ୍ରାମ ପଞ୍ଚାୟତ ସ୍ତରରେ ଓ ସହରାଞ୍ଚଳରେ ୱାର୍ଡ ସ୍ତରରେ ମେ'ମାସ ବ୍ୟାପୀ ଶକ୍ତିଶାଳୀ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ହୋଇଛି।

# ରାଜ୍ୟସଭା ନିର୍ବାଚନ

ରାଜ୍ୟସଭା ନିର୍ବାଚନରେ ୪ଟି ଆସନ ପାଇଁ ୫ଜଣ ପାର୍ଥି ପ୍ରତିଦ୍ୱନ୍ଦିତା କରୁଛନ୍ତି। ବିଜେଡ଼ି ପକ୍ଷରୁ ସଂତୃପ୍ତ ମିଶ୍ର ପ୍ରଥମ ପସନ୍ଦର ପ୍ରାର୍ଥି ହୋଇଥିବାବେଳେ ଦ୍ୱିତୀୟ ପସନ୍ଦର ପ୍ରାର୍ଥିଭାବେ ଡାକ୍ତର ଦତ୍ତେଶ୍ୱର ହୋତା ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ଯେହେତୁ ନିର୍ବାଚନ ପୂର୍ବରୁ କଂଗ୍ରେସ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ବିଜେଡ଼ି ସହିତ ହାତ ମିଳାଇ କମନ ପାର୍ଥି କରିବାକୁ ଚାହୁଁଥିଲା ସେଥିପାଇଁ ଏବେ କଂଗ୍ରେସ ଦଳ ବିଜେଡ଼ିର ଘୋଷିତ ଦ୍ୱିତୀୟ ପ୍ରାର୍ଥି ଡାକ୍ତର ହୋତାଙ୍କୁ ସମର୍ଥନ ଦେଇଛି। ଅନ୍ୟପକ୍ଷରେ ରାଜ୍ୟରେ କ୍ଷମତାସୀନ ବିଜେପି ଦଳ ତାର ପ୍ରଥମ ପସନ୍ଦ ପ୍ରାର୍ଥିଭାବେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏବଂ ଦ୍ୱିତୀୟ ପସନ୍ଦ ପ୍ରାର୍ଥିଭାବେ ଗତ ରାଜ୍ୟସଭାରେ ସଭ୍ୟଥିବା ସୁଜିତ କୁମାରଙ୍କୁ ପ୍ରାର୍ଥି କରିଛି। ଏହାମଧ୍ୟରେ ବିଜେପି ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ ସ୍ୱାଧିନ ପ୍ରାର୍ଥିଭାବେ ନିର୍ବାଚନ ମଇଦାନକୁ ଆସିଛନ୍ତି। ଦିଲ୍ଲୀପଙ୍କ ପ୍ରାର୍ଥିତ୍ୱକୁ ବିଜେପି ମଧ୍ୟ ପୂର୍ଣ୍ଣ ଭାବରେ ସମର୍ଥନ ଜଣାଇଛି। ଯାହାଫଳରେ ଓଡ଼ିଶାରେ ରାଜ୍ୟସଭା ନିର୍ବାଚନ ଏକ ରୋଚକ ମୋଡକୁ ଆସିଛି। ଦିଲ୍ଲୀପଙ୍କ ପ୍ରାର୍ଥିପତ୍ର ଦାଖଲ କରିବା ପରେ ପରେ ନିର୍ବାଚନ ଦୃଶ୍ୟପଟ୍ଟ ବେଶ ସରଗରମ ହୋଇଉଠିଛି। ଯାହାଫଳରେ ବିଜେଡ଼ି ଓ କଂଗ୍ରେସ ଦଳପକ୍ଷରୁ ଦିଆଯାଇଥିବା ଦ୍ୱିତୀୟ ପସନ୍ଦର ପ୍ରାର୍ଥି ଡା. ହୋତାଙ୍କ ବିଜୟ ଅନିଶ୍ଚିତ ଅବସ୍ଥାକୁ ଚାଲିଆସିଛି। କେବଳ ସେତିକି ନୁହେଁ ରାଜ୍ୟସଭା ନିର୍ବାଚନ ପୂର୍ବରୁ ବିଜେଡ଼ିରେ ବିଦ୍ରୋହ କଂଗ୍ରେସ ଦଳ ଭିତରେ ଅବିଶ୍ୱାସର ବାତାବରଣକୁ ନେଇ ଏ ଦୁଇ ଦଳର ମୁଖିଆ ନବୀନବାବୁ ଓ ଭକ୍ତ ବାବୁଙ୍କ ଆଖିରୁ ନିଦ ହଜି ଯାଇଛି। କାରଣ ନିର୍ବାଚନରେ ସେମାନଙ୍କ ଦଳର ସଭ୍ୟମାନେ କିଛି ଗଡବଡ କରିଦେବେ ବୋଲି ଆଶଙ୍କାକରି ଦଳୀୟ ବିଧାୟକଙ୍କ ଉପରେ ହୁଇପ ଜାରି କରିଛନ୍ତି। ତା ସହିତ ଏହି ନର୍ବାଚନରେ ଘୋଡା ବେପାର ହେବ ବୋଲି ବିଜେଡ଼ି ଓ କଂଗ୍ରେସ ନୋମାନେ ବାରମ୍ବାର କହିବା ଦ୍ୱାରା ସେମାନଙ୍କର ପ୍ରାର୍ଥି ଦ୍ୱୟ ବ୍ୟାକଫୁଟରେ ରହିଥିବା ବାରି ହୋଇପଡୁଛି। ସେଥିପାଇଁ ସେମାନଙ୍କ ପକ୍ଷରୁ କେବଳ ଘୋଡାବେପାର କିଏ କରୁଛି। କିଏ ଘୋଡା ହୋଇଛନ୍ତି ଘୋଡା ବେପାରର ଅର୍ଥ କଣ ସାଧାରଣ ଲୋକଟିଏ ବୁଝିବା କଷ୍ଟ। କିନ୍ତୁ ଏଠାରେ ଗୋଟିଏ କଥା ବୁଝାପଡୁନାହିଁ ଯେ, ଯେଉଁ ଘୋଡା ବେପାର କଥା ବିରୋଧି କଂଗ୍ରେସ ଓ ବିଜେଡ଼ି ପକ୍ଷରୁ ବାରମ୍ବାର କୁହାଯାଉଛି, ସେମାନଙ୍କୁ ଆଜି ପର୍ଯ୍ୟନ୍ତ ଘୋଡାକରି ରଖିଛି କିଏ? ତାହା ବୁଝାଇବାର ଆବଶ୍ୟକତା ଅଛି। ଯଦି ବିଧାୟକ ମାନଙ୍କୁ ସେମାନଙ୍କର ସଭାପତିମାନେ ଘୋଡା ବୋଲି ଭାବୁଛନ୍ତି ତେବେ ସେମାନେ ବିକାକିଣା ହୋଇପାରିବେ ବୋଲି ଭୂତ ସେମାନଙ୍କୁ ଏବେଠୁ ଘାରିଲାଣି ବୋଲି ଧରିବାକୁ ହେବ। କେବଳ ଏଇଥିପାଇଁ ଉଭୟଦଳ ଘୋଡାମାନଙ୍କୁ ବାନ୍ଧି ରଖିବାକୁ ହୁଇପ୍ ଜାରି କରିଛନ୍ତି କି ବୋଲି ସ୍ୱତଃ ମନକୁ ଆସୁଛି। କିନ୍ତୁ ଏ କଥା ସତ୍ୟ ଯେ, ଦିଲ୍ଲୀପ ରାୟ ଏଭଳି ଏକ ବ୍ୟକ୍ତିତ୍ୱ ଯିଏ କି ୨୦୦୨ ମସିହାରେ ତତ୍କାଳୀନ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଇଚ୍ଛା ବିରୁଦ୍ଧରେ ଯାଇ ରାଜ୍ୟସଭା ପ୍ରାର୍ଥି ହୋଇଥିଲେ। ସେହି ନିର୍ବାଚନରେ ନବୀନଙ୍କ ମନପସନ୍ଦର ତଥା ଡୁନ୍ ସ୍କୁଲ ସାଙ୍ଗ ରାଜାସାହେବ ଅନଙ୍ଗ ଉଦୟ ସିଂହଦେଓଙ୍କୁ ପରାସ୍ତ କରି ରାଜ୍ୟସଭାକୁ ଯାଇଥିଲେ। ଆଜି ସେହି ଦିଲ୍ଲୀପ ରାୟ ସମାନ ଢଙ୍ଗରେ ରାଜ୍ୟସଭା ପ୍ରାର୍ଥି ହୋଇ ବିଜେପିର ସଂପୂର୍ଣ୍ଣ ସମର୍ଥନ ପାଇଛନ୍ତି।

> “ ଆଜିର ପୃଥିବୀ ନୂତନ ନିୟମ, ନୂତନ ଶିକ୍ଷା ପଦ୍ଧତି, ନୂତନ ସମାଜ ଅଥବା ନୂତନ ଧର୍ମ ଆବଶ୍ୟକ କରୁନାହିଁ। ମନ ପାଇଁ ଆରୋଗ୍ୟ ଆବଶ୍ୟକ, ହୃଦୟ ପବିତ୍ରତାରେ ପୂର୍ଣ୍ଣ ହେବା ଆବଶ୍ୟକ। ପବିତ୍ରତା ଅଙ୍କୁରିତ ହେବା ଉଚିତ। ବାଳକ, ବାଳିକା, ଶିଶୁ ଓ ଯୁବକ ମାନଙ୍କ ହୃଦୟରେ ସର୍ବତ୍ର ପବିତ୍ରତାର ଚେର ମାଡ଼ିବା ଉଚିତ। ଉତ୍ତମ ଏବଂ ଭଗବତ ପୁରୁଷମାନେ ଏହି କର୍ତ୍ତବ୍ୟ ସଂପାଦନ ପାଇଁ ଉଦ୍ୟମ କରିବା ଉଚିତ। ସେମାନେ ଏହାକୁ ମହାନ ସାଧନା ମନେକରିବା ଉଚିତ।

# ବିଶ୍ୱ ସମସ୍ୟା

**॥ ଅଲେଖ ଚନ୍ଦ୍ର ସାମଲ ॥**

ବିଶ୍ୱ ସମସ୍ୟା ବର୍ତ୍ତମାନ ଅଦ୍ଭୁତ ଆକାର ଏବଂ ବିରାଟ ଅବସ୍ଥା ଧାରଣ କରୁଛି। ସେଗୁଡ଼ିକ ଆଉ ବ୍ୟକ୍ତିଗତ ଅଥବା ସ୍ଥାନୀୟ ନୁହେଁ। ସେ ସବୁ ବିଶ୍ୱଜନୀନ ଏବଂ ସମସ୍ତ ମାନବ ଜାତିକୁ ଆକ୍ରାନ୍ତ କରୁଛି। ଗୋଟିଏ ଦିଗରେ ବିଶ୍ୱ ସମୃଦ୍ଧି ସହିତ ବିଜ୍ଞାନ ଓ ଯାନ୍ତ୍ରିକତାର ଅଗ୍ରଗତି ଘଟୁଛି। ପ୍ଲାସଟିକ, ଇଲେକଟ୍ରୋନିକ ଏବଂ କମ୍ପ୍ୟୁଟର ଯାନ୍ତ୍ରିକତା ମାଧ୍ୟମରେ ଏହି ଚମତ୍କାରିତା ମହତ୍ତର ଶୀର୍ଷରେ ଉପନୀତ ହୋଇଛି। ଅନ୍ୟ ଦିଗରେ ବାରମ୍ବାର ଘଟୁଥିବା ରାଜନୈତିକ ଓ ଅର୍ଥନୈତିକ ସଂକଟ, ରାଷ୍ଟ୍ରୀୟ, ରାଜ୍ୟସ୍ତରୀୟ, ଧାର୍ମିକ, ଜାତିଗତ ଏବଂ ବର୍ଣ୍ଣ ବିଦ୍ୱେଷ, ସଂକୀର୍ଣ୍ଣ ବିଶ୍ୱସ୍ତତା ଏବଂ ଶିକ୍ଷାୟତନରେ ଅଶାନ୍ତିର ବିସ୍ଫୋରଣ ଦ୍ୱାରା ମାନବଜାତି ଉତ୍ପୀଡ଼ିତ। ଏସବୁ ସମଗ୍ର ବିଶ୍ୱରେ ଅଶାନ୍ତି ଏବଂ ଉଚ୍ଛୃଙ୍ଖଳତା ପରିବ୍ୟାପ୍ତ କରିଛି। ଏହା ଏକ ଭାରସାମ୍ୟହୀନ ଏବଂ ପରସ୍ପର ବିରୋଧୀ ଅବସ୍ଥା। ଏହାର ପ୍ରକୃତ କାରଣ କଣ? ଧର୍ମ ଏବଂ ନୈତିକତା ପୁଷ୍ଟ କରିଥିବା ମଣିଷ ମନର ଭୟଙ୍କର ଅଧଃପତନରେ ଏହାର କାରଣ ନିହିତ ଅଛି କି? ଜ୍ଞାନ ଏବଂ ଶାନ୍ତି ଲାଭ ପାଇଁ ଅବଶ୍ୟ ମାନବ ଜାତି ଅନେକ ଉପାୟ ଓ ପଦ୍ଧତି ଅବଲମ୍ବନ କରିପାରେ। ବେଦ, ଶାସ୍ତ୍ର, ବ୍ରହ୍ମସୂତ୍ର, ବାଇବେଲ, କୋରାନ, ଜେନ୍ଦ ଅଭେସ୍ତା, ଗ୍ରନ୍ଥ ସାହେବ ଏବଂ ସହସ୍ର ସମଗ୍ର ପବିତ୍ର ଗ୍ରନ୍ଥରୁ ଅମୂଲ୍ୟ ଦିଗଦର୍ଶନ ଲାଭ କରିପାରେ। ଭାରତରେ ଆଶ୍ରମ, ଧର୍ମ, ସଂପ୍ରଦାୟର ମୁଖ୍ୟ, ଆଧାତ୍ମିକ ସୂତ୍ର ଓ ଶୃଙ୍ଖଳାର ପ୍ରବକ୍ତା, ଜ୍ଞାନୀ ଏବଂ ସମ୍ମାନୀୟ ବୟୋବୃଦ୍ଧଙ୍କର ଅଭାବ ନାହିଁ। ସେମାନେ ମଧ୍ୟ ବହୁ ସଂଖ୍ୟାରେ ପ୍ରଚାର କରୁଛନ୍ତି, ଏବଂ ପ୍ରକାଶ କରୁଛନ୍ତି ତଥାପି ଜୀବନର ନୈତିକ, ଆଧାତ୍ମିକ ଏବଂ ଧାର୍ମିକ କ୍ଷେତ୍ରରେ ମଣିଷର ମନ ନିରନ୍ତର ନିମ୍ନଗାମୀ ହେଉଛି। ଏହି ଅଧଃପତନ କାହିଁକି?

ପୂର୍ବ ଅପେକ୍ଷା ମଣିଷ ଅଧିକ ଅନାଚାରୀ ହୋଇଛି। ପୂର୍ବ ଯୁଗମାନଙ୍କ ଅପେକ୍ଷା ନିଷ୍ଠୁର ଆଚରଣରେ ସେ ନିଜର ବୁଦ୍ଧି ଓ ଦକ୍ଷତା ଅଧିକ ପରିମାଣରେ ନିୟୋଗ କରୁଛି। ଅନ୍ୟ ମାନଙ୍କୁ ଯନ୍ତ୍ରଣା ଦେବା ଦ୍ୱାରା ମଣିଷ ଏପରି ଆନନ୍ଦ ଲାଭ କରୁଛି ଏବଂ ଉଲ୍ଲସିତ ହେଉଛି ସେ ଗତ ୫୫୦୦ ବର୍ଷ ମଧ୍ୟରେ ୧୫୦୦ ଯୁଦ୍ଧ ହୋଇଛି ବୋଲି ଇତିହାସରୁ ପ୍ରମାଣ ମିଳୁଛି। ଏହି ଭୟଙ୍କର ଖେଳ ଯେ ବନ୍ଦ ହେବ ଏଯାଏ ଏପରି କୌଣସି ସଂକେତ ମିଳୁନାହିଁ। ଆସନ୍ନ ପରମାଣୁ ଯୁଦ୍ଧ ସମଗ୍ର ମାନବଜାତିକୁ ଧ୍ୱଂସ କରିବା ପାଇଁ ଭୟ ସଂଚାର କରୁଛି। ଏସବୁ ଉଦବେଗ ଓ ଆଶଙ୍କାର ପ୍ରକୃତ କାରଣ କଣ? ଏହା ସୁସ୍ପଷ୍ଟ ଯେ ମଣିଷ ମଧ୍ୟରେ ପଶୁର ପ୍ରାଧାନ୍ୟ ତଥାପି ରହିଛି। ଏହା ଅଦ୍ୟାବଧି ପରାଭୂତ ହୋଇନାହିଁ। ଯଦି ହୁଏ ତାହେଲେ ଆମେ ଶାନ୍ତି ଓ ଆନନ୍ଦ ଲାଭ କରିବା। ଆମର ରାଷ୍ଟ୍ର, ଏବଂ ବିଶ୍ୱରେ ମଧ୍ୟ ଶାନ୍ତି ଓ ଆନନ୍ଦ ବିରାଜମାନ କରିବ।

ଘୃଣା, ଈର୍ଷା, ଲୋଭ, ଆଡ଼ମ୍ବର ପ୍ରଦର୍ଶନ ଏବଂ ଅନ୍ୟ ମାନଙ୍କ ସହିତ ତୁଳନା ଓ ପ୍ରତିଯୋଗିତା ପାଇଁ ଅଭିଳାଷା, ଏସବୁ ମନ୍ଦ ବୃତ୍ତିର ମୂଳୋତ୍ପାଟନ କରିବାକୁ ହେବ। ଏହି ଦୁର୍ଗୁଣ ଗୁଡ଼ିକ କେବେ ସାଧାରଣ ମଣିଷକୁ ବିଷାକ୍ତ କରୁନାହିଁ, ଋଷି, ମୁନି, ଧର୍ମ ଅନୁଷ୍ଠାନର ମୁଖ୍ୟ ଏବଂ ପଣ୍ଡିତ ମାନଙ୍କୁ ବିଷାୟିତ କରୁଛି। ଏସବୁ ମଧ୍ୟରୁ ଘୃଣା ଏବଂ ଲୋଭର ପ୍ରାଦୁର୍ଭାବ ବୃଦ୍ଧି ପାଇଛି। ଆଦର୍ଶର ଆଧାର ରୂପେ ନିଜେ ପରିଚିତ କରାଉଥିବା ଏହି ମହାପୁରୁଷ ଏବଂ ଭବିଷ୍ୟତ ଦ୍ରଷ୍ଟାମାନେ ଯଦି ଏପରି ନୀଚ ଗୁଣାବଳୀ ପ୍ରଦର୍ଶିତ କରନ୍ତି ସେମାନେ ବିଶ୍ୱକୁ ସଜାଡ଼ି ପାରିବେ କିପରି? ସେମାନେ କେବଳ ଦୂଷୀକରଣ ବୃଦ୍ଧି କରିପାରିବେ।

ଆଜିର ପୃଥିବୀ ନୂତନ ନିୟମ, ନୂତନ ଶିକ୍ଷା ପଦ୍ଧତି, ନୂତନ ସମାଜ ଅଥବା ନୂତନ ଧର୍ମ ଆବଶ୍ୟକ କରୁନାହିଁ। ମନ ପାଇଁ ଆରୋଗ୍ୟ ଆବଶ୍ୟକ, ହୃଦୟ ପବିତ୍ରତାରେ ପୂର୍ଣ୍ଣ ହେବା ଆବଶ୍ୟକ। ପବିତ୍ରତା ଅଙ୍କୁରିତ ହେବା ଉଚିତ। ବାଳକ, ବାଳିକା, ଶିଶୁ ଓ ଯୁବକ ମାନଙ୍କ ହୃଦୟରେ ସର୍ବତ୍ର ପବିତ୍ରତାର ଚେର ମାଡ଼ିବା ଉଚିତ। ଉତ୍ତମ ଏବଂ ଭଗବତ ପୁରୁଷମାନେ ଏହି କର୍ତ୍ତବ୍ୟ ସଂପାଦନ ପାଇଁ ଉଦ୍ୟମ କରିବା ଉଚିତ। ସେମାନେ ଏହାକୁ ମହାନ ସାଧନା ମନେକରିବା ଉଚିତ। ଏହି କ୍ଷେତ୍ରରେ କେବଳ ବ୍ରହ୍ମବିଦ୍ୟା ମାଧ୍ୟମରେ ସାର୍ଥକତା ଲାଭ ହୋଇପାରିବ। ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ଆଜିର ମଣିଷ କେବଳ ସଂପଦ ସଂଗ୍ରହ ଓ ସଂଚୟ ସମ୍ପର୍କରେ ଗଭୀର ଆସ୍ଥାବାନ। ସେ ଜମା ପରିତ୍ୟାଗ ଅଥବା ତ୍ୟାଗ କରି ଜାଣେ ନାହିଁ। ସତ୍ୟ ଉପରେ ତାର ଆସ୍ଥା ନାହିଁ। ମିଥ୍ୟା ଦ୍ୱାରା ସେ ଆକର୍ଷିତ ହୋଇଥାଏ, ସତ୍ୟକୁ ସେ ପ୍ରତିବନ୍ଧକ ମନେକରେ। ତେଣୁ ମୃତ୍ୟୁ ଯେ ଗୌରବମୟ ଜୀବନର ସମୃଦ୍ଧ ପରିପୂର୍ଣ୍ଣତା, ଏହା ଉପଲବ୍ଧି କରିବା ପାଇଁ ସେ ଅକ୍ଷମ। ଉଦବେଗ ଏବଂ ଅଭାବରେ ସେ ମୃତ୍ୟୁବରଣ କରେ। ଲୋକମାନେ ଶୁଆ ପରି ସତ୍ୟ, ଅହିଂସା, ଧର୍ମ ଏବଂ ପ୍ରେମ ଶବ୍ଦ ଗୁଡ଼ିକ ନିରନ୍ତର ଉଚ୍ଚାରଣ କରନ୍ତି। ସେମାନେ ଘୋଷଣା କରନ୍ତି ଯେ ସତ୍ୟଠାରୁ ଉଚ୍ଚତର ଧର୍ମ ନାହିଁ। ମାତ୍ର ଆଶ୍ଚର୍ଯ୍ୟର କଥା ସତ୍ୟର ଅଧିକାରୀ ହେବା ପାଇଁ ମଣିଷ ଅଭିଳାଷ ପୋଷଣ କରେ ନାହିଁ।

ମଣିଷ ସବୁ ବିଷୟ ଜାଣିବା ପାଇଁ ଆଗ୍ରହୀ। ମାତ୍ର ସତ୍ୟ ଉପଲବ୍ଧି ପାଇଁ ତାର ଆଗ୍ରହ ନାହିଁ। ପୁଣି ନିଜ ସତ୍ତାର ସତ୍ୟ ଉପଲବ୍ଧି ନିମନ୍ତେ ତାର ତିଳେମାତ୍ର ଅଭିଳାଷ ନାହିଁ। ସେ ଦିଗକୁ ସେ ଦୃଷ୍ଟି ଦିଏ ନାହିଁ। ଦୃଷ୍ଟ ହେଲେ ମଧ୍ୟ ସେ ନିଜର ଆଶଙ୍କା ଓ ଅନ୍ଧବିଶ୍ୱାସ ଗୁଡ଼ିକର ସତ୍ୟତା ପ୍ରତିପାଦିତ କରିଥାଏ। ତେଣୁ ମଣିଷର ପ୍ରଥମ କର୍ତ୍ତବ୍ୟ ହେଉଛି ନିଜର ଦୁର୍ବଳତା ଓ ଅନ୍ୟର ଅନିଷ୍ଟ କରିବା ମନୋବୃତ୍ତିକୁ ପରିହାର କରିବା।

ପ୍ରାରମ୍ଭ ଅଥବା ପରିଶେଷରେ ଯାହା ପରିଦୃଷ୍ଟ ହୁଏନାହିଁ; କେବଳ ମଧ୍ୟାନ୍ତରରେ ଯାହା ପ୍ରକଟିତ ହୋଇଥାଏ ତାହା ପ୍ରକୃତରେ ପ୍ରକୃତ ହୋଇନପାରେ। ଏହା ସତ୍ୟ ନୁହେଁ ମିଥ୍ୟା। ସୃଷ୍ଟି ପୂର୍ବରୁ ବ୍ରହ୍ମାଣ୍ଡ ନଥିଲା, ପରେ ଅର୍ଥାତ୍ ପ୍ରଳୟ ପରେ ମଧ୍ୟ ରହିବ ନାହିଁ। ମଝିରେ ଯାହା ପରିଦୃଷ୍ଟ ହେଉଛି ତାହା କେବଳ ଆପାତ ସତ୍ୟ ହୋଇପାରେ। ଏହା ସାମୟିକ ଏବଂ ସୀମିତ। ଅପରିବର୍ତ୍ତନୀୟ ହୋଇପାରିବ ନାହିଁ। ଏହି ସବୁ ମାର୍ଗରେ ମଣିଷକୁ ବିଶ୍ୱର ପ୍ରତ୍ୟେକ ପଦାର୍ଥର ମୂଲ୍ୟ ଏବଂ ଉପଯୋଗିତା ଅନୁସନ୍ଧାନ କରିବାକୁ ହେବ। ଦୃଷ୍ଟାନ୍ତ ସ୍ୱରୂପ, ଜନ୍ମ ପୂର୍ବରୁ ଶରୀର ନଥିଲା ଏବଂ ମୃତ୍ୟୁ ପରେ ମଧ୍ୟ ଏହା ଏଠାରେ ରହିବ ନାହିଁ। ମାଟିରେ ତିଆରି ଗୋଟିଏ ପାତ୍ର ନାମରୂପ ଗ୍ରହଣ କରି ପାତ୍ର ରୂପରେ କିଛି କ୍ଷଣ ରହୁଛି ଏବଂ ପୁନଶ୍ଚ ମୃତ ପ୍ରକୃତି ଧାରଣ କରୁଛି। ପାତ୍ର ହେଉଛି କେବଳ କୃତ୍ରିମ ଉପାୟରେ ଏହାକୁ ନାମ ରୂପ ପ୍ରଦାନ କରାଯାଇଛି। ଯେ କୌଣସି ପଦାର୍ଥ ହେଲେ ବି ବିଶ୍ୱ ବ୍ରହ୍ମାଣ୍ଡର କୌଣସି ବସ୍ତୁ ସମୟ ପ୍ରଭାବରୁ ମୁକ୍ତ ନୁହେଁ ମୃତ୍ୟୁ ଏବଂ ଧ୍ୱଂସ ଦାଉରୁ ଏହା ରକ୍ଷା ପାଇପାରିବ ନାହିଁ। ବୃକ୍ଷ ଓ ଭୂମି, ସଦନ ଓ ଶରୀର, ସମ୍ରାଟ ଓ ସାମ୍ରାଜ୍ୟ, ସମସ୍ତଙ୍କୁ ଏଇ ଶେଷ ପରିଣତି ଭୋଗ କରିବାକୁ ହେବ। ନିଜ ମଧ୍ୟରେ ଥିବା ଅମରତ୍ୱ ସଂପର୍କରେ ସଚେତନ ହେବାର ଉପାୟକୁ ମଣିଷ ଉପେକ୍ଷା କରିଥାଏ। ନୈତିକ ସ୍ତର ସହିତ ସଂପର୍କିତ ଜ୍ଞାନରେ ସେ ମୋହିତ ହୋଇଥାଏ। ଯେଉଁମାନେ ଏହି ସହଜ ଆକର୍ଷଣର ଶିକାର ହୁଅନ୍ତି ସେମାନେ ନନ୍ଦନ ବନ ପରିତ୍ୟାଗ କରି ବିଷାକ୍ତ ଉଦ୍ଭିଦଭରା ଜଙ୍ଗଲରେ ପ୍ରବେଶ କରନ୍ତି। ପ୍ରକୃତ ବା ଆତ୍ମା ଠାରୁ ସେମାନେ ଦୂରେଇ ଯାଆନ୍ତି। ପ୍ରତିବିମ୍ବ ଅଥବା ଦୃଶ୍ୟ ଦ୍ୱାରା ସେମାନେ ବିମୋହିତ ହୁଅନ୍ତି। ଏପରି ମନୋବୃତ୍ତି ସେମାନଙ୍କୁ ସତ୍ୟ ସନ୍ଧାନ ବା ସତ୍ୟଜ୍ଞାନ କହି ଅଜ୍ଞ ରୂପେ ପରିଣତ କରେ।

ମଣିଷ ଜାଣିବା ଉଚିତ ଯେ ତ୍ରିଭୁବନ, ତ୍ରିକାଳ (ଅତୀତ, ବର୍ତ୍ତମାନ, ଭବିଷ୍ୟତ) ଏବଂ ଚେତନାର ଅବସ୍ଥାତ୍ରୟରୁ (ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତ) ବିନ୍ଦୁଏ ହେଲେ ନିଛକ ସୁଖ ମିଳିବ ନାହିଁ। ମଣିଷ ମାନଙ୍କ ମଧ୍ୟରୁ କେବଳ ମୂଢ଼ମାନେ ସାଂସାରିକ କର୍ମ ମାଧ୍ୟମରେ ସୀମିତ ଅସାର ସୁଖ ଲାଭ କରି ସଂତୃପ୍ତ ହେବା ପାଇଁ ଉଦ୍ୟମ କରନ୍ତି। ଜ୍ଞାନୀମାନେ କିନ୍ତୁ ଉତ୍ତମ ରୂପେ ବୁଝିଥାନ୍ତି। ଆକର୍ଷଣୀୟ ମିଠା ଅଙ୍ଗୁର ପେନ୍ଥା ଏଡ଼ାଇ ଦେଲେ ଯେଉଁମାନେ କଣ୍ଟାଆଡ଼କୁ ଦୌଡ଼ନ୍ତି ସେମାନେ ଉଷ୍ଟ୍ର। ସେମାନଙ୍କୁ ଭିନ୍ନ ଶ୍ରେଣୀରେ ଅନ୍ତର୍ଭୁକ୍ତ କରିହେବନାହିଁ।

**ପୂର୍ବତନ ଡିଏଫ୍ଓ (କେନ୍ଦୁଲିଫ୍) ଜୟପୁର ଡିଭିଜନ, ଦୂରଭାଷ : ୯୪୩୭୨୫୭୧୨୩**

# ଆଇନର ଭାଷାରେ ଲିଙ୍ଗ ନିରପେକ୍ଷତାର ପ୍ରୟାସ

**॥ ଯୁଧିଷ୍ଠିର ମହାରଣା ॥**

ଲିଙ୍ଗଗତ ପରିଚୟ ପୁରୁଷ ବା ମହିଳା, ଏହି ଦ୍ୱୈତ ବର୍ଗୀକରଣ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ଆଜି ଏକ ବ୍ୟାପକ ସାମାଜିକ କ୍ଷେତ୍ରରେ ଅସ୍ତିତ୍ୱ ଜାହିର କରୁଛି। ସମୟକ୍ରମେ ଏହାର ବିବର୍ତ୍ତନ ଘଟିବ। ଏକଥାଟି ଲେଖାଯାଇଛି ସୁପ୍ରିମକୋର୍ଟ ଦ୍ୱାରା ସଦ୍ୟ ଲୋକାର୍ପିତ ହୋଇଥିବା ଅଦାଲତ ସମୂହ ପାଇଁ ଉଦ୍ଦିଷ୍ଟ ଲିଙ୍ଗ ନିରପେକ୍ଷ ଶବ୍ଦକୋଷରେ। ଏହି ଶବ୍ଦକୋଷରେ ମହିଳା ମାନଙ୍କ ପ୍ରତି ନ୍ୟାୟପାଳିକାରେ ବିଚାରପତିମାନେ ଯେଉଁ ଧରାବନ୍ଧା ଶବ୍ଦାବଳୀମାନ ବ୍ୟବହାର କରୁଥିଲେ, ତାହାକୁ ବଦଳାଇବାର ସୁପାରିସ ରହିଛି। ଏକାଧିକ ହାଇକୋର୍ଟର ବିଜ୍ଞ ମହିଳା ବିଚାରପତିଙ୍କ ଦ୍ୱାରା ପ୍ରସ୍ତୁତ ଏହି ଲିଙ୍ଗ ନିରପେକ୍ଷ ଶବ୍ଦକୋଷକୁ ସ୍ୱୟଂ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଡି.ୱାଇ ଚନ୍ଦ୍ରଚୂଡ଼ ଆବଶ୍ୟକ ଦିଗଦର୍ଶନ ଦେବା ସହିତ ଏହାର ସମ୍ପାଦନା ମଧ୍ୟ କରିଛନ୍ତି।

ଏହି ବହି ଖଣ୍ଡିକ ଏବେ ସାର୍ବଜନୀନ ହେବା ପରେ ବିଚାରପତି ମାନଙ୍କୁ ମହିଳାମାନଙ୍କ ସମ୍ପର୍କରେ ବ୍ୟବହାର କରୁଥିବା ନିଜର ଭାଷା ପ୍ରତି ଅଧିକ ସଚେତନ ରହିବା ପଡ଼ିବ। ଆଗରୁ ମହିଳା ମାନଙ୍କୁ ରକ୍ଷଣଶୀଳ ପୁରୁଷପ୍ରଧାନ ସମାଜ ଯେଉଁସବୁ ନାମ ଦେଇ ବର୍ଗୀକୃତ କରିଥିଲା, ତାହା ଆଉ ଚଳିବ ନାହିଁ। ଉଦାହରଣ ସ୍ୱରୂପ ଅବିବାହିତ ମହିଳାମାନଙ୍କୁ ଆଗରୁ ଇଂରାଜୀରେ ସ୍ପିନଷ୍ଟର ବୋଲି ଯାହା କୁହାଯାଉଥିଲା, ତାହାର ପୁନରାବୃତ୍ତି ଆଉ ଅଦାଲତର ଭାଷାରେ ହେବନାହିଁ। ଯେଉଁ ଯୁବତୀ ବା ମହିଳା ବିବାହ କରି ନାହାନ୍ତି, ସେମାନଙ୍କ ଅବିବାହିତ ବା ଅନମ୍ୟାରେଡ଼ ବୋଲି ବିଚାରପତି ଉଲ୍ଲେଖ କରିବେ। ସେହିଭଳି ମିଷ୍ଟ୍ରେସ୍ ଶବ୍ଦ ପରିବର୍ତ୍ତେ ପୁରୁଷଙ୍କ ସହିତ ବିବାହ ବହିର୍ଭୂତ ଦୈହିକ ସମ୍ପର୍କ ରକ୍ଷାକାରୀ ମହିଳା ବୋଲି କୁହାଯିବ, କାରଣ ମିଷ୍ଟ୍ରେସକୁ ଅନେକ ରକ୍ଷିତା ଭାବେ ବିଚାର କରନ୍ତି। କେବଳ ସେତିକି ନୁହେଁ ଏବେ ଗଣିକା ମାନଙ୍କୁ ଯୌନକର୍ମୀ ଇଭଟିଜିଂକୁ ଷ୍ଟ୍ରିଟ ସେକସୁଆଲ ହାରାସମେଣ୍ଟ ବା ରାସ୍ତାଘାଟରେ ଯୌନ ନିର୍ଯାତନା ଭାବେ ଉଲ୍ଲେଖ କରାଯିବ। ଏହାଛଡ଼ା ତୃତୀୟଲିଙ୍ଗ ବର୍ଗରେ ଏଲଜିବିଟି କ୍ୟୁ+ ସମୁଦାୟକୁ ରଖି ଏହି ଶବ୍ଦକୋଷରେ ଲିଙ୍ଗ ବର୍ଣ୍ଣନାର ଉଦାରତା ପ୍ରଦର୍ଶନ କରାଯାଇଛି।

ଆମର ବିଡ଼ମ୍ବନା ହେଲା ମହିଳା ମାନଙ୍କୁ ଆମ ସମାଜ ବିଭିନ୍ନ ପ୍ରକାର ପରିଚୟ ଦେଇଆସିଛି ଏବଂ ସେଥିମଧ୍ୟରୁ ଅନେକ ଅଶୋଭନୀୟ ଓ କଟୁକ୍ତିର ପରିଚାୟକ। ସତୀ, ଅସତୀ, ବେଶ୍ୟା, ବାରବଧୂ, ରକ୍ଷିତା, ଅକ୍ଷତଯୋନୀ ଓ ଆହୁରି କେତେ କଣ ଶବ୍ଦ ସବୁ ରହିଛି ଯାହା ଏକ ଲିଙ୍ଗଗତ କାଳିମା। ହାଉସୱାଇଭ ଓ ଇଭଟିଜିଂ ଆଦି ଶବ୍ଦର ଆଖିବୁଜା ବ୍ୟବହାର ମଧ୍ୟ ହୋଇଆସୁଛି। ଦୁର୍ଭାଗ୍ୟର ବିଷୟ ହେଲା ସମୟକ୍ରମେ ଆମ ନ୍ୟାୟପାଳିକା ଓ ନ୍ୟାୟବିଧିରେ ସେସବୁ ଶବ୍ଦର ଇଂରାଜୀ ସ୍ଲାଙ୍ଗ ନାମ ସବୁ ରହିଛି ଏବଂ ଧରାବନ୍ଧା ଭାବେ ଆମ ନ୍ୟାୟମୂର୍ତ୍ତିମାନେ ଏସବୁ ଶବ୍ଦକୁ ବ୍ୟବହାର କରି ଆସୁଛନ୍ତି। କେବଳ ସେତିକି ନୁହେଁ, ତୃତୀୟ ଲିଙ୍ଗର ମଣିଷମାନଙ୍କୁ ସମାଜରେ ମାଇଚିଆ, ହିଂଜଡ଼ା ଓ ଆଉ ବିଭିନ୍ନ ପ୍ରକାର ଅଶୋଭନୀୟ ନାମରେ ସମ୍ବୋଧନ କରାଯାଇଆସୁଛି। ଆଜି ପର୍ଯ୍ୟନ୍ତ ଏଥିପ୍ରତି କେହି ଏତେଟା ସଚେତନ ହେଉ ନଥିଲେ। ମହିଳା ବିଚାରପତିମାନେ ମଧ୍ୟ ସେହି ଗଡ଼ଲିକା ପ୍ରବାହରେ ଚାଲିଆସୁଥିଲେ। ମହିଳା ସଶକ୍ତୀକରଣ, ଲିଙ୍ଗଗତ ନ୍ୟାୟ ଓ ସଚେତନତା ଏବେ ଗୁରୁତ୍ୱ ପାଉଛି। ତେଣୁ ଆଇନ ଓ ବିଚାର ବ୍ୟବସ୍ଥା ମଧ୍ୟ ଏହାର ଉଚ୍ଚାରଣ ଓ ଆଚରଣରେ ଲିଙ୍ଗ ନିରପେକ୍ଷ ହେବା ଉଚିତ। ବଡ଼କଥା ହେଲା ଆମ ବିଚାରପତିମାନେ ଏହି ପରିପ୍ରେକ୍ଷୀରେ ନିଜ କ୍ଷେତ୍ରରେ ଯେଉଁ ତ୍ରୁଟି କରି ଆସୁଥିଲେ, ତାହାକୁ ନିଜେ ବିଚାର କରି ସୁଧାରିବାକୁ ଚେଷ୍ଟା କରୁଛନ୍ତି। ଏହା ନିଶ୍ଚିତ ଏକ ଯୁଗାନ୍ତକାରୀ ପଦକ୍ଷେପ ଓ ସ୍ୱାଗତଯୋଗ୍ୟ। ଏହି ନୂଆ ଶବ୍ଦକୋଷ ବିଚାରପତି ମାନଙ୍କୁ ନ୍ୟାୟ ପ୍ରଦାନ ସମୟରେ ବିଶେଷ ସାହାଯ୍ୟ କରିବ। ଏହାଦ୍ୱାରା ମଧ୍ୟ ବୈଧାନିକ ଆଲୋଚନା, ପର୍ଯ୍ୟାଲୋଚନା ଓ ତର୍ଜମା କାଳରେ ମହିଳା ତଥା ତୃତୀୟଲିଙ୍ଗର ଲୋକାମାନଙ୍କୁ ଅତିକମରେ ଧରାବନ୍ଧା ଭାବେ ଚିହ୍ନଟ ବା ଚିତ୍ରିତ ନକରି ମର୍ଯ୍ୟାଦାର ସହ ଉପସ୍ଥାପନ କରିବାର ଏକ ନୂଆ ସ୍ୱାଗତଯୋଗ୍ୟ ଧାରା ଆରମ୍ଭ ହେବ। ଏହି ଶବ୍ଦକୋଷରେ ୪୩ ଲିଙ୍ଗଗତ ଦୃଷ୍ଟିରୁ ଅନୁପଯୁକ୍ତ ଶବ୍ଦ ସ୍ଥାନ ପାଇଛି ଏବଂ ବିଚାରପତିମାନଙ୍କ ପାଇଁ ଏହା ଏକ ମାର୍ଗଦର୍ଶନ ପୁସ୍ତକ ବା ହ୍ୟାଣ୍ଡବୁକ୍ ଭାବେ କାର୍ଯ୍ୟ କରିବ। ସେମାନେ ନିଜର ନିର୍ଦ୍ଦେଶ, ରାୟ ଶୁଣାଣି ସମୟରେ ସମ୍ପୃକ୍ତ ନିଷିଦ୍ଧ ଶବ୍ଦର ବ୍ୟବହାରକୁ ବନ୍ଦ କରିବାକୁ ଯଥାସାଧ ଚେଷ୍ଟା କରିବେ। ସର୍ବୋଚ୍ଚ ନ୍ୟାୟାଳୟ ଏହି ପ୍ରସଙ୍ଗରେ ପ୍ରଥମେ ନିଜକୁ ନିରୀକ୍ଷଣ କରି ପ୍ରତିକାର ବ୍ୟବସ୍ଥା କରିଛି। ଏହି ବିଶୋଧନ ପ୍ରୟାସ ସ୍ୱାଗତଯୋଗ୍ୟ। ପ୍ରଧାନ ବିଚାରପତି ଯଥାର୍ଥରେ କହିଛନ୍ତି ଯେ ଆଇନ ଓ ବିଚାର କ୍ଷେତ୍ରରେ ଭାଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଚାରପତି ଓ ଆଇନଜୀବୀମାନେ ମାମଲା ପରିଚାଳନା ଓ ରାୟ ଶୁଣାଇବା, ଲେଖିବା ସମୟରେ ଏମିତି ଅନେକ ଶବ୍ଦ ଓ ରୁଢ଼ି ବ୍ୟବହାର କରନ୍ତି, ଯାହା ବହୁ ପ୍ରାଚୀନ ଏବଂ ବହୁଳ ପ୍ରଚଳିତ ହେବା ସତ୍ତ୍ୱେ ଲଙ୍ଗଗତ ଦୃଷ୍ଟିରୁ ନିରପେକ୍ଷ ନୁହେଁ। ଏହାପଛରେ ପୁରୁଷପ୍ରଧାନ ସମାଜର କ୍ରୂର ପରମ୍ପରା ନିହିତ। ତେଣୁ ଗଣିକା, ପତିଶ, ଦୁଷ୍ଟଚରିତ୍ରା, ରକ୍ଷିତା, ଜାରଜ, ଉତ୍ତେଜକ ପୋଷାକ ଭଳି କେତେକ ଶବ୍ଦକୁ ଆଉ ରାୟ ପ୍ରଦାନ ଓ ଶୁଣାଣି ସମୟରେ ବ୍ୟବହାର କରାଯିବ ନାହିଁ ବୋଲି ଏହି ନୂତନ ହ୍ୟାଣ୍ଡବୁକ୍ ମାଧ୍ୟମରେ ସ୍ପଷ୍ଟ କରିଦିଆଯାଇଛି। ଉଚ୍ଚତମ ବିଚାରାଳୟର ଏହି ପ୍ରୟାସକୁ ଆମେ ସ୍ୱାଗତ କରୁଛୁ ଏବଂ ଏହାକୁ ଆମ ନ୍ୟାୟପାଳିକା ସର୍ବାନ୍ତକରଣରେ ପାଳନ କରିବେ ବୋଲି ଆମର ଆଶା ଓ ବିଶ୍ୱାସ। ତେବେ ଇଂରାଜୀରେ ରାୟ ପ୍ରଦାନ ବେଳେ ଯେତେବେଳେ ଏହାର ଅନୁବାଦ ଅନ୍ୟ ଭାଷାରେ ପ୍ରକାଶ ପାଉଛି, ସେଥିରେ ମଧ୍ୟ ଅନୁରୂପ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। ଏଥିପାଇଁ ଆମ ଗଣମାଧ୍ୟମର ଦାୟିତ୍ୱ ବେଶ ଅଧିକ। ଆଇନର ଭାଷାରେ ଯଦି ଲିଙ୍ଗ ବୈଷମ୍ୟର ନିର୍ଦ୍ଦିଷ୍ଟ ସଂସ୍କାର ଅଣାଯାଏ, ତେବେ ତାହା କ୍ରମେ ଶାସନ ଓ ପ୍ରଶାସନର ଭାଷାରେ ପ୍ରତିଫଳିତ ହୁଏ ଏବଂ ପରବର୍ତ୍ତୀ ସମୟରେ ସାମାଜିକ ଚଳଣିରେ ମଧ୍ୟ ଲିଙ୍ଗ ବୈଷମ୍ୟ ହ୍ରାସ ପାଇ ଶାଳୀନ ଉଚ୍ଚାରଣ ବୃଦ୍ଧି ପାଏ। ଭାରତର ପ୍ରଧାନ ବିଚାରପତି ଏ ଯେଉଁ ଅଭିନବ ପଦକ୍ଷେପ ନେଇଛନ୍ତି ତାହା ନିଶ୍ଚୟ ଏକ ବୈପ୍ଳବିକ ପ୍ରୟାସ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ଦୂରଭାଷ : ୯୪୩୭୧୬୩୫୨୮

# ଦେହର ଯତ୍ନ

**॥ ଇଂ.ସଚ୍ଚିଦାନନ୍ଦ ନନ୍ଦ ॥**

ଡାକ୍ତରମାନେ ସ୍ୱୀକାର କରନ୍ତି ଯେ କୁଖାଦ୍ୟ ଖାଇବାର ଅଭ୍ୟାସ ଓ ଅସଙ୍ଗତ ଭାବରେ ଅବସର କାଟିବା ରୋଗର କାରଣ। ମାତ୍ର ସେମାନେ ବୋଧହୁଏ ଜାଣନ୍ତି ନାହିଁ ଯେ ‘ଖାଦ୍ୟ’ ବହୁ ପ୍ରକାରର ଖାଦ୍ୟ ସାମଗ୍ରୀକୁ ବୁଝାଏ। ଇନ୍ଦ୍ରିୟ ମାନଙ୍କ ମାଧ୍ୟମରେ ଯେଉଁସବୁ ଅନୁଭୂତି ସଂଗ୍ରହ କରାଯାଏ, ସେ ସବୁ ମଧ୍ୟ ଖାଦ୍ୟ, ଆଉ ସେ ସମସ୍ତ ଖାଦ୍ୟ ମଣିଷର ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ। ଆମେ ବେଳେ ବେଳେ ‘ଚିନ୍ତାର ଖୋରାକ’ ବୋଲି କହିଥାଉ। ଆମେ ଯାହା ଶୁଣୁ, ଯାହା ଦେଖୁ, ଯାହା ଶୁଙ୍ଘୁ ବା ଯାହା ସ୍ପର୍ଶ କରୁ ସେ ସବୁ ଶରୀର ଉପରେ ଭଲ ବା ମନ୍ଦ ପ୍ରଭାବ ପକାଇଥାନ୍ତି। କେତେ ଲୋକ ରକ୍ତ ଦେଖୁ ଦେଖୁ ମୂର୍ଚ୍ଛା ହୋଇଯାଆନ୍ତି। ଗୋଟିଏ ଦୁଃସମ୍ବାଦ ମଧ୍ୟ ଅନେକଙ୍କୁ ଖୁବ୍ ଆଘାତ ଦେଇଥାଏ। ଅରୁଚିକର ଗନ୍ଧ କିମ୍ବା କୌଣସି ଅବାଞ୍ଛିତ ପଦାର୍ଥକୁ ସ୍ପର୍ଶକଲା ମାତ୍ରେ ଶରୀରରେ ରୋମାଞ୍ଚ (ଆଲର୍ଜି) ଜାତ ହୋଇଥାଏ ଏବଂ ଶରୀର ତାହା ସହି ପାରେନା। ସୁସ୍ଥ ମନର ଫଳ ହେଉଛି ସୁସ୍ଥ ଶରୀର ଏବଂ ସୁସ୍ଥ ଶରୀରର ପ୍ରକାଶ ହେଉଛି ସୁସ୍ଥ ମନ। ଏ ଦୁଇଟି ଯାକ ପରସ୍ପର ଉପରେ ନିର୍ଭରଶୀଳ। ଆମେ ଯେଉଁ ଖାଦ୍ୟ ଖାଉ ତାହା ସୁସ୍ୱାଦୁ, ପ୍ରାଣଶକ୍ତି ଯୁକ୍ତ ଓ ରୁଚିକର ହେବା ଦରକାର। ଏହା ଖୁବ ରାଗ ବା ଖୁବ୍ ଲୁଣିଆ ହେବା ଉଚିତ ନୁହେଁ। ଏଥିରେ ଗୋଟିଏ ସମାନୁପାତ ରହିବା ଦରକାର। ଏହା ଉତ୍ତେଜନା କିମ୍ବା ଆଳସ୍ୟ ସୃଷ୍ଟି କରିବା ଉଚିତ ନୁହେଁ। ରାଜସିକ ଖାଦ୍ୟ ପ୍ରବୃତ୍ତିକୁ ଉତ୍ତେଜିତ କରାଏ। ତାମସିକ ଖାଦ୍ୟ ଆଳସ୍ୟ ଓ ନିଦ୍ରା ଜାତ କରାଏ। ସାତ୍ତ୍ୱିକ ଖାଦ୍ୟ ଦିଏ ତୃପ୍ତି। ଗୀତାରେ ‘ଯୁକ୍ତାହାର ବିହାରସ୍ୟ’ ବା ସଂଯତ ଆହାର ବିହାର କଥା କୁହାଯାଇଛି। ଖାଦ୍ୟର ସ୍ଥୁଳ ରୂପ ମଳ ଆକାରରେ ଦେହରୁ ବାହାରିଯାଏ, ସୂକ୍ଷ୍ମ ରୂପ ମାଂସପେଶୀ ଓ ରକ୍ତର ପରିଣତ ହୁଏ। ଖାଦ୍ୟର ସୂକ୍ଷ୍ମତମ ଅଂଶ ମାନସିକ କ୍ରିୟାକଳାପରେ ରୂପାନ୍ତରିତ ହୁଏ। ସେଥିପାଇଁ ମଣିଷ ମଧ୍ୟରେ ଆଧାତ୍ମିକ ଅଭୀପ୍ସା ସୃଷ୍ଟି କରିବା ତଥା ପ୍ରତିକୂଳ ପ୍ରବୃତ୍ତିମାନଙ୍କର ପ୍ରତିବିଧାନ କରିବା ନିମନ୍ତେ ମୁନିଋଷିମାନେ ଖାଦ୍ୟପେୟରେ କେତୋଟି ସଂଯମ ପାଳନ କରିବାକୁ ପରାମର୍ଶ ଦେଇଛନ୍ତି।

ଦେହକୁ ଯତ୍ନ ଓ କୋମଳତାର ସହ ପାଳନ କରିବାକୁ ହେବ। ଏହା ଈଶ୍ୱରଙ୍କର ଗୋଟିଏ ଅତି ମୂଲ୍ୟବାନ ଉପହାର। ଉନ୍ନତ ଉଦ୍ଦେଶ୍ୟ ସାଧନ ନିମନ୍ତେ ଏହା ଗୋଟିଏ ଅତି ଜଟିଳ ଓ ସୁସଂଗଠିତ ଯନ୍ତ୍ର। ଏହାର ବାହ୍ୟ ରୂପକୁ ମଧ୍ୟ ସୁପରିଚ୍ଛନ୍ନ ଓ ପବିତ୍ର ରଖିବା ଦରକାର। ଆନନ୍ଦ ନାମକ ଫଳଟିର ଚୋପା ହେଲା ଏ ଦେହ। ଏ ଦେହର ମାଂସ, ପେଶୀ, ହାଡ଼ ଓ ନାଡ଼ୀଗୁଡ଼ିକ ଫଳଟିର ସୁମିଷ୍ଟ ଶସ। ମଣିଷ ଜୀବନରେ ମିଶି ରହିଥିବା ଦୁର୍ଗୁଣ, ଦୁର୍ମତି ସବୁ ଫଳର ଅଖାଦ୍ୟ ଟାଣ ମଞ୍ଜି। ଆଉ ଯେଉଁ ରସ ପାଇଁ ଗଛଟିକୁ ଲଗାଯାଇଛି ତାହା ହେଲା ଦିବ୍ୟାନନ୍ଦ। ଚରିତ୍ର ଉତ୍ତମ ହେଲେ ଶରୀର ମଧ୍ୟ ଶୋଭାଯୁକ୍ତ ହୁଏ। ଏହାର ଶୋଭା ଓ ରମଣୀୟତାକୁ ବଞ୍ଚାଇ ରଖେ ମାନବ ସେବା ଓ ଈଶ୍ୱର ଆରାଧନା। ଆଗକାଳରେ ପ୍ରକୃତି ଫଳ, ମୂଳ, ପତ୍ର, ବିଶ୍ରାମ, ବାସଗୃହ ପରିବର୍ତ୍ତନ, ଖାଦ୍ୟ ନିୟନ୍ତ୍ରଣ, ସାଧନା ଆଦି ମଧ୍ୟରେ ଯେଉଁ ସରଳ ସ୍ୱାଭାବିକ ପ୍ରତିକାର କରୁଥିଲା ସେଥିରେ ସବୁ ରୋଗ ଭଲ ହୋଇଯାଉଥିଲା। ମାତ୍ର ଆଜି ମଣିଷ ବଟିକା ଓ ଇଞ୍ଜେକସନ୍ ଯୁଗରେ ବାସ କରୁଛି। କେବେହେଲେ ଭାବ ନାହିଁ ଯେ ଡାକ୍ତରମାନେ ସ୍ୱାସ୍ଥ୍ୟ ନିୟନ୍ତ୍ରଣ ବା ରକ୍ଷଣ କରୁଛନ୍ତି କିମ୍ବା ଔଷଧ ଉତ୍ତମ ସ୍ୱାସ୍ଥ୍ୟର ପ୍ରତିଶ୍ରୁତି ପ୍ରଦାନ କରୁଛି। ତାହାହେଲେ ତ ମୃତ ଲୋକେ ବି ଜୀବନ ପାଇସାରନ୍ତେଣି। ପରୀକ୍ଷା କରି ଦେଖ, ଡାକ୍ତରମାନେ ଅନ୍ୟକୁ ଯେଉଁ ଉପଦେଶ ଦେଉଛନ୍ତି, ସେମାନେ ନିଜେ ତାହା ପାଳନ କରୁଛନ୍ତି କି ନାହିଁ। ଯେଉଁ ଅଭ୍ୟାସ ଛାଡ଼ିବା ପାଇଁ ସେମାନେ ଅନ୍ୟକୁ ଉପଦେଶ ଦିଅନ୍ତି, ସେମାନେ ନିଜେ ସେଇ ଦୁରଭ୍ୟାସର ଅଧୀନ। ସେମାନେ କହନ୍ତି ଧୂମପାନ ଓ ନିଶା ସେବନ ସ୍ୱାସ୍ଥ୍ୟ ପକ୍ଷରେ ଅହିତକର, ମାତ୍ର ସେମାନେ ଏ ଦୁଇଟିଯାକର ବଶବର୍ତ୍ତୀ ହୋଇ ନିଜେ ନିନ୍ଦା କରୁଥିବା ଦୁରଭ୍ୟାସଗୁଡ଼ିକୁ ଉତ୍ସାହିତ କରିଥାନ୍ତି ମାତ୍ର। ଆମ ମାନଙ୍କର ଆଜି ଏହି ପ୍ରକାରର ସ୍ୱାସ୍ଥ୍ୟ ପରାମର୍ଶଦାତା ଅଛନ୍ତି। ଆଧାତ୍ମିକ, ନୈତିକ, ଆର୍ଥିକ, ରାଜନୈତିକ, ସାହିତ୍ୟିକ, ପ୍ରତ୍ୟେକ କ୍ଷେତ୍ରରେ ପ୍ରକୃତ ନାୟକର ଅଭାବ ହିଁ ସଂସାରର ସମସ୍ତ ଦୁଃଖ, ଦୁର୍ଦ୍ଦଶା, ଉଦ୍‌ବେଗ, ଭୟ ଓ ଯନ୍ତ୍ରଣାର ମୂଳ କାରଣ। ତୁମେମାନେ ଦିବ୍ୟାତ୍ମାସ୍ୱରୂପ। ଅନ୍ୟମାନଙ୍କ ଠାରୁ ସମ୍ମାନ ଓ ସ୍ୱୀକୃତି ପାଇବା ଲାଗି ବ୍ୟାକୁଳ ହୁଅନାହିଁ ବରଂ ଈଶ୍ୱରଙ୍କ କୃପା ଲାଭ ପାଇଁ ଆକାଂକ୍ଷା କର। ଏହି ଲକ୍ଷ୍ୟ ପୂରଣ ଦିଗରେ ଯେତେ ବାଧାବିଘ୍ନ ଆସିଲେ ବି ହତୋତ୍ସାହ ହୁଅନା, ବାଟବଣା ହୁଅନା।

ଅଲିଶା ବଜାର, କଟକ
ଦୂରଭାଷ : ୯୩୩୭୨୪୨୯୫୫



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ଚିଲିକା ନୂଆପଡାରେ ଦଶଦୋଳ ମହୋତ୍ସବ ୧୪ରୁ ଆରମ୍ଭ

କୃଷ୍ଣପ୍ରସାଦ, (ମହାଭାରତ) : ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ଐତିହାସିକ ଚିଲିକା ନୂଆପଡା ଦଶଦୋଳ ଯାତ୍ରା ପଡିଆରେ ଆସନ୍ତା ୧୪ ରୁ ୧୭ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ୫୮ତମ ଦଶଦୋଳ ମହୋତ୍ସବ ଅନୁଷ୍ଠିତ ହେବ। ଏ ନେଇ ଚିଲିକା ନୂଆପଡା ଗ୍ରାମ୍ୟ କମିଟି ପକ୍ଷରୁ ଦଶଦୋଳ ଯାତ୍ରା ପଡିଆରେ ବ୍ୟାପକ ପ୍ରସ୍ତୁତିପର୍ବ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଏ ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ମେଳଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନୂଆପଡା ଗ୍ରାମ୍ୟ କମିଟି ସଭାପତି ନଳିନୀକାନ୍ତ ଜେନାଙ୍କ ପୌରହିତ୍ୟରେ ଆୟୋଜିତ ବୈଠକରେ କମିଟିର ସଦସ୍ୟମାନେ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବା ସହ ମହୋତ୍ସବକୁ ସରସ ସୁନ୍ଦର କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ମହୋତ୍ସବର ପ୍ରତ୍ୟେହ ସଂନ୍ଧ୍ୟାରେ ପାରମ୍ପରିକ ଲୋକନୃତ୍ୟ ଭାରତଲୀଳା, ସମରକଳା ପାଇକ ଆଖଡ଼ା, ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ରାତ୍ର କାଳରେ ମନୋରଞ୍ଜନ ନିମନ୍ତେ ଗଣନାଟ୍ୟ ଯାତ୍ରା ପରିବେଷଣ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ପ୍ରସ୍ତୁତି ବୈଠକରେ ଚିଲିକା ନୂଆପଡା ଗ୍ରାମ୍ୟ କମିଟି ସମ୍ପାଦକ ସୁକାନ୍ତ କୁମାର ପ୍ରଧାନଙ୍କ ସମେତ ୩୫ ରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗ ଦେଇଥିଲେ। ମହୋତ୍ସବର ସଫଳତା ନେଇ ଚିଲିକା ନୂଆପଡା ୪୫୦ ଘର ଗ୍ରାମବାସୀଙ୍କ ସକ୍ରୀୟ ସହଯୋଗ କାମନା କରା ଯାଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ନିମନ୍ତେ କୃଷ୍ଣପ୍ରସାଦ ଥାନା ଆଇଆଇସି ବିଚିତ୍ରାନନ୍ଦ ପ୍ରଧାନଙ୍କ ନେତୃତ୍ୱରେ ବ୍ୟାପକ ବ୍ୟବସ୍ଥା କରିଥିବା ଜଣାପଡିଛି ।

## ଟାଟା ଷ୍ଟିଲ୍ ଖଣି ଗୁଡିକୁ ୪୩ ତମ ଖଣି ବାର୍ଷିକ ଉତ୍ସବ ପାଳନ

ଯୋଡା, (ମହାଭାରତ) : ଯୋଡା ଟାଟା ଷ୍ଟିଲ ଖଣି ସୁରକ୍ଷା ମହାନିର୍ଦ୍ଦେଶକ (ଡିଜିଏମଏସ୍), ଭୁବନେଶ୍ୱର ଅଞ୍ଚଳ- ୧ ଏବଂ ୨ ଆନୁକୁଲ୍ୟରେ ଶନିବାର ଭୁବନେଶ୍ୱର ଠାରେ ଅନୁଷ୍ଠିତ ୪୩ ତମ ବାର୍ଷିକ ଖଣି ସୁରକ୍ଷା ପକ୍ଷ ୨୦ ୨୫ ପାଳନ ଅବସରରେ ଟାଟା ଷ୍ଟିଲ୍ ୨୩ ଗୋଟି ପୁରସ୍କାର ହାସଲ କରିଛି । ଏ-୧ ସମୁଦାୟ ବର୍ଗର ପ୍ରଦର୍ଶନରେ କାଟଓମାଟି ଲୌହ ଖଣି ବିଜେତା ହୋଇ ପ୍ରଥମ ସ୍ଥାନ ଅଧିକାର କରିଛି ଏବଂ ସେହି ବର୍ଗରେ ଖଣ୍ଡବନ୍ଧ ଲୌହ ଖଣିକୁ ଦ୍ୱିତୀୟ ସ୍ଥାନ ମିଳିଛି । କାଟଓମାଟି ଲୌହ ଖଣି ଜେନେରାଲ ଓ୍ୱାର୍କିଙ୍ଗ ଏବଂ ଟ୍ରେନିଂ ବିଭାଗ ଗୁଡିକ ରେ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ମେକାନିକାଲ ମ୍ୟାନଟେନାନ୍ସ, ଇଲେକ୍ଟ୍ରିକାଲ୍ ମ୍ୟାନଟେନାନ୍ସ ବିଭାଗରେ ତୃତୀୟ ସ୍ଥାନ ଅଧିକାର କରିଛି ଓ ସେହିପରି ଭାବରେ, ଖଣ୍ଡବନ୍ଧ ଲୌହ ଖଣି ମେକାନିକାଲ ମ୍ୟାନଟେନାନ୍ସ, ଇଲେକ୍ଟ୍ରିକାଲ୍ ମ୍ୟାନଟେନାନ୍ସ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଛି ଏବଂ ଇନୋଭେଟିଭ୍ ଡିଜିଟାଇଜେସନ ବିଭାଗରେ ତୃତୀୟ ସ୍ଥାନ ହାସଲ କରିଛି । ଅନୁରୂପ ଭାବରେ ଯୋଡା ଇଷ୍ଟ ଲୌହ ଖଣି କୁ ଇନୋଭେଟିଭ୍ ଡିଜିଟାଇଜେସନ ଏବଂ ଟ୍ରେନିଂ ରେ ପ୍ରଥମ ସ୍ଥାନ ଏବଂ ଡ୍ରିଲିଙ୍ଗ ବ୍ଲାଷ୍ଟିଙ୍ଗ ତଥା ଇଲେକ୍ଟ୍ରିକାଲ୍ ବିଭାଗ ଗୁଡିକରେ ଦ୍ୱିତୀୟ ସ୍ଥାନ ମିଳିଛି । ଭୋକେସନାଲ ଟ୍ରେନିଂ ଏବଂ ଅକୁପେସନାଲ୍ ହେଲଥ ପାଇଁ ପାଇଁ ଯୋଡା ଇଷ୍ଟ କୁ ପୃଥକ ପୃଥକ ଭାବରେ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ଡାଇରକ୍ଟୋରେଟ୍ ଜେନେରାଲ ଅଫ ମାଇନ ସେଫଟି (ଡି ଜି ଏମ୍ ଏସ୍) (ଧାନବାଦ) ର ମହାନିର୍ଦ୍ଦେଶକ ଉଜ୍ଜ୍ୱଳ ତାହ ଯୋଗଦେଇଥିଲେ । ଏତଦବ୍ୟତୀତ, ଡେପୁଟି ଡାଇରେକ୍ଟର ଜେନେରାଲ ଅଫ ମାଇନ ସେଫଟି (ସାଉଥ ଇଷ୍ଟର୍ଣ୍ଣ ଜୋନ), ରାଞ୍ଚି, ଶ୍ୟାମ ସୁନ୍ଦର ପ୍ରସାଦ, ଇଷ୍ଟର୍ଣ୍ଣ ଜୋନ ମାଇନିଂ ଏସୋସିଏସନ ସଭାପତି ରାଜୀବ ଲୋଚନ ମହାନ୍ତି, ଡାଇରେକ୍ଟର ଅଫ୍ ମାଇନ ସେଫଟି (ଭୁବନେଶ୍ୱର-୧) ଅବନିଶ କୁମାର ମିଶ୍ର, ଡାଇରେକ୍ଟର ଅଫ୍ ମାଇନ ସେଫଟି (ଭୁବନେଶ୍ୱର-୨) ନସୀନା ବଓଲାସୁବ୍ରମନ୍ୟମ୍, ଦେବାଶିଷ ଜେନା, ଜେନେରାଲ ମ୍ୟାନେଜର (ଓ ଏମ୍ କ୍ୟୁ) ଟାଟା ଷ୍ଟିଲ, ସଂଘ ପ୍ରତିନିଧି, ଖଣି ଏଜେଣ୍ଟ, ମ୍ୟାନେଜର, ଅଧିକାରୀ, ଏବଂ ବିଭିନ୍ନ ଖଣି କମ୍ପାନୀର କର୍ମଚାରୀମାନେ ଉପସ୍ଥିତ ଥିଲେ। ବିଭିନ୍ନ ଖଣି କମ୍ପାନି ଏବଂ ଭେଣ୍ଡର ପାର୍ଟନରମାନଙ୍କ ଦ୍ୱାରା ସ୍ଥାପନ କରାଯାଇଥିବା ଷ୍ଟଲଗୁଡ଼ିକୁ ଅତିଥି ମାନେ ପରିଦର୍ଶନ କରିଥିଲେ ଯେଉଁଥିରେ ସର୍ବୋତମ ନିରାପତ୍ତା ଅଭ୍ୟାସ ଏବଂ ନିରାପତ୍ତା ଉପକରଣ ପ୍ରଦର୍ଶିତ ହୋଇଥିଲା । ଖଣିରେ ସୁରକ୍ଷିତ କାର୍ଯ୍ୟ ପଦ୍ଧତିରେ ଉନ୍ନତି ଆଣିବା, ଖଣିରେ ଦୁର୍ଘଟଣାକୁ ଯଥେଷ୍ଟ ହ୍ରାସ କରିବା ଏବଂ 'ଶୂନ୍ୟ କ୍ଷତି' ର ଭାବଧାରା ସୃଷ୍ଟି ପାଇଁ ପ୍ରତିବର୍ଷ ଦେଶର ସମସ୍ତ ଅଞ୍ଚଳରେ ଖଣି ନିରାପତା ସପ୍ତାହ ପାଳନ କରାଯାଉଛି ।

## ଗ୍ୟାସ ଅଛି, ଓଟିପି ଆସୁନି: ଗ୍ରାହକ ଭୟଭୀତ

ନାରାୟଣପାଟଣା, (ମହାଭାରତ) : ପଶ୍ଚିମ ଏସିଆରେ ଯୁଦ୍ଧ ଯୋଗୁଁ ରନ୍ଧନ ଗ୍ୟାସ ସଙ୍କଟ ଏବେ ଘନେଇବାରେ ଲାଗିଲାଣି । ନା ହୋଇ ପାରୁଛି ବୁକିଂ ନା ଆସୁଛି ଓଟିପି। । ଅନେକ ସ୍ଥାନରେ ବୁକିଂ ମଧ୍ୟ ହେଉନି । ଗ୍ୟାସ ନଥିବାରୁ ଛୋଟ ଛୋଟ ଦୋକାନ ଓ ରେଷ୍ଟୁରାଣ୍ଟ ବନ୍ଦ ହେବାକୁ ବସିଲାଣି । ଲୋକେ ସାଧାରଣ ଚା ହେଉ ବା ସକାଳ ଜଳଖିଆ ମିଳୁନାହିଁ। କିଛି କିଛି ଦୋକାନରେ ଜଳଖିଆ ମିଳୁଥିବା ବେଳେ ଘଣ୍ଟା ଘଣ୍ଟା ଜଗିବାକୁ ପଡୁଛି। ଏହିଭଳି ଯଦି ଆଉ ଦୁଇ ବା ତିନିଦିନ ଓଟିପି ଆସିବାରେ ଅସୁବିଧା ହେବ ଅନେକ ଜଳଖିଆ ଦୋକାନ, ହୋଟେଲ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯିବ। ଭୋର ୪ଟା ରୁ ।ଗ୍ୟାସ ଡିପୋ ଆଗରେ ମଧ୍ୟ ପ୍ରବଳ ଭିଡ଼ ଜମାଉଛନ୍ତି ଲୋକେ ହେଲେ ନିରାଶ ହୋଇ ଅନେକେ ଲୋକ ଫେରୁଥିବା ଦେଖିବାକୁ ମିଳୁଛି । ଅନ୍ୟପଟେ ଗ୍ୟାସ ମିଳୁନଥିବାରୁ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସେପଟେ ନାରାୟଣପାଟଣା ଡିପୋ ସାମ୍ନାରେ ଖାଲି ସିଲିଣ୍ଡର ରଖି ଗ୍ରାହକଙ୍କ ଭିଡ଼ । ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଠିଆ ହେଲେ ବି ମିଳୁନି । ଡିପୋ କର୍ମଚାରୀ କହିଛନ୍ତି, ପର୍ଯ୍ୟାପ୍ତ ପରିମାଣ ଗ୍ୟାସ ମହଜୁଦ୍ ? ଅଛି, ସରକାରୀ ନିୟମ ଅନୁସାରେ, କାମ କରିବା ବେଳକୁ ବିଳମ୍ବ ହେଉଛି ।ଗାଁ ଗହଳିର ଅଭାବୀ ମଣିଷ ରାସ୍ତାକଡରେ ଚା' ଦୋକାନ କରି ପରିବାର ପୋଷନ୍ତି । ଏବେ ରନ୍ଧନ ଗ୍ୟାସ ସଂକଟ ସେମାନଙ୍କ ବୃତ୍ତିରେ ବାଧା ସୃଷ୍ଟି କରିଛି । ଖାଲି ଜଳଖିଆ, ହୋଟେଲ ନୁହେଁ ବରଂ କିଛି ଗୃହଣି ନିଜର ରୋଷେଇ ଘରେ ଗ୍ୟାସ ସାରିବାକୁ ଗଲାଣି ତେଣୁ ଏହି ଓଟିପି ଅସୁବିଧା ହେଲେ ଘରେ ମଧ୍ୟ ସମାନ ଅସୁବିଧା ଉପୁଜିବା ସୋଭାବିକ ବୋଲି ମତ ରଖିଛନ୍ତି ତେଣୁ ଏହାର ବିକଳ୍ପ ସରକାର ତୁରନ୍ତ ନିଅନ୍ତୁ ବୋଲି ଦାବି ହେଉଛି।

## ନିଶାସକ୍ତ ଯୁବକଙ୍କ ଉନ୍ମକ୍ତ କାଣ୍ଡ

ପାତ୍ରପୁର, (ମହାଭାରତ): ବ୍ରହ୍ମପୁର ଜିଲ୍ଲା ଜରଡା ଥାନା ଅନ୍ତର୍ଗତ ତଣ୍ଡିପୁର ଗ୍ରାମରେ ଗତକାଲି ରାତିରେ ଏକ ନିଶାସକ୍ତ ଯୁବକଙ୍କ ଉନ୍ମକ୍ତ କାଣ୍ଡ ଦେଖିବାକୁ ମିଳିଛି । ତଣ୍ଡିପୁର ଗ୍ରାମ ଦଳିତ ସାହି ନିକଟରେ ଥିବା ଏଇର୍ଟେଲ୍ ଟାୱାର ଉପରକୁ ମଦ ନିଶାରେ ଚଢ଼ିଥିଲେ। ଯୁବକ ଜଣକ ହେଲେ ଉକ୍ତ ଦଳିତ ସାହିର ସ୍ୱର୍ଗତ ଉମା ନାୟକ ଙ୍କ ପୁଅ ମଙ୍ଗଳା ନାଇକ (୨୯) । ସୂଚନା ପ୍ରକାରେ ମଙ୍ଗଳା ନାଇକ ଦୁଇଟି ମହିଳା ଙ୍କୁ ବିବାହ କରିଥିଲେ , ଦ୍ୱିତୀୟ ବିବାହ ର କିଛି ଦିନ ପରେ ଦଳିତ ସମାଜ ଉମା ନାୟକ ଓ ତାଙ୍କ ପରିବାର ଙ୍କୁ ଡାକି ବୈଠକ କରିଥିଲେ , ବୈଠକ ରେ କୁଳ ର ସଭାପତି , ସମ୍ପାଦକ ଓ କିଛି ଭଦ୍ର ବ୍ୟକ୍ତି ଏକ ଲକ୍ଷ ଟଙ୍କା ଅର୍ଥ ଆକାରରେ ଦେବା ପାଇଁ ବାଧ କରିଥିଲେ । ଉମା ନାୟକ ଅର୍ଥ ଦେବାରେ ସମ୍ଭଳ ନଥିବା ଯୋଗୁଁ ୨ ବର୍ଷ ତଳେ ମାନସିକ ଯନ୍ତ୍ରଣା ଦ୍ୱାରା ମୃତ୍ୟୁ ଘଟିଥିଲା। ବର୍ତ୍ତମାନ ପୁଣି ତାଙ୍କ ସ୍ତ୍ରୀ ଓ ପୁଅ ଙ୍କୁ ମାନସିକ ନିର୍ଯ୍ୟାତନା ଦେବା ଆରମ୍ଭ କରିଥିଲେ ତାଙ୍କ ଦଳିତ ସମାଜ ର ଭଦ୍ରବ୍ୟକ୍ତି ,ସଭାପତି ଓ ସଂପାଦକ। ତେଣୁ ନିର୍ଯ୍ୟାତନା ସହିନପାରି ମଦ୍ୟପାନ କରି ଆତ୍ମହତ୍ୟା କରିବା ପାଇଁ ଟାୱାର ଉପରକୁ ଚଢ଼ିଥିଲେ ଯୁବକ, ସେପଟେ ଦଳିତ ସମାଜ ର କିଛି ଭଦ୍ର ବ୍ୟକ୍ତି କହିଛନ୍ତି ଯେ ପ୍ରଥମ ସ୍ତ୍ରୀ ର ଭରଣ ପୋଷଣ ନିମନ୍ତେ ତାଙ୍କୁ ମୋଟା ଅର୍ଥ ଆକାରରେ ଦେବା ପାଇଁ ବାଧ କରାଯାଇଥିଲା । ସ୍ଥାନୀୟ ଗ୍ରାମବାସୀ ଏହା ଦେଖି ଜରଡା ଥାନା କୁ ଖବର ଦେଇଥିଲେ ।ଖବର ପାଇ ଏସ ଆଇ ଦୁର୍ଯ୍ୟୋଧନ ନାୟକ, ସମୀର ଶେଖର ଜୟ ସିଂ ଓ ଅଗ୍ନିଶ୍ରମ ବାହିନୀ ପହଞ୍ଚି ଯୁବକ ଙ୍କୁ ୫ ଘଣ୍ଟା ପରେ ଉଦ୍ଧାର କରିଥିଲେ ।

# ଭୋକ ଲାଗିଲେ ମୁଠାଏ ଭାତ ଦେବାକୁ ନାହାନ୍ତି କିଏ, ମରିଯାଇଛି ତା କଅଁଳ ଆଖିର ସବୁ ସ୍ୱପ୍ନ

**ଜନ୍ମରୁ ହରାଇଥିଲା ମା ଶବ୍ଦକୁ, ବଡ଼ ହେଲା ପରେ ହାରିଦେଲା ବାପାକୁ ବିଜୟିନୀରୁ ହେବେ ବିରଜନୀ**



ପାତ୍ରପୁର, (ମହାଭାରତ) : ଭବିଷ୍ୟତ ଅନିଶ୍ଚିତତା ଦେଇ ଗତି କରୁଛି ।ନିଜେ ଖଟି ମୁଲ ଲାଗିଲେ ଘର ଚଳେ ପେଟ କୁ ଦାନା ଟିକେ ମିଳେ ।ଅନାଥ ଝିଅ ପାଖରେ ଅଛି ନା ଆବାସ ଘର କି ଅନାଥ ହିସାବରେ ଭତ୍ତା ନାଁ ରାସନ କାର୍ଡ ଚାଉଳ ।ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ସାମନ୍ତରାପୁର ପଞ୍ଚାୟତ ତାଳ ପଦର ଗାଁ ର ବୀରଜିନି ଶବର କଥା। ବାପା ମା ମୃତ୍ୟୁ ପରେ ପାଠ ପଢା ମଧ୍ୟ ଛାଡିବାକୁ ପଡିଛି କାରଣ ଘରେ କିଏ ରୋଜଗାର କରି ଖାଇବା ପିଇବା ପିନ୍ଧିବା ପାଇଁ ଦେବାକୁ ଅଛି ନା ଆହା ପଦେ କହିବାକୁ କିଏ ପାଖରେ ଅଛି ।ଏବେ ଭଗବାନ ସାହାରା ରେ ବିତୁଛି ଜୀବନ ।ଶୈଶବ ରୁ ଅଭାବୀ ଦାରିଦ୍ରତା ଦାଣ୍ଡ କୁ କାଢି ଆଣିଛି ।ଯେଉଁ ବୟସ ରେ ବାପା ମା ଙ୍କ ସ୍ନେହ ମମତା ବାନ୍ଧି ହୋଇ ପାଠ ପଢି ସାଙ୍ଗ ସାଥି ମାନଙ୍କ ସହ ଖେଳି କୁଦୀ ବୁଲିବା କଥା ସେ ବୟସ ରେ ।କିଭଳି ରାତି ପାହିଲେ ପେଟ ଦୀ ମୁଠା ଦାନା ଖାଇବେ ସେ ଚିନ୍ତାରେ ।କେତେ ବେଳେ କାହା ପାଖରେ ମୁଲ ପଡି ନିଜ ପେଟ ପୋଶୁଛନ୍ତି ତ କେତେବେଳେ ନିଜେ ଘରେ ସିଲେଇ ମିସିନ ରେ କିଛି ଲୋକଙ୍କ ଲୁଗା ପଟା ଶିଳାଇ କିଛି ଟଙ୍କା ସଂଚୟ କରି ନିଜ ପେଟ ପାଇଁ ଦାନା ଗଣ୍ଡିଏ ଯୋଗାଡ଼ କରୁଛନ୍ତି। ସ୍ୱର୍ଗତ ବାବୁଲା ଶବର ଙ୍କ ଝିଅ ବୀରଜିନି ଶବର ଯିଏ ଜନ୍ମ ହେବାର ଦୁଇ ବର୍ଷ ପରେ ନିଜ ମା ଙ୍କୁ ହରାଇ ଥିଲେ ।ମା ନାଁ କଣ ମା ଦେଖିବାକୁ କେମିତି ମା ମୃତ୍ୟୁ କାରଣ କଣ ଭି ଜାଣି ନାହାଁନ୍ତି ।ମା ମୃତ୍ୟୁ ପରେ ବାପା ବହୁ କଷ୍ଟ ରେ ଝିଅ ବୀରଜିନି କୁ ପାଳିଲେ ।ଏହି ଭଳି କି ସେ ଷଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ମଧ୍ୟ ପଢିଲେ ।ଯେତେବେଳେ ବାପା ଙ୍କ ମୃତ୍ୟୁ ହେଲା ଅଉ ପରିବାର ଆହା କରିବାକୁ କିଏ ରହିଲା ନାହିଁ ।ପରିବାର ମୁରବି ଶୂନ୍ୟ ହୋଇ ଗଲା । ଆଧାର କାର୍ଡ ଅନୁଯାୟି ବୀରଜିନି ଏବେ. ୧୯ ବର୍ଷ ର ଝିଅ ବାହାଘର ବୟସ ହେଲେ ଭି ଦରିଦ୍ରତା ଯୋଗୁଁ ବାହାଘର ମଧ୍ୟ ହେବା କଷ୍ଟକର ବୋଲି ପଡୋଶୀ କହିଛନ୍ତି ।ନାଁ ସରକାର ଙ୍କ ଆବାସ ଘର ଅଛି ନାଁ ଅନାଥ ପିଲା ହିସାବରେ ଭତ୍ତା ନାଁ ରାସନ କାର୍ଡ ।ଗତ ଏକ ମାସ ତଳେ ରାସନ କାର୍ଡ ମିଳି ଥିଲେ ଭି ବର୍ତମାନ ସୁଦ୍ଧା ଚାଉଳ ମିଳିନାହିଁ ।ସେ ନିଜେ ମୁଲ ଲାଗିଲେ ତ କେତେବେଳେ ସାହି ପଡିଶା କିଛି ଖାଇବାକୁ ଦେଲେ ସେ ଖାନ୍ତି ।ବେଳେ ବେଳେ ଗୋଟିଏ ବେଳା ଖାଇ ଗୋଟିଏ ବେଳା ଭୋକ ଉପାସ ବିତୁଛି ଜୀବନ ।ତେବେ ଏଠି ପ୍ରଶ୍ନ ଉଠୁଛି ସରକାର ଙ୍କ ମାଳ ମାଳ ଯୋଜନା କାହା ସ୍ୱାର୍ଥ ରେ । ଜିଲ୍ଲା ପ୍ରଶାସନ ଏହି ଅନାଥ ଝିଅ ବିରଜନି ଙ୍କୁ ବିଜୟିନୀ କେବେ କରିବେ ଦେଖିବାକୁ ବାକି ରହିଲା

## ସିଆଇଆଇ ଓଡିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଭାବେ ଅନିଲ କୁମାର ସିଂହଙ୍କ ନିଯୁକ୍ତି




ଭୁବନେଶ୍ୱର/ପାରାଦ୍ୱୀପ, (ମହାଭାରତ): ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍‌ର ଅଧ୍ୟକ୍ଷ ଅନିଲ କୁମାର ସିଂହ ସରକାରୀଭାବେ କନଫେଡରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ଉଓଓ) ଓଡିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଜ୍ୟର ଔଦ୍ୟୋଗିକ ପରିଦୃଶ୍ୟକୁ ଆହୁରି ବିବିଧମୟ କରିବା ପାଇଁ ଚେଷ୍ଟା ଚାଲିଥିବା ଏହି ସମୟରେ ତାଙ୍କର ନିଯୁକ୍ତି ଗୁରୁତ୍ୱପୂର୍ଣ୍ଣ ବୋଲି ମନ୍ତବ୍ୟ କରାଯାଉଛି। ଏହି ଦାୟିତ୍ୱ ଗ୍ରହଣ କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇନ, ମୁଖ୍ୟ ସଚିବ ଅନୁ ଗର୍ଗ ଓ ଅତିରିକ୍ତ ମୁଖ୍ୟ ସଚିବ (ଗୃହ, ଶିଳ୍ପ ଓ ଆଇ ଆଣ୍ଡ ପିଆର) ହେମନ୍ତ ଶର୍ମା ଉପସ୍ଥିତ ଥିଲେ। ତାଙ୍କର ଉଦ୍ବୋଧନରେ ଶ୍ରୀ ସିଂହ ଓଡିଶାର ଆର୍ଥିକ ଉନ୍ନତିକୁ ପ୍ରଶଂସା କରି କହିଥିଲେ ଯେ ରାଜ୍ୟ ପୂର୍ବରୁ ଧାତୁ ଓ ଖଣିଜ ଭିତ୍ତିକ ଅର୍ଥନୀତିରେ ପ୍ରସିଦ୍ଧ ଥିଲେ ମଧ୍ୟ, ବର୍ତ୍ତମାନ ଏହା ଆଇଟି, ଇଲେକ୍‌ଟ୍ରୋନିକ୍ସ ଓ ଆଧୁନିକ ମ୍ୟାନୁଫାକ୍‌ଚରିଂ ମାଧ୍ୟମରେ ଏକ ନୂତନ ଔଦ୍ୟୋଗିକ କେନ୍ଦ୍ର ଭାବେ ଉଭୁକୁ ଆସୁଛି। ସେ କହିଥିଲେ, "ପ୍ରଗତିଶୀଳ ନୀତି ଓ ସକ୍ରିୟ ଶାସନ ପ୍ରଣାଳୀର କାରଣରୁ ଓଡିଶା ନୂତନ ପିଢ଼ୀର ଶିଳ୍ପଗୁଡିକ ପାଇଁ ଏକ ପସନ୍ଦସ୍ଥଳୀ ଭାବେ ଦ୍ରୁତ ଗତିରେ ଉଦୟ ହେଉଛି।" ଶ୍ରୀ ସିଂହ ତାଙ୍କ ଅଧ୍ୟକ୍ଷତାକାଳୀନ ସମୟରେ ଶିଳ୍ପ ଓ ସରକାର ମଧ୍ୟରେ ସମନ୍ୱୟ ବୃଦ୍ଧି, ନବୀନତାକୁ ଉତ୍ସାହିତ କରିବା ଓ କୌଶଳ ଉନ୍ନତିକୁ ମଜବୁତ କରି ରାଜ୍ୟର ଉନ୍ନତିକୁ ଆଗେଇ ନେବାରେ ଗୁରୁତ୍ୱ ଦେବେ ବୋଲି କହିଥିଲେ। ଶିଳ୍ପ ମହଲର ନେତାମାନେ ତାଙ୍କର ନେତୃତ୍ୱକୁ ସ୍ୱାଗତ କରି କହିଛନ୍ତି ଯେ ତାଙ୍କର ଦୃଷ୍ଟିଭଙ୍ଗୀ ନୀତି ଓ ଶିଳ୍ପ କାର୍ଯ୍ୟନିଷ୍ପାଦନ ମଧ୍ୟର ଆନ୍ତରକୁ କମେଇ ଓଡ଼ିଶାର ସମଗ୍ର ଉନ୍ନତି କରିବେ।

## ନିଆଁ ଲିଭାଇବା ବେଳେ ଭାଲୁ ଆକ୍ରମଣ: ସ୍କ୍ୱାର୍ଡ କର୍ମଚାରୀ ଗୁରୁତର

ଦଶପଲ୍ଲା, (ମହାଭାରତ): ବାଇଶୀପଲ୍ଲୀ ଜଙ୍ଗଲରେ ନିଆଁ ଲିଭାଉଥିବା ସମୟରେ ଭାଲୁ ଆକ୍ରମଣରେ ଜଣେ ସ୍କ୍ୱାର୍ଡ କର୍ମଚାରୀ ଗୁରୁତର ହୋଇଛନ୍ତି। ସୂଚନା ଅନୁସାରେ, ମହାନଦୀ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ବାଣିଗୋଛା (ପୂର୍ବ) ରେଞ୍ଜରେ କାର୍ଯ୍ୟରତ ଗଣିଆ ବ୍ଲକ ଶିଖରଗୋଛା ଗ୍ରାମର ଉତ୍ତମ ମଲିକ (୨୧) ଆଜି ଅନ୍ୟ ସହଯୋଗୀଙ୍କ ସହ ନିଆଁ ଲିଭାଉଥିଲେ। ଏହି ସମୟରେ ଏକ ଭୟଭୀତ ଭାଲୁ ହଠାତ୍ ତାଙ୍କ ଉପରକୁ ଝାମ୍ପି ପଡ଼ିଥିଲା। ତାଙ୍କୁ ବଞ୍ଚାଇବାକୁ ଯାଇ ଅନ୍ୟ କେତେକ ସହଯୋଗୀ ମଧ୍ୟ ସାମାନ୍ୟ ଆହତ ହୋଇଛନ୍ତି। ଉତ୍ତମଙ୍କୁ ପ୍ରଥମେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅବସ୍ଥା ଗୁରୁତର ହେବାରୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ବନାଞ୍ଚଳ ଅଧିକାରୀ ପ୍ରିୟବ୍ରତ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ମନ୍ଦିର ଜମିକୁ ନେଇ ଗୋଷ୍ଠୀ କନ୍ଦଳ

ରାଇଘର, (ମହାଭାରତ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ କୁନ୍ଦେଇ ଥାନା ଅଞ୍ଚଳର ସୀମାନ୍ତ ଗ୍ରାମ ମାରିଗାଁରେ ମନ୍ଦିର ଜାଗାକୁ ଦେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଦେଖାଦେଇଛି। ଫଳରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ନିମନ୍ତେ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି। ମଙ୍ଗଳବାର ଠାରୁ ମାରିଗାଁରେ ମଣ୍ଡେଇ ଯାତ୍ରା ଆରମ୍ଭହୋଇଥିଲା । ଦିନ ତମାମ ମନ୍ଦିରରେ ଲୋକଙ୍କ ଭିଡ଼ ହେବା ସହିତ ଦେବତା, ଲାଠି ପୂଜା ହୋଇଥିଲା। ଅନ୍ୟପଟେ ଉକ୍ତ ମନ୍ଦିର ନାମରେ ରହିଥିବା ୧୩ଏକର ଜମିକୁ ନେଇ ଦୀର୍ଘ ଦିନ ଧରି ଲାଗି ରହିଥିବା ବିବାଦ ପୁଣି ଥରେ ମୁଣ୍ଡ ଟେକିଥିଲା । ଦୁଇ ଗୋଷ୍ଠୀ ମଧ୍ୟରେ କନ୍ଦଳ ଆରମ୍ଭ ହେବା ପରେ ଦୀର୍ଘ ୩୦ବର୍ଷ ଧରି ଚାଲିଆସୁଥିବା ମଣ୍ଡେଇ ଯାତ୍ରା ଆଜି ବନ୍ଦ ରହିଥିଲା। ଅନ୍ୟପଟେ ପରିସ୍ଥିତିକୁ ଅନୁଧ୍ୟାନ କରି ରାଇଘର ପ୍ରଶାସନ ପକ୍ଷରୁ ଅତିରିକ୍ତ ତହସିଲଦାର ଏବଂ କୁନ୍ଦେଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇପକ୍ଷକୁ ଶାନ୍ତିପୂର୍ଣ୍ଣ ଭାବେ ସମସ୍ୟାର ସମାଧାନ କରିବାକୁ ଅନୁ ଅନୁରୋଧ କରାଯାଇଛି। ଏଥିସହ ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ଉକ୍ତ ଅଞ୍ଚଳରେ ୧୪୪ ଧାରା ଲାଗୁ କରାଯିବା ସହ ସିଆରପିଏଫ ଯବାନମାନଙ୍କୁ ମୁତୟନ କରାଯାଇଛି। ୧୪୪ ଧାରା ଲାଗୁ ପରେ ସମ୍ପୂର୍ଣ୍ଣ ଗ୍ରାମ ଜନଶୂନ୍ୟ ଲାଗୁଥିଲା। ଅପରପକ୍ଷରେ ସମସ୍ୟାର ସମାଧାନ ହେଲା ପରେ ମଣ୍ଡେଇ ଯାତ୍ରା ହୋଇପାରିବ ବୋଲି ପୁଲିସ ସୂଚନା ଦେଇଛି।

## ପାରାଦୀପରେ ମହିଳା ସାଂସ୍କୃତିକ ମହୋତ୍ସବ ଉଦଯାପିତ



ପାରାଦୀପ, (ମହାଭାରତ) : ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ପାରାଦୀପ ବନ୍ଦରର ଜୟଦେବ ସଦନ ଠାରେ ମାର୍ଚ୍ଚ ୮ ରୁ ୧୩ ତାରିଖ ପର୍ଯ୍ୟନ୍ତ ଚାଲିଥିବା ମହିଳା ସାଂସ୍କୃତିକ ମହୋତ୍ସବ ୨୦୨୬ ସଫଳତାର ସହ ଉଦଯାପିତ ହୋଇଯାଇଛି। ପାରାଦୀପ ବନ୍ଦର ପ୍ରାଧିକରଣ ଓ ଜଗନ୍ନାଥ ଲଳିତ କଳା ସଂସଦ ର ମିଳିତ ସହଯୋଗରେ ଆୟୋଜିତ ଏହି ମହିଳା ମହୋତ୍ସବକୁ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହରନାଦ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ପାରାଦୀପ ବନ୍ଦର ଅଞ୍ଚଳର ବିଭିନ୍ନ ମହିଳା ସଂଗଠନ ଓ କ୍ଲବ ଯଥା ପାରାଦୀପ ଅଫିସର୍ସ ଲେଡିଜ୍ କ୍ଲବ, ପାରାଦୀପ ଲେଡିଜ୍ ୱିଙ୍ଗ କ୍ଲବ, ପିପିଏଲ୍ ଲେଡିଜ୍ କ୍ଲବ, ଇଫକୋ ଲେଡିଜ୍ କ୍ଲବ, ପାରାଦୀପ ସାକ୍ଷରତା ସମିତି ଓ ପାରାଦୀପ ପୌରପାଳିକାର ମହିଳାମାନେ ଏହି ମହୋତ୍ସବରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ପ୍ରତିଦିନ ସନ୍ଧ୍ୟାବେଳେ ସେମାନଙ୍କ ଦ୍ୱାରା କ୍ଷୁଦ୍ର ନାଟକ ଓ ବିଭିନ୍ନ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହା ମାଧ୍ୟମରେ ମହିଳାମାନଙ୍କ କଳା ପ୍ରତିଭା ଓ ସୃଜନଶୀଳତାକୁ ଏକ ସୁନ୍ଦର ମଞ୍ଚ ମିଳିଥିବାରୁ ମହିଳାମାନଙ୍କ ମନରେ ଏକପ୍ରକାର ଉତ୍ସାହ ଭରି ଦେଇଥିଲା। ପ୍ରତ୍ୟେକ ସନ୍ଧ୍ୟାର ନାଟକ ଗୁଡିକ ନାରୀ ଶକ୍ତି ଓ ସମାଜକୁ ସୁନ୍ଦର ବାର୍ତ୍ତା ଦେଲାଭଳି ନାଟକ ପରିବେଷଣ କରାଯାଇଥିଲା। ଉଦଯାପନୀ ସନ୍ଧ୍ୟାରେ ପାରାଦୀପ ପୋର୍ଟ ଲେଡିଜ୍ ୱିଙ୍ଗ୍ କ୍ଲବର ସଦସ୍ୟା ମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା ନାଟକ 'ଅଧିକାର'। ଅନ୍ୟାୟ ଓ ଦୁର୍ନୀତି କବଳରେ ଥିବା ସମାଜକୁ ଉଦ୍ଧାର କରି ନିଜର ଅଧିକାର ସପକ୍ଷରେ ଲଢି ଶେଷରେ ବିଜୟୀ ହୁଅନ୍ତି ଆଜିର ନାରୀ। ଏହି ଭଳି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ନାଟକ ମଞ୍ଚସ୍ଥ ହୋଇଥିଲା । ଉଦଯାପନୀ ସଂନ୍ଧ୍ୟାରେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଓ କ୍ୟାପଟେନ ସୁର୍ଯ୍ୟେନ୍ଦୁ ପାଣିଗ୍ରହି ଅତିଥି ଭାବେ ଯୋଗ ଦେଇଥିଲେ । ମହିଳା ମାନଙ୍କ ମଧ୍ୟରେ ଥିବା ପ୍ରତିଭାକୁ ଲୋକଲୋଚନକୁ ଆଣିଥିବା ପ୍ରୟାସକୁ ବିଭିନ୍ନ ମହଲରୁ ଭୂୟସୀ ପ୍ରଶଂସା କରାଯାଇଛି। ଏହି ୬ଦିନର କାର୍ଯ୍ୟକ୍ରମକୁ ଜଗନ୍ନାଥ ଲଳିତ କଳା ସଂସଦ ର ସଭାପତି କ୍ୟାପଟେନ ଅଲେଖ ଚରଣ ସାହୁ ଓ ସମ୍ପାଦକ ପ୍ରଶାନ୍ତ କୁମାର ମହାରଣା ସଫଳତାର ସହ ପରିଚାଳନା କରିଥିଲେ।

# ସାଂସଦ ଓ ମୁଖ୍ୟମନ୍ତ୍ରୀଙ୍କ ପରେ ଶାହଙ୍କ ପ୍ରତିଶ୍ରୁତି : ଚାଷୀ ଆଖି ଛଳ ଛଳ, ସଚଳ ହେବ କି ଅଚଳ ଚିନିକଳ



ନୟାଗଡ଼, (ମହାଭାରତ) : ନୟାଗଡ଼ ଚିନି ଶିଳ୍ପ କୁ କାର୍ଯ୍ୟକ୍ଷମ କରିବା ପାଇଁ ପୁରୀ ସାଂସଦ ସମ୍ବିତ ପାତ୍ର ନିର୍ବାଚନ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ। ୨୦୨୪ ଜିଲ୍ଲା ମହୋତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ସମାନ ପ୍ରତିଶ୍ରୁତି ଦେଇଥିଲେ। ଏବେ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହ ନୟାଗଡ଼ ଚିନିକଳ ଚାଲିବ ବୋଲି କହିଛନ୍ତି। ଶାହଙ୍କ ପ୍ରତିଶ୍ରୁତି ପରେ ଜିଲ୍ଲାବାସୀଙ୍କ ମନରେ ଆଶା ଓ ଆଶଙ୍କା ସୃଷ୍ଟି ହୋଇଛି। ଏହା କେବଳ ଲୋକ ଦେଖାଣିଆ ପ୍ରତିଶ୍ରୁତି ନା ସତରେ ଅଚଳ ଚିନିକଳ କାର୍ଯ୍ୟକ୍ଷମ ହେବ ବୋଲି ପ୍ରଶ୍ନ ଉଠିଛି ! ନୟାଗଡ଼ ଚିନି ଶିଳ୍ପ ମାଟିରେ ମିଶି ସାରିଥିବା ବେଳେ ଏହାକୁ ରୂପାନ୍ତରିତ କରାଯିବ ନା ନୂଆ ଚିନି ଶିଳ୍ପ ନିର୍ମାଣ କରାଯିବ ତାହା ମଧ୍ୟ ବଡ଼ ପ୍ରଶ୍ନ ଭାବେ ସମସ୍ତଙ୍କ ମନରେ ଉଙ୍କି ମାରୁଛି। ଶିଳ୍ପ ବିହୀନ ନୟାଗଡ଼ ଜିଲ୍ଲାରେ ୧୯୮୮ରେ କଂଗ୍ରେସ ସରକାର ଅମଳରେ ପାଣିପୋଇଲା ଠାରେ ସମବାୟ ଚିନିକଳ ପ୍ରତିଷ୍ଠା ହୋଇଥିଲା। ୧୯୯୧ରେ ସରକାର ଚିନିକଳକୁ ଚଳାଇବାରେ ଅକ୍ଷମତା ପ୍ରକାଶ କରିବାରୁ ଘରୋଇ ଧରଣୀ କମ୍ପାନୀକୁ ୧୨ ବର୍ଷ ପାଇଁ ୧୬ କୋଟି ଟଙ୍କାରେ ଲିଜ୍ ? ଆକାରରେ ଦିଆଯାଇଥିଲା। ଧରଣୀ କମ୍ପାନୀ ୮ ବର୍ଷ ଚିନିକଳ ଚଳାଇବା ପରେ ଟଙ୍କା ଟିଏ ଦେଲାନାହିଁ ବରଂ କ୍ଷତି ହୋଇଛି କହି ଚିନିକଳକୁ ଛାଡ଼ି ଚାଲିଗଲା। ୧୯୯୮ରେ କଂଗ୍ରେସ ସରକାର ଚିନିକଳ ଚଳାଇବାକୁ ପ୍ରୟାସ କରି ମଧ୍ୟ ବିଫଳ ହୋଇଥିଲା। ପ୍ରଥମେ ଚିନିକଳ ଚାଲିଲା ବେଳେ ୧୯୯୨ ମଜୁରି ବୋର୍ଡ ଅନୁସାରେ ୨୩୧ କର୍ମଚାରୀ ନିଯୁକ୍ତି ପାଇ ଠିକ୍ ଭାବରେ ଦରମା ପାଉଥିଲେ ୨୦୦୦ରେ ବିଜେଡି ସରକାର ଆସିବା ପରେ ଚିନିକଳକୁ ମଧ୍ୟ ଚଳାଇ ପାରିଲା ନାହିଁ। ଏପରିକି ୭୨ କର୍ମଚାରୀଙ୍କୁ ଭିଆରଏସ୍‌ରେ ବାହାର କରି ୧୫୯ କର୍ମଚାରୀଙ୍କୁ ନେଇ ଚିନିକଳ ଚଲାଇବା ପାଇଁ ଉଦ୍ୟମ କରାଗଲା। ମାତ୍ର ଏହି ୧୫୯ କର୍ମଚାରୀଙ୍କୁ ମଧ୍ୟ ଦରମା ଠିକ୍ ଭାବରେ ଦିଆଗଲା ନାହିଁ। ଗୋଟିଏ ପଟେ ଚିନିକଳ ଠିକ୍ ଭାବରେ ନ ଚାଲିବାରୁ ଆଖୁ ଚାଷୀ ମାନେ ଦହଗଞ୍ଜ ହେଉଥିବା ବେଳେ କର୍ମଚାରୀଙ୍କୁ ଠିକ୍ ରେ ଦରମା ଦିଆ ନ ଯିବାରୁ ପରବର୍ତ୍ତୀ ସମୟରେ ଆନ୍ଦୋଳନ ଦାନା ବାନ୍ଧିଲା। ଯାହାକି ଚିନିକଳ ଚାଲିବାରେ ସଂକଟ ତୀବ୍ରତର ହେବାରେ ଲାଗିଲା। ୨୦୦୪ରେ ସରକାର ନୟାଗଡ଼ ଚିନିକଳକୁ ୫୦ କୋଟିର ସମ୍ପତି କୁ ଶାଗମାଛ ଦରରେ ମାତ୍ର ୫ କୋଟି ୨୨ ଲକ୍ଷ ଟଙ୍କାରେ ବିକ୍ରି କରିଦେଲେ। ଏ ଟଙ୍କା ମଧ୍ୟ ଠିକ୍ ?ରେ ମିଳିଲା ନାହିଁ। ପରବର୍ତ୍ତୀ ସମୟରେ ଚିନିକଳର ପତନ ଘଟିବାକୁ ଲାଗିଲା। ୨୦୧୩-୧୪ ବର୍ଷରେ ଆଖୁଚାଷୀ ଏବଂ ପରିବହନ ବାବଦରେ ୭ କୋଟି ଟଙ୍କା ବାକି ରହିଛି। ୨୦୧୫ରୁ ଚିନି ଶିଳ୍ପ ରେ ତାଲା ଝୁଲୁଛି। ଶେଷ ସମୟରେ ଚିନି କାରଖାନାରେ କାମ କରୁଥିବା ୨୩୧ କର୍ମଚାରୀଙ୍କ ମଧ୍ୟରୁ ଅନେକ ବେକାର ହୋଇ ବସିଥିବା ବେଳେ କେତେକ ଚାଷବାସ କରି ଗୁଜୁରାଣ ମେଣ୍ଟାଉଛନ୍ତି। ଉପର ପାହ୍ୟାର ଅନେକ କର୍ମଚାରୀ ରାଜ୍ୟ ବାହାର ଚିନି ଶିଳ୍ପରେ ଅଧିକ ବେତନରେ ନିଯୁକ୍ତି ପାଇଥିବା ବେଳେ ଚିନିକଳ ନିକଟବର୍ତ୍ତୀ ଅଞ୍ଚଳର ତଳପାହ୍ୟା କର୍ମଚାରୀ ମାନେ ପେଟକୁ ମୁଠାଏ ଦାନା ଯୋଗାଡ଼ କରିବା କଷ୍ଟକର ହୋଇପଡ଼ିଛି। ଚିନିକଳ ଶ୍ରମିକଙ୍କ ୬ କୋଟି ୬୭ ଲକ୍ଷ ଟଙ୍କା ବେତନ ବାକି ଥିବା ନେଇ ଶ୍ରମ ଅଦାଲତରେ ମାମଲା ଚାଲୁଥିବା ବେଳେ କମ୍ପାନୀ ମାଲିକ ଧରାଛୁଆଁ ଦେଉନାହାନ୍ତି। ବ୍ୟାଙ୍କ ଋଣ ଏବଂ ଚାଷୀ, କର୍ମଚାରୀଙ୍କ ଅସନ୍ତୋଷ ସହ ତାଲା ଝୁଲୁଥିବା ଚିନି ଶିଳ୍ପର ବ୍ୟାପକ ଯନ୍ତାଂଶ ଇତି ମଧ୍ୟରେ ଲୁଟ୍ ହୋଇସାରିଛି। ଦୁଇବର୍ଷ ତଳେ ତତ୍କାଳୀନ ଜିଲ୍ଲାପାଳ ପୋମା ଟୁଡୁ ଚିନି ଶିଳ୍ପକୁ ପୁନଃ କାର୍ଯ୍ୟକ୍ଷମ ପାଇଁ ପ୍ରୟାସ କରି ବିଫଳ ହୋଇଥିବା ବେଳେ ପୁରୀ ସାଂସଦ ସମ୍ବିତ ପାତ୍ର ଏବଂ ତତ୍କାଳୀନ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରଓ୍ୱାଲ୍ ?ଙ୍କ ପୁନଃ ପ୍ରୟାସ ଚାଷୀଙ୍କ ମଧ୍ୟରେ ଆଶା ସଞ୍ଚାର କରିଥିଲା। ଚିନି ଶିଳ୍ପ ପୁନଃ କାର୍ଯ୍ୟକ୍ଷମ ହୋଇପାରିବ ନାହିଁ ବୋଲି ସ୍ପଷ୍ଟ ହେବା ପରେ ସାଂସଦ ଓ ଜିଲ୍ଲାପାଳ ନୂତନ ଚିନିକଳ ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ୨୦୨୪ ଡିସେମ୍ବରରେ ଜିଲ୍ଲା ମହୋତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚିନିକଳ ସ୍ଥାପନ କରାଯିବା ନେଇ ସୂଚନା ଦେବା ସହ ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିଶ୍ରୁତିକୁ ମଧ୍ୟ ଦୁଇବର୍ଷ ବିତିବାକୁ ବସିଲାଣି। ତଥାପି ଚିନିଶିଳ୍ପ ପ୍ରତିଷ୍ଠା ପାଇଁ କୌଣସି ପଦକ୍ଷେପ ନିଆଯାଇ ନ ଥିବା ବେଳେ କେଉଁଭଳି ଭାବେ ନୟାଗଡ଼ ଚିନିଶିଳ୍ପ ଚଲାଇବାକୁ କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି ଦେଲେ ବୋଲି ପ୍ରଶ୍ନ ଉଠୁଛି। ପାଣିପୋଇଲା ନିକଟସ୍ଥ ଚିନିଶିଳ୍ପର ୯୦% ପ୍ରତିଶତ ଯନ୍ତାଂଶ ଚୋରି ହୋଇ ସାରିଛି। ଏଭଳି ସ୍ଥିତିରେ ଚିନିଶିଳ୍ପକୁ ନେଇ କୋର୍ଟରେ ଅନେକ ମାମଲା ଚାଲିଛି। ଚିନି ଶିଳ୍ପକୁ କିଣିଥିବା ମାଲିକ ତ୍ରୈଲୋକ୍ୟ ମିଶ୍ର ସରକାରଙ୍କ ନାଁରେ ୧୫ ଶହ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ମାମଲା କରିଥିବା ବେଳେ ଶ୍ରମିକ ଓ କର୍ମଚାରୀଙ୍କ ପକ୍ଷରୁ ବକେୟା ଦରମା ନେଇ ମାମଲା ରହିଛି। ସମବାୟ ଦ୍ୱାରା ପ୍ରତିଷ୍ଠା ହୋଇଥିବା ଚିନିଶିଳ୍ପ ନାଁରେ ୟୁକୋ ବ୍ୟାଙ୍କରୁ ଅନେକ ଟଙ୍କାର ଋଣ ରହିଛି। ଚିନିଶିଳ୍ପ ଅବସ୍ଥା, କୋର୍ଟ ମାମଲାକୁ ଲକ୍ଷ କଲେ ତାହା ପୁନଃ କାର୍ଯ୍ୟକ୍ଷମ ହେବା ସମ୍ଭାବନା ଦେଖାଯାଉ ନାହିଁ। ନୂତନ ଚିନିକଳ ସ୍ଥାପନ ନେଇ ଆଲୋଚନା ପରେ ଜମି ଚିହ୍ନଟ ପାଇଁ ପଦକ୍ଷେପ ନିଆଯାଇଥିଲା। ଚିନିଶିଳ୍ପ ମିଳିତ କ୍ରିୟାନୁଷ୍ଠାନ କମିଟି ପୁରୁଣା ଚିନକଳ ନିକଟବର୍ତ୍ତୀ ସ୍ଥାନରେ ନୂଆ ଚିନିକଳ ସ୍ଥାପନ ପାଇଁ ଦାବି କରୁଛି। ପୁରୁଣା ଚିନିକଳ ସଂଲଗ୍ନ ରାସୋଳ ମୌଜା, ଖାତା ନଂ-୨. ପ୍ଲଟ ନମ୍ବର ୧, ୨, ୩ ମୋଟ ଏରିଆ ୧୧୧. ୩୭ ଏକର ନୂତନ ଚିନିକଳ ପ୍ରତିଷ୍ଠା ପାଇଁ ଦାବି ହେଉଛି।

# ଗାଁକୁ ନାହିଁ ରାସ୍ତା ଝରଣା ପାଣି ଭରସା, ୮ କିମି ଗଲେ ମିଳୁଛି ଚାଉଳ

ପାଲଲହଡ଼ା: ଅନୁଗୁଳଜିଲ୍ଲା ପାଲଲହଡ଼ା ବ୍ଲକ୍ ସଦର ମହକୁମାଠାରୁ ୨୫ କିଲୋମିଟର ଦୂର ବନ୍ଧାଭୂଇଁ ପଞ୍ଚାୟତର ଚାରି ନମ୍ବର ୱାର୍ଡ ପାତଲାଡିହ ସାହି। ସ୍ୱାଧୀନତାର ସାତ ଦଶନ୍ଧି ପରେ ବି ସରକାରଙ୍କ କେଣସି ଯୋଜନା ଏହି ଗାଁରେ ପହଞ୍ଚି ପାରିନି। ବିକାଶର ଆଢୁଆଳରେ ଥିବା ଏହି ଗାଁକୁ ନାହିଁ ରାସ୍ତା। ଗାଁକୁ ଦେବଗଡ଼ ସୀମାନ୍ତ ଦେଇ ଯିବାକୁ ପଡ଼ିଥାଏ। ନଳକୂଅଟିଏ ମଧ୍ୟ ନାହିଁ। ବର୍ଷସାରା ଝରଣାରୁ ପାଣି ସଂଗ୍ରହ କରି ପିଇଥାନ୍ତି। ବର୍ଷାଋତୁରେ ଏହି ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଏ।



ଝରଣା ବଢ଼ିଲେ, ଏମାନଙ୍କ ଦୁଃଖ ବି ଦ୍ୱିଗୁଣିତ ହୋଇଯାଏ। ପାଣିଘେର ମଧ୍ୟରେ ଜୀବନ କାଟନ୍ତି। ଏମିତି ଦୁର୍ଦ୍ଦଶା ମଧ୍ୟରେ ଏମାନେ ଜୀବନଯାପନ କରୁଥିଲେ ମଧ୍ୟ ଦୁଃଖ ଶୁଣିବାକୁ କେହି ନାହିଁୟ ସ୍ଥାନୀୟ ନେତା ଓ ପ୍ରଶାସନଙ୍କୁ ବାରମ୍ବାର ଅଭିଯୋଗ କଲେ ବି କେଣସି ଫଳ ମିଳେ ନାହିଁ।ପାତଲାଡିହରେ ପ୍ରାୟ ଦେଢ଼ଶହ ଲୋକ ବସବାସ କରୁଛନ୍ତି। ଗାଁକୁ ଆମ୍ବୁଲାନ୍ସ ଯାଇପାରେନି। ଗାଁଠାରୁ ପଞ୍ଚାୟତ ସଦର ମହକୁମାର ଦୂରତା ୮ କିଲୋମିଟର। ଲୋକେ ଜଙ୍ଗଲ ଭିତରେ ଚାଲିଚାଲି ଯାଇ ଚାଉଳ ଆଣନ୍ତିୟ ବଣୁଆ ହାତୀ, ହିଂସ୍ରଜନ୍ତୁଙ୍କର ପ୍ରାଦୁର୍ଭାବ ରହିଛି। ଗାଁରେ ସ୍କୁଲ, ଅଙ୍ଗନବାଡ଼ି ନାହିଁ। ଏହି ବସ୍ତି ପିବିଡିଏର ସ୍ୱତନ୍ତ୍ର ଯୋଜନାର ଅନ୍ତର୍ଭୁକ୍ତ। କିନ୍ତୁ ବିକାଶ ଏମାନଙ୍କ ପାଇଁ ସ୍ୱପ୍ନ। ସରକାର ମାଳମାଳ ଯୋଜନା କରିଛନ୍ତ। ନିର୍ବାଚନ ଆସିଲେ, ରାଜନୈତିକ ଦଳର ନେତା ଓ କର୍ମୀ ମେଞ୍ଚାମେଞ୍ଚା ପ୍ରତିଶ୍ରୁତି ଦିଅନ୍ତି। କିନ୍ତୁ ନିର୍ବାଚନ ପରେ ପ୍ରତିଶ୍ରୁତି ଭୁଲିଯାଆନ୍ତି ବୋଲି ଗ୍ରାମବାସୀ କହିଛନ୍ତ। ବନ୍ଧାଭୂଇଁ ପଞ୍ଚାୟତ ସରପଞ୍ଚ ଲିକି ପ୍ରଧାନଙ୍କୁ ଏ ନେଇ ପଚାରିବାରୁ ସେ କହିଛନ୍ତି, ଗାଁର ବିକାଶ ପାଇଁ ଏବଂ ଜଙ୍ଗଲ ଭିତରେ ସ୍ଥାୟୀ ସଡ଼କ ନିର୍ମାଣ ପାଇଁ ପ୍ରଶାସନକୁ ବାରମ୍ବାର ପତ୍ର ଲେଖିଛି, କିନ୍ତୁ ଫଳ ଶୂନ। ପ୍ରଶାସନ ଏହି ସାହିର ଦୁଃଖ ବୁଝିବାକୁ ସାଧାରଣରେ ଦାବି ହୋଇଛ।

## ୨୦୨୬ ମସିହାର ପ୍ରଥମ ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ





ଉଦଳା (ମହାଭାରତ) – ଉଦଳା ଅଦାଲତ ପରିସରରେ ୨୦୨୬ ମସିହାର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମ ଉଦଳାର ମାନ୍ୟବର ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷ ପ୍ରଦୀପ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଉଦଳାର ସହକାରୀ ଦୌରାଜଜ ମାନ୍ୟବର ଅରୁଣ କୁମାର ପଟ୍ଟନାୟକ ଓ ଉଦଳାର କନିଷ୍ଠ ଦେୱାନୀ ବିଚାରପତି ତଥା ଉପଖଣ୍ଡସ୍ତରୀୟ ବିଚାର ବିଭାଗ ବିଚାରପତି ମାନ୍ୟବର ଅନୁରାଗ ଦେହୁରୀଙ୍କ ଉପସ୍ଥିତି ଓ ସହାୟତାରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି ।ଉଦଳା ଓକିଲ ସଂଘ ଓ ଉପଖଣ୍ଡ ଓକିଲ ସଂଘର କର୍ମକର୍ତ୍ତା, ବିଚାର ବିଭାଗର କର୍ମଚାରୀ ଓ ବ୍ୟାଙ୍କ ଅଧିକାରୀଙ୍କ ସହଯୋଗ ରେ ଉକ୍ତ କାର୍ଯ୍ୟକ୍ରମ ସଫଳ ହୋଇଯାଇଅଛି । ଏନ.ଆଇ. ଏକ୍ଟର ଅଗତ ୧୦ଗୋଟି ମକଦ୍ଦମାର ଫୈସଲା ହୋଇ ଅନାଦେୟରେ ୨୩ ଲକ୍ଷ ୮୧ ହଜାର ୩୮୨ଟଙ୍କା ଅଦାୟ ହୋଇଯାଇଅଛି ।ବ୍ୟାଙ୍କ ରିକଭାରୀ ମକଦ୍ଦମାରୁ ୧୧ଟି ଅଗତ ମାମଲା ମଧ୍ୟରୁ ୨ ଟି ମକଦ୍ଦମାର ଫୈସଲା ହୋଇ ଅଛି । ବିବାହ ସମ୍ବନ୍ଧୀୟ ୮ଟି ମକଦ୍ଦମାରୁ ୨ଟି ମକଦ୍ଦମାର ଫୈସଲା ହୋଇଯାଇଅଛି । ୩୪ଟି ଅନ୍ୟାନ୍ୟ ଦେୱାନୀ ମକଦ୍ଦମାରୁ ୨୪ଟି ମକଦ୍ଦମାର ଫୈସଲା ହୋଇଅଛି । ଅନ୍ୟାନ୍ୟ ଫୈଜଦାରୀ ୨୮୬ଟି ଆଗତ ମକଦ୍ଦମାରୁ ୨୮୬ଟି ମକଦ୍ଦମା ଫୈସଲା ହୋଇଅଛି ।

## ଉଦଳାରେ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତିରଥକୁ ଭବ୍ୟ ସ୍ୱାଗତ



ଉଦଳା ( ମହାଭାରତ ) – ଉଦଳା ଠାରେ ବଲାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା ଏବଂ ମହାରାଜା ଶ୍ରୀରାମ ଚନ୍ଦ୍ର ଜ୍ୟୋତି ରଥ କୁ ଭବ୍ୟ ସ୍ୱାଗତ କରାଯାଇଛି। ଶନିବାର ସନ୍ଧ୍ୟା ୭ ଘଟିକା ସମୟରେ ଏହି ରଥ ଉଦଳା ଥାନାଛକ ପେଟ୍ରୋଲ ପମ୍ପ ନିକଟରେ ପହଂଚିବା ପରେ ରାଲି ବଜାର ପରିକ୍ରମା କରି ଉଦଳା ହାଇସ୍କୁଲ ଛକ ନିକଟରେ ପହଞ୍ଚିଥିଲା। ସେଠାରେ ଏହି ରଥ କୁ ଉଦଳା ଆମେ ଭଞ୍ଜକଳାକାର, ୟୁନିକ ପ୍ରେସ କ୍ଲବ, ଉଦଳା ଏନଏସି ନଗରପାଳିକା ପ୍ରମିଳା ପଣ୍ଡାଙ୍କ ସମେତ ସ୍ଥାନୀୟ ଜନସାଧାରଣ ସ୍ୱାଗତ କରିଥିଲେୟ ମୟୁରଭଞ୍ଜ ଜିଲ୍ଲାରେ ଓଡ଼ିଆ ଭାଷା ସାହିତ୍ୟ କଳା ସଂସ୍କୃତି ଐତିହ୍ୟ ଏବଂ ପର୍ଯ୍ୟଟନର ବିକାଶ ପାଇଁ ବଲାଙ୍ଗୀ ମହୋତ୍ସବ କମିଟି ପକ୍ଷରୁ ବିଗତ ୯ ବର୍ଷ ଧରି ଜିଲ୍ଲାର ଚାରି ଉପଖଣ୍ଡର ଅଧିବାସୀଙ୍କ ମଧ୍ୟରେ ସାଂସ୍କୃତିକ ସମନ୍ୱୟ ରକ୍ଷା ଏବଂ ଭାଇଚାରାର ପରମ୍ପରାକୁ ମଜଭୁତ କରିବା ଉଦେଶ୍ୟରେ ଏହି ଜ୍ୟୋତିରଥ ଜିଲ୍ଲା ପରିକ୍ରମା କରୁଛି। ବଲାଙ୍ଗୀ ମହୋତ୍ସବ କମିଟିର କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ, ଉପଦେଷ୍ଟା ନରେନ୍ଦ୍ର ମୋହନ ସେନାପତି, କୁମାରେଶ ନାୟକ, ରଂଜିତ ପଲେଇ ଏବଂ ଦିଲ୍ଲୀପ ପାତ୍ରଙ୍କ ସମେତ ମହୋତ୍ସବ କମିଟିର ସମସ୍ତ କାର୍ଯ୍ୟକର୍ତ୍ତା ଏହି ରାଲିରେ ସାମିଲ ହୋଇଛନ୍ତି। ରବିବାର ଏହି ଜାଗରଣ ଯାତ୍ରା ଉଦଳା ରୁ ବାହାରି ଖୁଣ୍ଟା, ହରିପୁର ଗଡ଼, ବଡ଼ସାହି, ମାଣତ୍ରୀ, ପାଟୁଳିପୁରା, ବୈଶିଙ୍ଗା, ବେତନଟି, ଚିତ୍ରଡା, ମୋରଡା, ବାଘଡା, କୋଷ୍ଟା, ଶୁଳିଆପଦା, ଦେଉଳି ହୋଇ ବାରିପଦା ବାଲେଶ୍ୱର ଗୋଲେଇ ରେ ପହଂଚିବୟ ଉଦଳା ଠାରେ ଏହି ଜ୍ୟୋତିରଥ କୁ ସ୍ୱାଗତ କରାଯିବା ସହିତ ଏକ ପଥପ୍ରାନ୍ତ ସଭା ଆୟୋଜିତ ହୋଇଥିଲା। ଏହି ସଭାରେ ଭଞ୍ଜ କଳାକାର ସଦସ୍ୟ କ୍ଷୀରୋଦ ରଞ୍ଜନ ମହାନ୍ତି, ପ୍ରସନ୍ତ ଦାସଙ୍କ ସହିତ ୟୁନିକ ପ୍ରେସ କ୍ଲବ ସଭାପତି ଦୀନବନ୍ଧୁ ବାରିକ, ସର୍ବେଶ୍ୱର ମହାପାତ୍ର, ଶଶିକାନ୍ତ ମିଶ୍ର, ସନ୍ତୋଷ କୁମାର ବାଛିନି,ମୁନା ସାହା, ରବିନ ମହାନ୍ତି ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ। ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଓ ମାଗଣା ସ୍ୱାସ୍ଥ୍ୟସେବା ଅନୁଷ୍ଠିତ

ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଅନ୍ତର୍ଗତ ଗୋଶାଣୀ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ଆନୁକୁଲ୍ୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ଯାଇଛି ।ଏହି କାର୍ଯ୍ୟକ୍ରମରେ ଗୋଶାଣୀ ବ୍ଲକ ଅଧ୍ୟକ୍ଷ ଏନ୍. ବୀରରାଜୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ସସ୍ମିତା ଜେନା, ପଞ୍ଚାଯତ ଉନ୍ନୟନ ଅଧିକାରୀ ଅଶୋକ କୁମାର ପାତ୍ର, ବ୍ଲକର ଆକାଉଣ୍ଟାଣ୍ଟ ଗଜେନ୍ଦ୍ର ବେହେରା,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଉତ୍ସର୍ଗିତା ବଡରଇତ ଯୋଗ ଦେଇଥିଲେ। ଏହି ଶିବିରରେ ଶତାଧିକ ଭିନ୍ନକ୍ଷମ ବ୍ୟକ୍ତି ଯୋଗଦେଇ ଚିକିତ୍ସା କରାଇଥିଲେ ।୭୩ ଜଣ ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରାଯାଇ ବିଭିନ୍ନ ସହାୟତା ଉପକରଣ ବଣ୍ଟନ କରାଯିବ ।ଏହା ସହ ଅସ୍ଥିଶଲ୍ୟ ବିଭାଗ,କର୍ଣ୍ଣ ଓ ବଧିର, ଚକ୍ଷୁ, ଏମ୍ଆର୍ ସିପିଆଦି ବିଭିନ୍ନ ବିଭାଗର ଡାକ୍ତର ତଥା ବିଶେଷଜ୍ଞ ଯୋଗଦେଇ ପରୀକ୍ଷା ନିରୀକ୍ଷା କରିଥିଲେ ଓ ବ୍ଲକର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିବା ବେଳେ ଗୋଶାଣୀ ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ ସୁବ୍ରତ ଦାସ ପରିଚାଳନା କରିଥିଲେ ଓ ଏହି ଅବସରରେ ବ୍ଲକ କାର୍ଯ୍ୟାଳୟ ପରିସରରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ଶତାଧିକ ବ୍ୟକ୍ତିଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ।ବିଭାଗ ପକ୍ଷରୁ ହେଉ ବ୍ଲକ ପକ୍ଷରୁ ହେଉ ଗଣ ମାଧ୍ୟମକୁ ସୂଚନା ଦିଆଯାଉ ନାହିଁ। ପ୍ରଚାର ପ୍ରସାର ସକାଶେ ସରକାର କହୁଥିବା ବେଳେ ବିଭାଗ ଏହାକୁ ଗୁରୁତ୍ୱ ଦେଉ ନାହାନ୍ତି ।ଏଥି ସକାଶେ ପାଣି ଭଳି ଅର୍ଥ ଖର୍ଚ୍ଚ ହେଉଛି କିନ୍ତୁ ଗଣ ମାଧ୍ୟମକୁ ସୂଚନା ଦିଆଯାଉ ନାହ। ସମସ୍ତଙ୍କୁ ଚକିତ କରିଛି।

## ରାଷ୍ଟ୍ରୀୟ ଲୋକ ଅଦାଲତରେ ୪୨୮୩ଟି ମାମଲା ଫଏସେଲା









ନୟାଗଡ଼, ( ମହାଭାରତ ) : ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦେଶ ମତେ ଆଜି ନୟାଗଡ ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସରରେ ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ନୟାଗଡ ଜିଲ୍ଲାର ଉକ୍ତ ଲୋକ ଅଦାଲତରେ ୧୦ ଟି ମୋଟର ଦୁର୍ଘଟଣା ଜନିତ ମାମଲା ଫଇସାଲା କରାଯାଇ କ୍ଷତିପୂରଣ ବାବଦକୁ ୫୭, ୪୦, ୦୦୦ ଟଙ୍କା ପ୍ରଦାନ କରିବା ପାଇଁ ବୀମା କମ୍ପାନୀ ମାନଙ୍କୁ ନିର୍ଦେଶ ଦିଆଯାଇଥିଲା। ସେହିପରି ୧୦୩ ଦେୱାନି ମାମଲା ଫଇସାଲା କରାଯାଇଥିଲା। ଏନ୍ଆଇ ଆକ୍ଟ କେସ ୭ ଟି ଫଇସାଲା କରାଯାଇ ୧୦,୪୪,୬୦୮ ଟଙ୍କା ଆଦାୟ କରଯାଇଥିଲା ଏବଂ ବିବାହ ଜନିତ ୧୬ ଟି ମାମଲା ଫଇସାଲା କରାଯାଇଥିଲା। ଅନ୍ୟାନ୍ୟ ଫୌଜଦାରୀ ୧୭୫ଟି ମାମଲା ଫଇସାଲା କରାଯାଇଥିଲା। ବ୍ୟାଙ୍କରୁ ଋଣ ନେଇ ଋଣ ପରିଶୋଧ କରିନଥିବା ୧୪୦ ଜଣ ଋଣ ଗ୍ରହିତା ଙ୍କ ଠାରୁ ୬୪,୧୯,୯୬୬ ଟଙ୍କା ଦେବା ପାଇଁ ରାଜିନାମା ସ୍ୱାକ୍ଷରିତ କରାଯାଇଥିଲା। ସେହିପରି ୩୮୨୨ଟି ରାଜସ୍ୱ ମାମଲା ଫଇସାଲା କରାଯାଇ ୬,୭୬,୩୮୩ ଟଙ୍କା ଆଦାୟ କରଯାଇଥିଲା ଏବଂ ରଫାଯୋଗ୍ୟ ଫଉଜଦାର ମାମଲା ୩ ଟି ଫଇସାଲା କରାଯାଇଥିଲା ୟ ବିଦ୍ୟୁ ସମ୍ବନ୍ଧୀୟ ୭ ଟି ମାମଲା ଫଇସାଲା ହୋଇ ୩,୪୨,୨୭୧ ଟଙ୍କା ଆଦାୟ କରାଯାଇଥିଲା। ଏହି ଲୋକ ଅଦାଲତରେ ଜିଲ୍ଲା ଓ ଦୌରା ଜଜ୍ ଶ୍ରୀଯୁକ୍ତ ଆନନ୍ଦ ନାରାୟଣ ମହାରଣା, ପରିବାର ଅଦାଲତ ବିଚାରପତି ଡଃ ଇନ୍ଦୁ ଶର୍ମା, ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ଶ୍ରୀମତୀ ରିଜା ରାୟ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀମତୀ ଶୃତିସ୍ମିତା ଦାସ, ବରିଷ୍ଠ ଦେୱାନି ଅଦାଲତ ବିଚାରପତି ଶ୍ରୀ ସତ୍ୟବ୍ରତ ରଣା, ଉପଖଣ୍ଡ ଫୌଜଦାରୀ ବିଚାରପତି ସମାପିକା ସମଦର୍ଶିନୀ, ଜେଏମ୍ଏଫସି ଲଳିତା ପାତ୍ର ଏବଂ ଶୁଶ୍ରିତା ମିଶ୍ର ଉପସ୍ଥିତ ରହି ନିଜ ନିଜ ଅଦାଲତ ପରିଚାଳନା କରିଥିବା ବେଳେ ଜିଲ୍ଲା ଆଇନ ସେବା ପ୍ରାକରଣ ସଚିବ ଶ୍ରୀମତୀ ଅଞ୍ଜଳି ମଛଖଣ୍ଡ, ବରିଷ୍ଠ ଦେୱାନି ବିଚାରପତି ତଥା ସହକାରୀ ଦୌରାଜଜ (ମହିଳା ଅଦାଲତ) ସ୍ୱୟଂ ପ୍ରଭା ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଲୋକ ଅଦାଲତକୁ ସଫଳ କରିବା ପାଇଁ ସମସ୍ତ ନ୍ୟାୟ ଅଧିକାର ମିତ୍ର, ବରିଷ୍ଠ ଅଧିବକ୍ତା ଦଣ୍ଡପାଣି ସ୍ୱାଇଁ, ରମେଶ ଚନ୍ଦ୍ର ମହାରଣା ଏବଂ ଜିଲ୍ଲା ଆଇନ ସେବା ପ୍ରାକରଣ ର ସମସ୍ତ କର୍ମଚାରୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ଜଙ୍ଗଲରେ ନିଆଁ ଲିଭାଉଥିବା ବେଳେ ଅଘଟଣ ଭାଲୁ ଆକ୍ରମଣରେ ଲହୁଲୁହାଣ ସ୍କ୍ୱାର୍ଡ କର୍ମଚାରୀ

ଦଶପଲ୍ଲା, ( ମହାଭାରତ ) : ଜଙ୍ଗଲରେ ଲାଗୁଥିବା ନିଆଁକୁ ନେଇ ଏବେ ବନ୍ୟପ୍ରାଣୀ ସଂକଟରେ ପଡ଼ିଛନ୍ତି। ଜୀବନ ବଞ୍ଚାଇବା ପାଇଁ ବନ୍ୟପ୍ରାଣୀ ତ୍ରାହି ତ୍ରାହି ଡାକୁଥିବା ବେଳେ ଗତ ଶୁକ୍ରବାର ସନ୍ଧ୍ୟାରେ ଜଙ୍ଗଲରେ ନିଆଁ ଲିଭାଇବା ସମୟରେ ଭାଲୁ ଆକ୍ରମଣରେ ଜଣେ ସ୍କ୍ୱାର୍ଡ କର୍ମଚାରୀ ଗୁରୁତର ହୋଇଛନ୍ତି। ମହାନଦୀ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନସ୍ଥ ବାଣିଗୋଛା (ପୂର୍ବ) ବନାଞ୍ଚଳର ବାଇଶୀପଲ୍ଲୀ ଜଙ୍ଗଲରେ ଏଭଳି ଘଟଣା ଘଟିଛି। ଭାଲୁ ଆକ୍ରମଣରେ ଗୁରୁତର ବ୍ୟକ୍ତି ଜଣକ ହେଲେ ଗଣିଆ ବ୍ଲକ୍ ମକର ପ୍ରସାଦ ପଞ୍ଚାୟତ ଶିଖରଗୋଛା (ନୂଆସାହି) ଗ୍ରାମର ନୀର ମଳିକଙ୍କ ପୁଅ ଉତ୍ତମ ମଳିକ ( ୨୧ ) ଉତ୍ତମ ନିଆଁ ଲିଭାଇବା ପାଇଁ ବାଣିଗୋଛା (ପୂର୍ବ) ବନାଞ୍ଚଳ କାର୍ଯ୍ୟାଳୟରେ ନିୟୋଜିତ ଅଛନ୍ତି। ବାଇଶିପଲ୍ଲୀ ଜଙ୍ଗଲରେ ଆଜି ନିଆଁ ଲାଗିଥିବା ବେଳେ ନିଆଁ ଲିଭାଇବା ପାଇଁ ବନ କର୍ମଚାରୀଙ୍କ ସମେତ ସ୍କ୍ୱାର୍ଡ କର୍ମଚାରୀ ମାନେ ନିୟୋଜିତ ଥିଲେ। ନିଆଁ ଲିଭାଇବା ସମୟରେ ଜଙ୍ଗଲ ନିଆଁକୁ ନେଇ ଆତଙ୍କିତ ଅବସ୍ଥାରେ ଥିବା ତିନୋଟି ଭାଲୁ ଉ□ମଙ୍କୁ ସାମ୍ନା ପଟୁ ପାଇ ଆକ୍ରମଣ କରିଥିଲେ। ଭାଲୁ ଆକ୍ରମଣରେ ଉତ୍ତମ ପ୍ରବଳ ଯୋରେ ଚିତ୍କାର କରିଥିଲେ। ଉତ୍ତମ ଙ୍କ ପାଟି ଶୁଣି ସହଯୋଗୀ ମାନେ ଧାଇଁ ଆସିଥିବା ବେଳେ ଭାଲୁ କବଳରୁ ତାଙ୍କୁ ଉଦ୍ଧାର କରିବାକୁ ଯାଇ ଅଣାୟତ ହୋଇପଡ଼ିଥିଲେ। ଏଥିରେ ଅନ୍ୟ ସହଯୋଗୀ ମାନେ ମଧ୍ୟ ଆହତ ହୋଇଥିବା ସୂଚନା ମିଳିଛି। ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ପରେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ମାତ୍ର ତାଙ୍କ ଅବସ୍ଥା ଏବେ ସ୍ଥିର ଥିବା ବାଣିଗୋଛା (ପୂର୍ବ) ବନାଞ୍ଚଳ ଅଧିକାରୀ ପ୍ରିୟବ୍ରତ ପଟ୍ଟନାୟକ କହିଛନ୍ତି।

## ଆକ୍ସନ ମୋଡରେ ନୂତନ ଜିଲ୍ଲାପାଳ ପ୍ରଶାସନିକ ସମୀକ୍ଷା ବୈଠକ ଜରିଆରେ ବିକାଶର ନୂଆ ପର୍ଯ୍ୟାୟ

ମାଲକାନଗିରି, (ମହାଭାରତ):ମାଲକାନଗିରିର ନୂତନ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ କରିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ଏହା ତାଙ୍କର ପ୍ରଥମ ସରକାରୀ ସମୀକ୍ଷା ବୈଠକ ଥିଲା, ଯେଉଁଥିରେ ସେ ଜିଲ୍ଲାର ପ୍ରଗତି ଏବଂ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ ।ଜିଲ୍ଲାପାଳ କହିଛନ୍ତି ଯେ, ସରକାରଙ୍କ ପ୍ରତ୍ୟେକ ଯୋଜନା ଯେପରି ଜିଲ୍ଲାର ଶେଷ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରିବ, ତାହା ପ୍ରଶାସନର ମୁଖ୍ୟ ଲକ୍ଷ୍ୟୟ ବୈଠକରେ ବର୍ଷା ଋତୁ ପୂର୍ବରୁ ସମସ୍ତ ନିର୍ମାଣାଧୀନ ସେତୁ ଓ ରାସ୍ତା କାର୍ଯ୍ୟ



ଶେଷ କରିବାକୁ ରାସ୍ତା ଓ କୋଠାବାଡ଼ି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ବିଷୟରେ ଲୋକଙ୍କୁ ସଚେତନ କରିବା ପାଇଁ ସମସ୍ତ ସି ଏଚ୍ ସି, ପି ଏଚ୍ ସି, କଲ୍ୟାଣ ମଣ୍ଡପ ଏବଂ ବ୍ଲକ କାର୍ଯ୍ୟାଳୟରେ ପ୍ରଚାର ପତ୍ର ଲଗାଇବାକୁ ଶ୍ରମ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ।ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପ୍ରାଣୀ ସମ୍ପଦ, ଉଦ୍ୟାନ କୃଷି, ପାନୀୟ ଜଳ, ବିଦ୍ୟୁତଏବଂ ଜଳସେଚନ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରର ସ୍ଥିତି ପରଖିଥିଲେ ଜିଲ୍ଲାପାଳ। ଆସନ୍ତା ଏପ୍ରିଲରୁ ଆରମ୍ଭ ହେବାକୁ ଥିବା ଜନଗଣନା କାର୍ଯ୍ୟ ପାଇଁ ପ୍ରଶିକ୍ଷଣ ଶିବିର ଓ ପ୍ରସ୍ତୁତିର ସମୀକ୍ଷା କରାଯାଇଥିଲା। ଜନଜାତି ଉନ୍ନୟନ ବିଭାଗ ସହ ଜିଲ୍ଲାର ଜନଜାତିଙ୍କ ଉନ୍ନୟନ ନିମନ୍ତେ କଣ ସବୁ ପଦକ୍ଷେପ ନିଆଯାଇଛି ପଚାରି ବୁଝିଥିଲେ ଜିଲ୍ଲାପାଳ। ଜିଲ୍ଲାରେ ଆଦର୍ଶ ଗ୍ରାମ ଗଢିବା ପାଇଁ ଜନଜାତି ଉନ୍ନୟନ ବିଭାଗକୁ ଦିଗଦର୍ଶନ ପ୍ରଦାନ କରିଥିଲେ ଜିଲ୍ଲାପାଳୟ ଏହି ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥି ସରାବୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଡୋଳାମଣି ପ୍ରଧାନ ଉପସ୍ଥିତ ଥିଲେ।

## ଆଦର୍ଶ ଶିକ୍ଷକ ଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

ଅସ୍ତରଙ୍ଗ(ମହାଭାରତ : ଅସ୍ତରଙ୍ଗ ହାଇସ୍କୁଲ ର ଆଦର୍ଶ ଶିକ୍ଷକ ସୁଶାନ୍ତ ପରିଡା ଙ୍କର ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି,ଅସ୍ତରଙ୍ଗ ଅଞ୍ଚଳ ବଳଭଦ୍ରପୁର ଗ୍ରାମ ରେ ସ୍ୱର୍ଗତ ଶଙ୍କର ପରିଡା ଓ ମା ସୁଶୀଳା ପରିଡା ଙ୍କ ଠୁ ଜନ୍ମ ଗ୍ରହଣ କରିଥିବା ଏହି ଆଦର୍ଶ ବ୍ୟକ୍ତିତ୍ୱ ବିଏ ଓ ]ଡି ପରୀକ୍ଷା ରେ ଉତୀର୍ଣ୍ଣ ହେବା ପରେ ଅସ୍ତରଙ୍ଗ ଅଞ୍ଚଳ ର ସୁନ୍ଦର ବିଦ୍ୟାପୀଠ ରେ ୧୯୮୯ ମସିହା ଅଗଷ୍ଟ ମାସରେ ନିଜ ର ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ । ଏହି ବିଦ୍ୟାଳୟ ରେ ୧୯୯୮ ମସିହା ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ରହିବା ପରେ ସ୍ଥାନାତରିତ ହୋଇ ପୁରୀ ସାତପଡ଼ା ଅଞ୍ଚଳ ର ବାସୁଦେବ ଉଚ୍ଚ ବିଦ୍ୟାଳୟ ରେ ୨୦୦୦ ମସିହା ପର୍ଯ୍ୟନ୍ତ ଜଣେ କର୍ତ୍ତବ୍ୟ ପରାୟଣ ଶିକ୍ଷକ ଭାବେ ଯୋଗଦାନ ଦେଇଥିଲେ,ପୁନଶ୍ଚ ୨୦୨୧ମସିହା ପର୍ଯ୍ୟନ୍ତ ଅସ୍ତରଙ୍ଗ ଉଚ୍ଚ ବିଦ୍ୟାଳୟ ରେ ଯୋଗଦାନ କରିଥିଲେ, ପରେ ଗଞ୍ଜାମ ଖଲିକୋଟ ଦେବୁିର ଉନିତ ଉଚ୍ଚ ବିଦ୍ୟାଳୟ ରେ ପ୍ରଧାନଶିକ୍ଷକ ଭାବେ ୨୦୨୪ ମସିହା ଅଗଷ୍ଟ ମାସ ପର୍ଯ୍ୟନ୍ତ ନିଜ କର୍ତ୍ତବ୍ୟ ସୁଚାରୁ ରୂପେ ସମ୍ପାଦନ କରିବା ପରେ ନିଜ ଜନ୍ମମାଟି କୁ ଫେରି ୨୦୨୬ ମସିହା ଫେବୃଆରୀ ମାସ ୨୮ ତାରିଖ ପର୍ଯ୍ୟନ୍ତ ଅସ୍ତରଙ୍ଗ ଉଚ୍ଚ ବିଦ୍ୟାଳୟ ରେ ପ୍ରଧାନଶିକ୍ଷକ ଭାବେ ନିଜ ଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନ କରିଥିଲେ,ସେ କେବଳ ଜଣେ ଶିକ୍ଷକ ନୁହେଁ ବରଂ ଜଣେ ସ୍ନେହୀ, ଶ୍ରଦ୍ଧାଳୁ, ଉଚ୍ଚ କୋଟି ର ମଣିଷ, ମାର୍ଜିତ ବ୍ୟବହାର ବ୍ୟକ୍ତି, ସ୍ପଷ୍ଟବାଦୀ, ନିର୍ଭିକ ମଣିଷ ଭାବେ ବେଶ ପରିଚିତ ହୋଇ ଜଣେ ଆଦର୍ଶ ଶିକ୍ଷକ ର ପରିଚୟ ପାଇଛନ୍ତି। ଦେଶାତ୍ମବୋଧ, ସମସ୍ୟା ନିରାକରଣ, ଆଧ୍ୟାତ୍ମିକବାଦୀ ମାନବବାଦ ସମଳିତ ହିନ୍ଦୁତ୍ୱନିଷ୍ଠ ପ୍ରଚଣ୍ଡ ବାଗ୍ମୀ ତଥା ପ୍ରବୀଣ ସାରସ୍ୱତ ସାଧକ ଭାବେ ଦେଶ ର ଲୋକପ୍ରିୟ ପତ୍ରିକା 'ରାଷ୍ଟ୍ର ଦୀପ ର ଜଣେ ସଂସ୍କାରଧର୍ମୀ ଲେଖକ, ରାଷ୍ଟ୍ରୀୟ ସ୍ୱୟଂ ସହାୟକ ସଙ୍ଘ ର ପୁରୀ ଭୁବନେଶ୍ୱର ନୟାଗଡ ବାଙ୍କୀ ର ବୌଦ୍ଧିକ ପ୍ରମୁଖ ଭାବେ ପରିଚିତ, ବିଭିନ୍ନ ତାଲିମ ଶିବିର ର ପ୍ରଯୋଜକ, ଦରିଦ୍ର ଛାତ୍ର ଛାତ୍ରୀ ମାନଙ୍କ ସହଯୋଗ ପ୍ରଦାନକାରୀ, ପରୋପକାରୀ ଓ ସମାଜସେବୀ ମଣିଷ ଭାବେ ସମାଜ ର ଜଣେ ବିରଳ ପ୍ରତିଭା ସମ୍ପନ୍ନ ବ୍ୟକ୍ତିତ୍ୱ ହୋଇଛନ୍ତି, ଶନିବାର ଦିନ ମଧ୍ୟାହ୍ନ ସମୟ ରେ ଅସ୍ତରଙ୍ଗ ଉଚ୍ଚ ବିଦ୍ୟାଳୟ ପରିସରରେ ରେ ତାଙ୍କ ର ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି, ଏହି ଉତ୍ସବ ରେ ଅତିଥି ଭାବେ ଅସ୍ତରଙ୍ଗ ବ୍ଲକ ଅଧକ୍ଷା ଆରତୀ ନାୟକ, ସାଂସଦ ଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ,ଅସ୍ତରଙ୍ଗ ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ସ୍ୱାଇଁ,ଓଡିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ ଭୁବନେଶ୍ୱର ର ଉପ ନିର୍ଦ୍ଦେଶକ ହିମାଂଶୁ ଭୂଷଣ ସାମର୍ଥ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତିତ୍ୱ ଓ ଅବସର ପ୍ରାପ୍ତ ଶିକ୍ଷକ ମାନେ ଅତିଥି ରୂପେ ଯୋଗଦାନ ଦେଇ ଆଦର୍ଶ ଶିକ୍ଷକ ସୁଶାନ୍ତ ପରିଡା ଙ୍କ ଆଦର୍ଶ ନୀତି ଓ ବିରଳ ବ୍ୟକ୍ତିତ୍ୱ ସମ୍ପର୍କ ରେ ଭାଷଣ ରଖିଥିଲେ, ଅନେକ ପୁରାତନ ଓ ବର୍ତ୍ତମାନ ଛାତ୍ର ଛାତ୍ରୀ ଏହି ସମ୍ବର୍ଦ୍ଧନା ଉତ୍ସବ ରେ ଯୋଗଦାନ ଦେଇ ନିଜ ପ୍ରିୟ ଶିକ୍ଷକ ଙ୍କୁ ପୁଷ୍ପଗୁଚ୍ଛ, ଉପହାର, ଉତ୍ତରୀୟ ପ୍ରଦାନ କରି ତାଙ୍କ ଆଦର୍ଶ ଶିକ୍ଷକ ଙ୍କ ଗୁଣ କୁ ପ୍ରକାଶ କରିଥିଲେ।



## ବେଆଇନ କରତକଳ କୁ ବିଦ୍ୟୁତସଂଯୋଗ ଯାଉଛି କିପରି ?



ଅସ୍ତରଙ୍ଗ(ମହାଭାରତ) : ଅସ୍ତରଙ୍ଗ କାକଟପୁର ଅଞ୍ଚଳ ରେ ମାଳକୁ ମାଳ କରତ କଳ, ସବୁଠି ହାଇ ଭୋଲ୍ଟେଜ ବିଦ୍ୟୁତ ସଂଯୋଗ ରେ ଚାଲିଛି ସମିଲ, ଚାଲୁଛି ଗଛ କଟା, ଏହାକୁ ନେଇ ଅନେକ ପ୍ରଶ୍ନ ସାମ୍ନା କୁ ଆସୁଛି କିନ୍ତୁ କେଉଁ ବିଭାଗ ଏଥିପାଇଁ ଉତ୍ତରଦାୟୀ ତାହା ସମ୍ପୂର୍ଣ୍ଣ ଅସ୍ପଷ୍ଟ ରହୁଛି, ବେ ଆଇନ ଭାବେ ଭିନ୍ନ ଭିନ୍ନ ଜଙ୍ଗଲ ରୁ ଗଛ ଗଣ୍ଡି ଆସୁଛି, କରତ କଳ କୁ ଯୋଗାଇ ଦିଆଯାଉଛି ଆଉ ଏହାକୁ କରତ କଳ ରେ କଟାଯାଇ ଦ୍ରୁତ ମାତ୍ରା ରେ ବ୍ୟବସାୟ କରାଯାଉଛି, ଗୋଟେ ପଟେ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହେଉଛି ସରକାର ଙ୍କ ନିର୍ଦ୍ଦେଶ ରେ ଗ୍ରୀଷ୍ମ ପ୍ରବାହ ସମୟ ରେ କୌଣସି ପ୍ରକାର ବିଦ୍ୟୁତ ସେବା ରୁ ଉପଭୋକ୍ତା ଙ୍କୁ ବଞ୍ଚିବେନି, ମାତ୍ର ଗ୍ରୀଷ୍ମ ପ୍ରବାହ ଆରମ୍ଭ ରୁ ଅଘୋଷିତ ବିଦ୍ୟୁତ କାଟ ର ପ୍ରଭାବ ଏବେ ସାଧାରଣ ଲୋକ ଉପଭୋଗ କରୁଛନ୍ତି, ଅନ୍ୟ ପଟେ ବିଦ୍ୟୁତ ବିଭାଗ କହୁଛି ହେଭି ୱେଟ ବିଦ୍ୟୁତ ପାଇଁ ଲୋଡ଼ ରହୁନି, ସେଥିପାଇଁ ଏହିଭଳି ଅବସ୍ଥା ହେଉଛି, ତାହେଲେ ମାଳ ମାଳ କରତକଳ, ଇଟା ଭାଟି, ଚିଙ୍ଗୁଡ଼ି ଘେରି କୁ ଯେଉଁ ବିଦ୍ୟୁତ ସଂଯୋଗ ଦିଆଯାଇଛି। ତାହା ପ୍ରକୃତ ରେ କେଉଁ ଆଧାର ରେ ଦିଆଯାଉଛି ତାହା ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ବିଦ୍ୟୁତ ଅଧିକାରୀ ଙ୍କ ସହିତ କିଛି ଆଲୋଚନା ଅତୀତ ରେ ହୋଇଥିଲା, ସେମାନଙ୍କ କହିବା ମୁତାବକ କାଠ ଫର୍ଣ୍ଣିଚର ଦୋକାନ ନାମ ରେ ଉପଭୋକ୍ତା ବିଦ୍ୟୁତ ସଂଯୋଗ ପାଇଁ ଆବେଦନ କରୁଛନ୍ତି କିନ୍ତୁ ସେହି ମାର୍ଫତ ରେ କଂଜୁମର ହେବା ପରେ ପରବର୍ତ୍ତୀ ଅବସ୍ଥା ରେ ହେଭି ହେଭି ଲୋଡ଼ ମେସିନ ଓ କଟର ଲଗାଇ ସେଠି କରତ କଳ ଚଲାଯାଉଛି। ତାହେଲେ ଏଠି ବାସ୍ତବିକ ପ୍ରଶ୍ନ ଉଠୁଛି ଯେ ତାହେଲେ ଉକ୍ତ କରତ କଳ କେଉଁ ଆଧାର ରେ ସଂଯୋଗୀକରଣ ନେଉଛନ୍ତି ଆଉ କେଉଁ କାର୍ଯ୍ୟକ୍ରମ ବାସ୍ତବ ରେ ଚାଲିଛି ତାହାକୁ କେଉଁ ବିଭାଗ ପ୍ରକୃତ ରେ ଦୃଷ୍ଟି ଦେବା ଆବଶ୍ୟକ, ବିଦ୍ୟୁତ ବିଭାଗ ନା ବନ ବିଭାଗ, ଆଗକୁ ହେଭି ୱେଟ ଗ୍ରୀଷ୍ମ ଲହରୀ, ମଧ୍ୟ ପ୍ରାଚ୍ୟ ରେ ଯୁଦ୍ଧ ର ପ୍ରଭାବ ରେ ପରିବେଶ ପ୍ରଦୂଷଣ ହେବା ସହିତ ଅତ୍ୟଧିକ ମାତ୍ରା ରେ ଗରମ ଉତ୍ତାପ ଅନୁଭବ ହେବ ବୋଲି ଆଶା କରାଯାଉଥିବା ବେଳେ ଏବେ ଏହି ସବୁ ସ୍ଥାନରେ ଅଯଥା ବିଦ୍ୟୁତ ସଂଯୋଗ ଦିଆଯାଇ ସରକାର ଙ୍କ ଶକ୍ତି ସମ୍ପଦ କୁ ହରିଲୁଟ କରାଯାଉଛି ବୋଲି କିଛି ବୁଦ୍ଧିଜୀବୀ ମତବ୍ୟକ୍ତ କରୁଛନ୍ତି, ଏହାକୁ ଦୃଷ୍ଟି ରେ ରଖି ଏହି ବେ ଆଇନ କରତ କଳ କାହା ଛତ୍ର ଛାୟା ତଳେ ପ୍ରଭାବ ବିସ୍ତାର କରୁଛନ୍ତି ତାହାକୁ ତଦନ୍ତ ପରିସର କୁ ଆଣି ଆଇନ ଗତ ଦୃଢ ପଦକ୍ଷେପ ନେବା ପାଇଁ ଜିଲ୍ଲା ପ୍ରଶାସନ ଙ୍କୁ ସ୍ଥାନୀୟ ବାସିନ୍ଦା ନିବେଦନ କରୁଛନ୍ତି।

## ଗ୍ୟାସ୍ ସଙ୍କଟରୁ ମିଳିବ ମୁକ୍ତି, ଭାରତ ଆସୁଛି ୨ ଟି ଏଲପିଜି ଟ୍ୟାଙ୍କର



ନୂଆଦିଲ୍ଲୀ : ଭାରତରେ ଏଲପିଜି ସଙ୍କଟ ବଢୁଥିବା ମଧ୍ୟରେ ଏକ ବଡ଼ ଆଶ୍ୱସ୍ତି ଖବର ସାମ୍ନାକୁ ଆସିଛି । ଏହି ସଙ୍କଟକୁ ଦୂର କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦି ଏବଂ ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିୟାନଙ୍କ ମଧ୍ୟରେ ଆଲୋଚନା ହୋଇଥିବା ଜଣାପଡିଛି । ଯାହା ପରେ ଇରାନ ୨ଟି ଭାରତୀୟ ଏଲପିଜି ଜାହାଜକୁ ହର୍ମୁଜ ଦେଇ ଆସିବାକୁ ଅନୁମତି ଦେଇଛି । ଏହି ପଦକ୍ଷେପ ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କାହିଁକିନା ଗତ କିଛି ଦିନ ତଳେ ମଧ୍ୟପ୍ରାଚ୍ୟର ଯୁଦ୍ଧ ଯୋଗୁଁ ବାଣିଜ୍ୟିକ ଏଲପିଜିର ଘୋର ସଙ୍କଟ ଦେଖାଦେଇଥିଲା । ଫଳରେ ଅନେକ ଅଞ୍ଚଳରେ ହୋଟେଲ ଏବଂ ରେଷ୍ଟୁରାଣ୍ଟରେ ତାଲା ପଡିବା ପରିସ୍ଥିତିରେ ପହଞ୍ଚିଛି । ସୂଚନାନୁଯାୟୀ, ଯୁଦ୍ଧ ଭିତରେ ଭାରତକୁ ଆସୁଛି ଦୁଇଟ ବଡ଼ ତୈଳ ଟ୍ୟାଙ୍କର । ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଏବଂ ୪ ଥର ଫୋନ୍ କଲ୍ ପରେ ଭାରତ ଅଭିମୁଖେ ଆସୁଥିବା ୨ଟି ଜାହାଜ ହର୍ମୁଜ ଅତିକ୍ରମ କରିଛି । ଭାରତୀୟ ପତାକା ଲାଗିଥିବା ଦୁଇଟି ଖଚଏ ଟ୍ୟାଙ୍କର ହେଲା ଶିବାଲିକ ଏବଂ ନନ୍ଦା ଦେବୀ । ସଫଳତାର ସହ ହର୍ମୁଜ ଅତିକ୍ରମ କରିଛନ୍ତି । ଅନ୍ୟପଟେ ମାର୍ଚ୍ଚ ୧୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇରାନ ରାଷ୍ଟ୍ରପତି ମାସୁଦ ପେଜେସକିଆନଙ୍କ ସହ ସିଧାସଳଖ କଥା ହୋଇଥିଲେ । ୪ ଥର ଫୋନ୍ କଲ୍ କରିଥିଲେ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର । ତାଙ୍କ ଇରାନ ପ୍ରତିପକ୍ଷ ସୟଦ ଅବାସ ଆରାଘଚିଙ୍କ ସହ ଆଲୋଚନା କରିଥିଲେ। ଏହା ପରେ ସୁରକ୍ଷିତ ଭାବେ ଭାରତ ଆସିଛି ଦୁଇ ଏଲପିଜି ଟ୍ୟାଙ୍କର । ଏହି ଜାହାଜରେ ପ୍ରାୟ ୪୦,୦୦୦ ରୁ ୫୫,୦୦୦ ମେଟ୍ରିକ ଟନ ଏଲପିଜି ରହିଛି । ଭାରତୀୟ ନୌସେନାର ଏକ ଯୁଦ୍ଧ ଜାହାଜ ସୁରକ୍ଷା ବଳୟ ମଧ୍ୟରେ ଏହି ଟ୍ୟାଙ୍କରଗୁଡ଼ିକୁ ଅତିକ୍ରମ କରାଯାଇଛି । ଏହି ଜାହାଜଗୁଡ଼ିକ ଆସନ୍ତା ସୋମବାର ରାତି ସୁଦ୍ଧା ଭାରତୀୟ ବନ୍ଦରରେ ପହଞ୍ଚିବାର ସମ୍ଭାବନା ରହିଛି । ଭାରତରେ ଦେଖାଦେଇଥିବା ଗ୍ୟାସ ଅଭାବ ପରିସ୍ଥିତିରେ ସୁଧାର ଆସିବ ।

## ଖୁବଶୀଘ୍ର ମୁକ୍ତ ହେବେ ସୋନମ ୱାଙ୍ଗଚୁକ



ନୂଆଦିଲ୍ଲୀ : ୱାଙ୍ଗଚୁକଙ୍କ ଉପରୁ ଏନଏସଏ ହଟିଲା । ମୁକ୍ତ ହେବେ ଲଦାଖ ଆନ୍ଦୋଳନକାରୀ ସୋନମ ୱାଙ୍ଗଚୁକ । କେନ୍ଦ୍ର ସରକାର ହଟାଇଲେ ଘଝଇ କଟକଣା । ୧୭୦ ଦିନ ପରେ ଜେଲରୁ ବାହାରିବେ ସୋନମ ୱାଙ୍ଗଚୁକ। ଲଦାଖର ଜଣାଶୁଣା ପରିବେଶବିତ୍ ଏବଂ ଶିକ୍ଷା ସଂସ୍କାରକ ସୋନମ ୱାଙ୍ଗଚୁକଙ୍କ ଉପରୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଜାତୀୟ ସୁରକ୍ଷା ଆଇନ ହଟାଇ ଦେଇଛନ୍ତି । ସରକାର ଏହି ଘୋଷଣା କରିବା ସହ ତାଙ୍କୁ ତୁରନ୍ତ ଜେଲରୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଲଦାଖକୁ ପୂର୍ଣ୍ଣାଙ୍ଗ ରାଜ୍ୟ ମାନ୍ୟତା ଏବଂ ସମ୍ବିଧାନର ଷଷ୍ଠ ଅନୁସୂଚୀରେ ସାମିଲ କରିବା ଦାବିରେ ଚାଲିଥିବା ଆନ୍ଦୋଳନ ପରେ, ୨୦୨୫ ସେପ୍ଟେମ୍ବର ୨୬ରେ ତାଙ୍କୁ ଗିରଫ କରାଯାଇଥିଲା । ପ୍ରାୟ ୧୭୦ ଦିନ ସେ ଯୋଧପୁର କେନ୍ଦ୍ରୀୟ ଜେଲରେ ବନ୍ଦୀ ଥିଲେ । ଲଦାଖରେ ଶାନ୍ତି ଫେରାଇ ଆଣିବା ଏବଂ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ଏହି ନିଷ୍ପତ୍ତି ନିଆଯାଇଛି । ୱାଙ୍ଗଚୁକ ପୂର୍ବରୁ ହିଁ ନିଜ ଦଣ୍ଡାଦେଶର ଅଧାରୁ ଅଧିକ ସମୟ ଜେଲରେ କାଟିସାରିଛନ୍ତି ବୋଲି ଗୃହ ମନ୍ତ୍ରଣାଳୟ କହିଛି । ଆସନ୍ତା ମାର୍ଚ୍ଚ ୧୭ ତାରିଖରେ ସୁପ୍ରିମକୋର୍ଟରେ ୱାଙ୍ଗଚୁକଙ୍କ ପତ୍ନୀଙ୍କ ଦ୍ୱାରା ଦାୟର ହୋଇଥିବା ଆବେଦନର ଶୁଣାଣି ହେବାର ଥିଲା । କିନ୍ତୁ କୋର୍ଟଙ୍କ ନିଷ୍ପତ୍ତି ପୂର୍ବରୁ କେନ୍ଦ୍ର ସରକାର ନିଜ ଆଡୁ ତାଙ୍କୁ ମୁକ୍ତ କରିବାକୁ ଘୋଷଣା କରିଛନ୍ତି। ସୋନମ ୱାଙ୍ଗଚୁକଙ୍କ ମୁକ୍ତି ଖବରକୁ ତାଙ୍କ ସମର୍ଥକ ଏବଂ ଲଦାଖବାସୀ ସ୍ୱାଗତ କରିଛନ୍ତି । ଏହାଦ୍ୱାରା କେନ୍ଦ୍ର ସରକାର ଏବଂ ଲଦାଖର ଆନ୍ଦୋଳନକାରୀଙ୍କ ମଧ୍ୟରେ ପୁଣିଥରେ ଆଲୋଚନା ଆରମ୍ଭ ହେବାର ସମ୍ଭାବନା ସୃଷ୍ଟି ହୋଇଛି।

## ମଧ୍ୟପ୍ରାଚ୍ୟରେ ଭୟଙ୍କର ହେଉଛି ଯୁଦ୍ଧ, ଇରାନ-ଆମେରିକା ଯୁଦ୍ଧରେ ପୁଟିନଙ୍କ ଏଣ୍ଟ୍ରି

ନୂଆଦିଲ୍ଲୀ: ମଧ୍ୟପ୍ରାଚ୍ୟରେ ଭୟଙ୍କର ହେଉଛି ଯୁଦ୍ଧ । ଇରାନ-ଆମେରିକା ଯୁଦ୍ଧରେ ପୁଟିନଙ୍କ ଏଣ୍ଟ୍ରି ଟ୍ରମ୍ପ ଦେଲେ ବଡ଼ ସଙ୍କେତ । ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ଆମେରିକା ଓ ଇସ୍ରାଏଲ୍ ସହ ଚାଲିଥିବା ଯୁଦ୍ଧ ମଧ୍ୟରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଇରାନକୁ 'ଅଳ୍ପ ବହୁତ' ସାହାଯ୍ୟ କରୁଥାଇ ପାରନ୍ତି । କାରଣ ଆମେ ମଧ୍ୟ ରୁଷ ବିରୋଧରେ ୟୁକ୍ରେନକୁ ସାହାଯ୍ୟ କରୁଛୁ । ଚୀନ ମଧ୍ୟ ସମାନ କଥା କହିବ । ଏହା ସବୁ ଦେଶ କରନ୍ତି । ଏକ ଗଣମାଧ୍ୟମକୁ ସାକ୍ଷାତକାରରେ ଟ୍ରମ୍ପ ଏହା ସ୍ୱୀକାର କରିଛନ୍ତି। ଆମେରିକାର ଗୋଇନ୍ଦା ରିପୋର୍ଟ ଅନୁଯାୟୀ, ରୁଷ ମଧ୍ୟପ୍ରାଚ୍ୟରେ ଥିବା ଆମେରିକୀୟ ସେନା ଶିବିରଗୁଡ଼ିକର ସୂଚନା ଇରାନକୁ ଦେଉଛି । ଫଳରେ ଇରାନର ଡ୍ରୋନ୍ ଓ ମିସାଇଲ୍ ମାଡ଼ରେ ଆମେରିକୀୟ ସୈନ୍ୟ ମୃତାହତ ହେଉଛନ୍ତି । ଗୋଟିଏ ପଟେ ଆମେରିକାର ବିଶେଷ ଦୂତ ଷ୍ଟିଭ୍ ୱିଟକଫ୍ କହୁଛନ୍ତି ଯେ ରୁଷ ସାହାଯ୍ୟ କରୁନାହିଁ, କିନ୍ତୁ ଟ୍ରମ୍ପ ନିଜେ ଏହାକୁ ସ୍ୱୀକାର କରିଛନ୍ତି। ଆମେରିକା ଇରାନର ଶକ୍ତିକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଉଛି ବୋଲି ଟ୍ରମ୍ପ କହିଛନ୍ତି ।

# ଚେତାବନୀ ସତ୍ତ୍ୱେ ମନମୁଖୀ କାର୍ଯ୍ୟ କରିଥିଲେ ଟ୍ରମ୍ପ : ହର୍ମୁଜ୍ ବନ୍ଦ ହେବାର ବିପଦ ଜାଣି ମଧ୍ୟ ପାଞ୍ଚ ଜଣିଆ ଦଳ ଯୁଦ୍ଧ କରିବାକୁ ନେଇଥିଲେ ତରବରିଆ ନିଷ୍ପତ୍ତି

ୱାସିଂଟନ: ମଧ୍ୟପ୍ରାଚ୍ୟକୁ ଥରାଇ ଦେଇଥିବା ଅପରେସନ୍ ଏପିକ୍ ଫ୍ୟୁରି ସମ୍ପର୍କରେ ଏକ ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍ନାକୁ ଆସିଛି । ସମ୍ପୂର୍ଣ୍ଣ ମିଶନ୍ ଏତେ ଗୋପନୀୟତାର ସହିତ ଯୋଜନା କରାଯାଇଥିଲା ଯେ, ଆମେରିକାର ଶୀର୍ଷ ନେତାମାନେ ମଧ୍ୟ ଏହା ବିଷୟରେ ସେତେବେଳେ ଜାଣିପାରିଲେ ଯେତେବେଳେ ବୋମା ବିସ୍ଫୋରଣର ଖବର ସୋସିଆଲ ମିଡିଆରେ ପ୍ରସାରିତ ହେବା ଆରମ୍ଭ ହୋଇଥିଲା। ଏହି ଅପରେସନ୍‌ର ରିମୋଟ୍ କଣ୍ଟ୍ରୋଲ୍ କେବଳ ଡୋନାଲ୍ଡ ଟ୍ରମ୍ପ, ଜେଡି ଭାନ୍ସ, ମାର୍କୋ ରୁବିଓ, ପିଟ୍ ହେଗସେଥ୍ ଏବଂ ଜେନେରାଲ କେନ୍‌ଙ୍କ ହାତରେ ଥିଲା। ଏହି ୫ ଜଣ ଯୁଦ୍ଧ ବିଷୟରେ ଅବଗତ ଥିଲେ। ବୈଦେଶିକ ବିଭାଗ ମଧ୍ୟ ଆମେରିକୀୟମାନଙ୍କୁ ବହୁତ ବିଳମ୍ବରେ ଏହି ଅଞ୍ଚଳ ଖାଲି କରିବାକୁ ପରାମର୍ଶ ଦେଇଥିଲା। ସେତେବେଳକୁ ଅନେକ ଉଡ଼ାଣ ବନ୍ଦ ହୋଇଯାଇଥିଲା ଏବଂ ଆକାଶପଥ ବନ୍ଦ ହୋଇଯାଇଥିଲା। ଏହା ଯୋଗୁ ହଜାର ହଜାର ଫସି ରହିଥିବା ଆମେରିକୀୟଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିଛି। ସେମାନଙ୍କର ସୁରକ୍ଷିତ ସ୍ଥାନାନ୍ତର ପାଇଁ କୌଣସି ସ୍ପଷ୍ଟ ଯୋଜନା ନଥିଲା, କିମ୍ବା ଯଦି ଇରାନ ହର୍ମୁଜ୍ ପ୍ରଣାଳୀ ବନ୍ଦ କରିଦିଏ ତେବେ ବିଶ୍ୱର ଶକ୍ତି ଯୋଗାଣକୁ କିପରି ସୁରକ୍ଷିତ ରଖାଯିବ ସେ ବିଷୟରେ ପ୍ରଶାସନ ଆଲୋଚନା କରିନଥିଲା।ସମସ୍ତଙ୍କ ମନରେ ପ୍ରଶ୍ନ ଥିଲା ଯେ, ଯଦି ଇରାନ ହର୍ମୁଜ୍ ପ୍ରଣାଳୀକୁ ବନ୍ଦ କରିଦିଏ, ତେବେ



ଏହାକୁ ପୁନର୍ବାର ଖୋଲିବା ପାଇଁ କ'ଣ ପଦକ୍ଷେପ ନିଆଯିବ। ଏହି ବିଷୟ ପାଇଁ କୌଣସି ଠୋସ୍ ଯୋଜନା କରାଯାଇ ନଥିଲା। ଏପରି ପ୍ରଶ୍ନ ଉଠାଇବାର କ୍ଷମତା ଥିବା ଅଧିକାରୀମାନଙ୍କୁ ମଧ୍ୟ ପ୍ରକ୍ରିୟାରୁ ବାହାରେ ରଖାଯାଇଥିଲା। ପ୍ରଶାସନ କହିଥିଲା, ଶୀଘ୍ର ନିଷ୍ପତ୍ତି ନେବା ଏବଂ ସୂଚନା ଲିକ୍ ରୋକିବା ପାଇଁ ଏକ ଛୋଟ ୫ ଜଣିଆ ଦଳ ଗଠନ କରାଯାଇଥିଲା। ତେବେ ଆମେରିକୀୟ ବିଶେଷଜ୍ଞମାନଙ୍କ ମତରେ ଶୀଘ୍ର ନିଷ୍ପତ୍ତି ନେବା ଏବଂ ଗୋପନୀୟତା ବଜାୟ ରଖିବା ଦୁଇଟି ଭିନ୍ନ ଜିନିଷ। ଯୁଦ୍ଧ ଭଳି ଏକ ପ୍ରମୁଖ ପଦକ୍ଷେପ ପାଇଁ ଯଥେଷ୍ଟ ପ୍ରସ୍ତୁତିର ଆବଶ୍ୟକ ରହିଥାଏ। ଇରାକ ଯୁଦ୍ଧ ସମୟରେ, ଅନେକ ବିଭାଗ ମାସ ମାସ ଯୋଜନା କରିବାରେ ବିତାଇଥିଲେ, ତଥାପି ସବୁକିଛି ଯୋଜନା ଅନୁଯାୟୀ ହୋଇନଥିଲା। ଏହି ସମୟରେ, ଅପରେସନ୍ ଏପିକ୍ ଫ୍ୟୁରି କେବଳ କିଛି ବ୍ୟକ୍ତିଙ୍କ ଦ୍ୱାରା ନିଆଯାଇଥିବା ଏକ ନିଷ୍ପତ୍ତି ବୋଲି କୁହାଯାଉଛି। ଅଧିକ ଆଲୋଚନା ବିନା ଏତେ ବଡ଼ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ଯୋଗୁ ଏବେ ବିଶ୍ୱ ସଙ୍କଟରେ ପଡ଼ିଛି ବୋଲି ବିଶେଷଜ୍ଞ ମତପୋଷଣ କରିଛନ୍ତି।

## ବିମାନ ଭଡ଼ା ହେଲା ମହଙ୍ଗା, ଯାତ୍ରୀଙ୍କଠାରୁ ଫୁଏଲ ସରଚାର୍ଜ ଆଦାୟ କରିବ ଆକାସା ଏୟାର

ନୂଆଦିଲ୍ଲୀ : ଭାରତୀୟ ବିମାନ କମ୍ପାନୀ ଆକାସା ଏୟାର୍ ବିମାନର ଟିକେଟ୍ ମୂଲ୍ୟ ବୃଦ୍ଧି ଘୋଷଣା କରିଛି। ସମସ୍ତ ଘରୋଇ ଏବଂ ଆନ୍ତର୍ଜାତୀୟ ବିମାନ ପ୍ରତ୍ୟେକ ସିଟ୍ ପାଇଁ ଯାତ୍ରୀଙ୍କଠାରୁ ୧୯୯ଟଙ୍କାରୁ ୧୩୦୦ଟଙ୍କା ପର୍ଯ୍ୟନ୍ତ ଫୁଏଲ ସରଚାର୍ଜ ଆଦାୟ କରିବ ବୋଲି ଆକାସା ଏୟାର୍ କହିଛି । ଏୟାରଲାଇନ୍ସ କମ୍ପାନୀ କହିଛି ଯେ, ୧୫ ମାର୍ଚ୍ଚ ୧୨.୦୧ରୁ ବୁକିଂ ହୋଇଥିବା ସମସ୍ତ ବିମାନ ଟିକେଟରୁ ଫୁଏଲ ସରଚାର୍ଜ ନିଆଯିବ । ଆପଣଙ୍କୁ ଜଣାଇ ରଖୁଛୁ ଯେ, ମଧ୍ୟପୂର୍ବରେ ଜାରି ହୋଇ ରହିଥିବା ଯୁଦ୍ଧ ଯୋଗୁଁ ଏଭିଏସନ୍ ଟର୍ବାଇନ୍ ଫ୍ଲୁର ମୂଲ୍ୟ ବୃଦ୍ଧି ପାଉଛି । ଯେଉଁଥିପାଇଁ ଏୟାରଲାଇନ୍ସ କମ୍ପାନୀ ଭଡ଼ାରେ ଫୁଏଲ ସରଚାର୍ଜ ସାମିଲ କରିବାକୁ ନିଷ୍ପତ୍ତି ନେଇଛି ।

ଯେକୌଣସି ଏୟାରଲାଇନ୍ସ କମ୍ପାନୀର ଅପରେଟିଂ ଖର୍ଚ୍ଚରେ ଫୁଏଲର ଅଂଶ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଏମିତିରେ ଏଟିଏଫର ମୂଲ୍ୟ ବଢିବାରୁ ଏୟାରଲାଇନ୍



କମ୍ପାନୀଗୁଡିକ ଖୁବ୍ ଚାପ ପକାଉଛି । ଆକାସା ଏୟାର ପୂର୍ବରୁ ଦୁଇଟି ପ୍ରମୁଖ ଏୟାର ଲାଇନ୍ କମ୍ପାନୀ ଏୟାର ଇଣ୍ଡିଆ ଏବଂ ଇଣ୍ଡିଗୋ ମଧ୍ୟ ଯାତ୍ରୀମାନଙ୍କଠାରୁ ଫୁଏଲ ସରଚାର୍ଜ ଆଦାୟ କରୁଥିଲେ । ଏୟାର ଇଣ୍ଡିଆ ପ୍ରଥମେ ଫୁଏଲ ସରଚାର୍ଜ ଆଦାୟ ଘୋଷଣା କରିଥିଲା । ଏହାପରେ ଗତକାଲି ଇଣ୍ଡିଗୋ ସରଚାର୍ଜ ଆଦାୟ ଘୋଷଣା କରିଥିଲା। ମାର୍ଚ୍ଚ ୧୨ ତାରିଖରୁ ଏୟାର ଇଣ୍ଡିଆ ବିମାନ ଟିକେଟରେ ୩୯୯ରୁ ୯୦ ଟଙ୍କା ପାର୍ଯ୍ୟନ୍ତ ଫୁଏଲ ସରଚାର୍ଜ ଆଦାୟ କରୁଛି । ସେହିପରି ଆଜି ଇଣ୍ଡିଗୋ ବିମାନ ଟିକେଟରେ ୪୨୫ ରୁ ୨୩୦୦ ଟଙ୍କା ପର୍ଯ୍ୟନ୍ତ ଫୁଏଲ ସରଚାର୍ଜ ଆଦାୟ କରୁଛି ।

ଅନ୍ୟପଟେ ବିମାନକୁ ଚଲାଇବା ପାଇଁ ବ୍ୟବହୃତ ଇଞ୍ଜନ ମଧ୍ୟ ଅଶୋଧିତ ତୈଳ ବିଶୋଧନ କରି ତିଆରି କରାଯାଏ ଏବଂ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପ୍ରତି ୧୦୦ ଡଲାର ପାଖାପାଖି ପହଞ୍ଚିଛି । 'ଓଇଞ୍ଜଇର ଜେଟ୍ ଫୁଏଲ୍ ମନିଟର' ଅନୁଯାୟୀ, ଏହି କ୍ଷେତ୍ରରେ ଇନ୍ଧନର ମୂଲ୍ୟ ୮୫% ରୁ ଅଧିକ ବୃଦ୍ଧି ପାଇଛି ବୋଲି ଗତକାଲି ଇଣ୍ଡିଗୋ ଏକ ପ୍ରେସ୍ ରିଲିଜରେ କହିଛି । ଏହାର ହଠାତ୍ ବୃଦ୍ଧି ହେବାରୁ ସମସ୍ତ ଏୟାରଲାଇନ୍ସର ଖର୍ଚ୍ଚ ଏବଂ ନେଟୱାର୍କକୁ ପ୍ରଭାବିତ କରୁଛି ।

## ଇରାନ ଆକ୍ରମଣରେ ଭାରତୀୟ ମୃତ, ମୁମ୍ବାଇରେ ଥିଲେ ଇଞ୍ଜିନିୟର

ନୂଆଦିଲ୍ଲୀ : ଇରାନ ଆକ୍ରମଣରେ ଭାରତୀୟ ମୃତ । ଇରାନର ଡ୍ରୋନ୍ ଆକ୍ରମଣରେ ଜଣେ ଭାରତୀୟ ଇଞ୍ଜିନିୟର ମୃତ୍ୟୁ ହୋଇଛି । ପଶ୍ଚିମ ଏସିଆରେ ଚାଲିଥିବା ଭୟଙ୍କର ଯୁଦ୍ଧ ମଧ୍ୟରେ ଇରାକର ବାସରା ବନ୍ଦର ନିକଟରେ ଏକ ବଡ଼ ଆକ୍ରମଣ ହୋଇଛି । ସୂଚନାନୁଯାୟୀ, ଇରାନର ଏକ ବିସ୍ଫୋରକ ବୋଝେଇ ଡ୍ରୋନ୍ ଆକ୍ରମଣରେ ଜଣେ ୫୪ ବର୍ଷୀୟ ଭାରତୀୟ ମେରାଇନ୍ ଇଞ୍ଜିନିୟର ଦେଓନନ୍ଦନ ପ୍ରସାଦ ସିଂହଙ୍କର ମୃତ୍ୟୁ ହୋଇଛି । ସେ ମୁମ୍ବାଇର କାନ୍ଦିଭଲି ଅଞ୍ଚଳର ବାସିନ୍ଦା । ଗତ ୧୧ ତାରିଖ ରାତିରେ ଆମେରିକା ମାଲିକାନାରେ ଥିବା ତୈଳବାହୀ ଜାହାଜ ଉପରେ ଆକ୍ରମଣ ହୋଇଥିଲା । ଏକ ମାନବବିହୀନ ଡ୍ରୋନ୍ ଜାହାଜରେ ପିଟି ହେବା



ଫଳରେ ଏକ ଶକ୍ତିଶାଳୀ ବିସ୍ଫୋରଣ ହୋଇଥିଲା । ଜାହାଜରେ ଥିବା ଅନ୍ୟ ୧୫ ଜଣ ଭାରତୀୟ କର୍ମଚାରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ଅନ୍ୟପଟେ ଇରାକର ତଟରକ୍ଷୀ ବାହିନୀ ସେମାନଙ୍କୁ ବାସରା ସହରକୁ ନେଇଯାଇଛନ୍ତି । ଆମେରିକା ଏବଂ ଇସ୍ରାଏଲ୍ ସହ ଚାଲିଥିବା ସଂଘର୍ଷର ପ୍ରତିଶୋଧ ନେବା ପାଇଁ ଏହି ଆକ୍ରମଣ କରାଯାଇଥିବା ଇରାନ ଦାବି କରିଛି । ମୃତ ଦେଓନନ୍ଦନ ଗତ ୭ ବର୍ଷ ଧରି ଡ୍ୟୁଟିରେ ନଥିଲେ । କିନ୍ତୁ କମ୍ପାନୀର ଚାପରେ ମାତ୍ର ଦୁଇ ସପ୍ତାହ ପୂର୍ବରୁ କାମକୁ ଫେରିଥିଲେ । ମୃତ୍ୟୁ ପୂର୍ବରୁ ସେ ତାଙ୍କ ସ୍ତ୍ରୀଙ୍କୁ ଫୋନ୍ କରି ଜାହାଜ ଉପରେ ଆକ୍ରମଣ ହୋଇଥିବା କହିଥିଲେ ।

# ଇରାନର କଳାବାଦଲ ଯଦି ହୁଏ ଭାରତ ମୁହାଁ !: ଗୁଜରାଟ ସମେତ ୩ ରାଜ୍ୟରେ ସୃଷ୍ଟି ହେବ ସଙ୍କଟ

ନୂଆଦିଲ୍ଲୀ: ଇରାନର ତୈଳ ସ୍ଥାପନା ଉପରେ ଆମେରିକା-ଇସ୍ରାଏଲର ବିମାନ ଆକ୍ରମଣ ରାଜଧାନୀ ତେହେରାନ ତଥା ଏହାର ଆଖପାଖ ଅଞ୍ଚଳଗୁଡ଼ିକର ଆକାଶକୁ କଳା ମେଘରେ ଆଚ୍ଛାଦିତ କରିଛି। କଳା ଧୂଆଁ ଯୋଗୁ ଲୋକଙ୍କ ପାଇଁ ନିଶ୍ୱାସ ନେବା କଷ୍ଟକର ହେଉଛି। ଇରାନର ରେଡ କ୍ରିସେଣ୍ଟ ସୋସାଇଟି ଏସିଡ୍ ବର୍ଷା ପ୍ରତି ସତର୍କ ରହିବାକୁ ଲୋକଙ୍କୁ ଚେତାବନୀ ଦେଇଛି। ଯଦି ଏହି କଳାବାଦଲ ହୁଏ ଭାରତ ମୁହାଁ ହେବ ତେବେ ଗୁଜୁରାଟ, ରାଜସ୍ଥାନ ଓ ପଞ୍ଜାବ ସ୍ଥିତି ସଙ୍କଟ ଜନକ ହେବ ବୋଲି ଆକଳନ କରାଯାଇଛି।

ତେଲ ଯୁକ୍ତ ଏହି କଳା ବାଦଲ ଯୋଗୁ ଭାରତ ମଧ୍ୟ ବିପଦରେ ଅଛି । ଇରାନରୁ ପାକିସ୍ତାନର ପଶ୍ଚିମ ଅଞ୍ଚଳ ବଲୁଚିସ୍ତାନ ପର୍ଯ୍ୟନ୍ତ ଉତ୍ତର-ପଶ୍ଚିମ ଦିଗରେ ପବନ ବହୁଛି। ପାକିସ୍ତାନ ପାଣିପାଗ ବିଭାଗ ଏହି ମେଘ ଓ ବିଷାକ୍ତ ଧୂଆଁ ସମ୍ପର୍କରେ ପୂର୍ବରୁ ଏକ ଚେତାବନୀ ଜାରି କରିସାରିଛି। ତେବେ ଭାରତ ପ୍ରତି ସିଧାସଳଖ ବିପଦ ସର୍ବନିମ୍ନ ରହିଛି। ହିମାଳୟ ଏବଂ ଇରାନଠାରୁ



ଭାରତର ଦୂରତା ଯୋଗୁଁ ପ୍ରଭାବ କମ୍ ହୋଇପାରେ ବୋଲି କୁହାଯାଉଛି। ଯଦି ଜେଟ୍ ଷ୍ଟ୍ରିମ୍ ବା ପୃଥିବୀ ପୃଷ୍ଠରେ ପ୍ରବାହିତ ପ୍ରବଳ ପବନର ବେଗ ଅଧିକ ହେବ ତେବେ ଏହି କଳା ଧୂଆଁର ସୂକ୍ଷ୍ମ କଣିକା ଗୁଜୁରାଟ, ରାଜସ୍ଥାନ ତଥା ପଞ୍ଜାବରେ ପହଞ୍ଚିପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି ।। ଆଫଗାନିସ୍ତାନ ଏବଂ ତୁର୍କମେନିସ୍ତାନ ଭଳି ପଡ଼ୋଶୀ ଦେଶଗୁଡ଼ିକ ପ୍ରଥମେ ପ୍ରଭାବିତ ହେବେ। ହାଇସ୍ପିଲ୍ଟ ଭଳି ବିଶ୍ୱ ମଡେଲଗୁଡ଼ିକ ଦର୍ଶାଏ ଯେ, ବାଦଲରେ ଥିବା ତେଲ କଣିକା ପାଞ୍ଚରୁ ଦଶ ଦିନ ମଧ୍ୟରେ ଦୁଇ ହଜାରରୁ ତିନି ହଜାର କିଲୋମିଟର ପର୍ଯ୍ୟନ୍ତ ଭାସମାନ ଅବସ୍ଥାରେ ଗତି କରିପାରେ।

ଏହି ବିଷାକ୍ତ ମେଘ ଯୋଗୁଁ ହେଉଥିବା ଏସିଡ୍ ବର୍ଷାର ପ୍ରଭାବ ଗୋଟିଏରୁ ଦୁଇ ସପ୍ତାହ ପର୍ଯ୍ୟନ୍ତ ରହିପାରେ। କିନ୍ତୁ ଏହାର ଦୀର୍ଘକାଳୀନ ପ୍ରଭାବ ବର୍ଷ ବର୍ଷ ଧରି ଅନୁଭୂତ ହେବ। ମାଟିରେ ଜମା ହୋଇଥିବା ଏସିଡି ୧୦ ରୁ ୨୦ ବର୍ଷ ପର୍ଯ୍ୟନ୍ତ ରହିପାରେ। ଏହା ମାଟିର ବଫର କ୍ଷମତାକୁ ହ୍ରାସ କରିବ। ମଣିଷଙ୍କଠାରେ ଶ୍ୱାସକ୍ରିୟା ରୋଗ ୨୦ ରୁ ୩୦% ବୃଦ୍ଧି ପାଇପାରେ। ଏନେଇ ପିଲା ଏବଂ ବୃଦ୍ଧମାନେ ଅଧିକ ବିପଦରେ ଅଛନ୍ତି। କୃଷି ଉତ୍ପାଦନ ୧୦-୧୫% ହ୍ରାସ ପାଇପାରେ। ଫଳରେ ଭବିଷ୍ୟତରେ ଖାଦ୍ୟ ସଙ୍କଟ ସୃଷ୍ଟି ହୋଇପାରେ।

ଏସିଡ୍ ବର୍ଷା ଗଛର ମୂଳକୁ ଦୁର୍ବଳ କରିଦିଏ, ପତ୍ର ପୋଡ଼ିଦିଏ ଏବଂ ଜଙ୍ଗଲ ଜୈବ ବିବିଧତାକୁ ନଷ୍ଟ କରିଦିଏ। ମଣିଷଙ୍କଠାରେ ସ୍ନାୟୁଗତ ବିକାର ଆଣେ। ତେହେରାନ ଭଳି ଏକ ଘନ ଜନସଂଖ୍ୟା ବିଶିଷ୍ଟ ସହରରେ ବାୟୁ ପ୍ରଦୂଷଣ ପୂର୍ବରୁ ଅଧିକ ରହିଛି। ଫଳରେ ଏସିଡ୍ ବର୍ଷା ପରିସ୍ଥିତି ମହାମାରୀ ଭଳି ହୋଇପାରେ। ଭିଏତନାମରେ ଏଜେଣ୍ଟ ଅରେଞ୍ଜ ୟୁକ୍ରେନ ଯୁଦ୍ଧର ପ୍ରଦୂଷଣ ଯୋଗୁ ବିପଦ ସୃଷ୍ଟି କରିଛି।

ଏହି ରାସାୟନିକ ପଦାର୍ଥଯୁକ୍ତ ମେଘ ମାଟି ଏବଂ ପାଣିରେ ସୀସା ଏବଂ ପାରଦ ଭଳି ଭାରୀ ଧାତୁ ଜମା କରିବ। ଏହା ଯୋଗୁଁ, ଏଗୁଡ଼ିକ ଖାଦ୍ୟ ଶୃଙ୍ଖଳରେ ପ୍ରବେଶ କରିବ ଏବଂ ପରେ ଖାଦ୍ୟ ମାଧ୍ୟମରେ ଶରୀରରେ ପହଞ୍ଚି ଡିଏନ୍ ?ଏକୁ କ୍ଷତି ପହଞ୍ଚାଇପାରେ। କର୍କଟ ଭଳି ଗମ୍ଭୀର ରୋଗ ହେବାର ମଧ୍ୟ ଆଶଙ୍କା ରହିଛି। ରୁଷ ଏବଂ ୟୁକ୍ରେନ ପରେ, ଆମେରିକା-ଇସ୍ରାଏଲ ଏବଂ ଇରାନ ଯୁଦ୍ଧ ବିଶ୍ୱରେ ବଢୁଥିବା ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ ଏବଂ ବିଶ୍ୱ ଉଷ୍ମତା ବିରୋଧରେ ଚାଲିଥିବା ଲଢ଼େଇକୁ ବାଧା ଦେଉଛି । ପରିବେଶ ସୁରକ୍ଷା ପାଇଁ ରାଷ୍ଟ୍ରଗୁଡ଼ିକର ଇଚ୍ଛାଶକ୍ତି ସକାରାତ୍ମକ ଫଳାଫଳ ଆଣିଛି। ପ୍ୟାରିସ୍ ଚୁକ୍ତିନାମା ନିର୍ଗମନ ହ୍ରାସ କରିଛି, କିନ୍ତୁ ଯୁଦ୍ଧ ପରିବେଶ ସୁରକ୍ଷା ଉପରେ ପ୍ରତିକୂଳ ପ୍ରଭାବ ପକାଇଛି। ୟୁକ୍ରେନ ଉପରେ ବୋମା ମାଡ଼ ଯୋଗୁଁ ୩୫ ନିୟୁତ ଟନ୍ କାର୍ବନ ଡାଇଅକ୍ସାଇଡ୍ ପ୍ରଦୂଷଣ ଜମା ହୋଇଥିଲା।

ବର୍ତ୍ତମାନ, ଇରାନରେ ତେଲ ଜଳିବା ଦ୍ୱାରା ପ୍ରତିଦିନ ଲକ୍ଷ ଲକ୍ଷ ଟନ୍ ଗ୍ରୀନହାଉସ୍ ଗ୍ୟାସ୍ ବାୟୁମଣ୍ଡଳରେ ମିଶୁଛି। ଏହା ନିଶ୍ଚିତ ଭାବରେ ଜଳବାୟୁ ପରିବର୍ତ୍ତନ ବିରୋଧରେ ଲଢ଼େଇକୁ ଦୁର୍ବଳ କରୁଛି। ଯୁଦ୍ଧ ନିର୍ଗମନ ବୃଦ୍ଧି ଯୋଗୁଁ ତାପମାତ୍ରା ୨.୩ ରୁ ୨.୫ ଡିଗ୍ରି ସେଲସିୟସ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ଇରାନ ଭଳି ତୈଳ ଉତ୍ପାଦନକାରୀ ଦେଶରେ ଯୁଦ୍ଧ ହେବା ଦ୍ୱାରା ବିଶ୍ୱରେ ଶକ୍ତି ସଙ୍କଟ ସୃଷ୍ଟି ହେବ ଏବଂ କୋଇଲା ଉପରେ ନିର୍ଭରଶୀଳତା ବୃଦ୍ଧି ପାଇବ। ଏହା ମଧ୍ୟ ଭୟଙ୍କର ତାପମାତ୍ରା ବୃଦ୍ଧି କରିପାରେ। ଏଥିରୁ ସୁରକ୍ଷା ପାଇଁ ଇରାନ ତୁରନ୍ତ ବାୟୁ ଗୁଣବତ୍ତା ମନିଟରିଂ ଷ୍ଟେସନ୍ ସ୍ଥାପନ କରିବା, ପ୍ରଭାବିତ ମାଟିକୁ ଚୂନ ଦେଇ ନ୍ୟୁଟ୍ରାଲ୍ କରିବା ଏବଂ ସ୍ୱାସ୍ଥ୍ୟ ଶିବିର ସ୍ଥାପନ କରିବା ଉଚିତ ବୋଲି ବିଶେଷ ମତପୋଷଣ କରିଛନ୍ତି।

# ଦ୍ରାବିଡଙ୍କ ସହ ଅବିସ୍ମରଣୀୟ ଭାଗୀଦାରକୁ ମନେ ପକାଇଲେ ଲକ୍ଷ୍ମଣ

**ବେଙ୍ଗାଲୁରୁ, ୧୪।୩:** ଐତିହାସିକ ଇଡେନ୍ ଗାର୍ଡେନ୍ସରେ ଫଲୋଅନ୍ ପରେ ବି ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଦଳକୁ ଭାରତ ହରାଇବାର ଐତିହାସିକ ସଫଳତାକୁ ୨୫ବର୍ଷ ପୂରିଛି। ଏହି ଅସାଧାରଣ ବିଜୟରେ ଭାରତୀୟ କ୍ରିକେଟ୍‌ର ଦୁଇ କିଂବଦନ୍ତି ତଥା ସମ୍ମାନସ୍ପଦ ତାରକା ଭିଭିଏସ୍ ଲକ୍ଷ୍ମଣ ଓ ରାହୁଲ ଦ୍ରାବିଡଙ୍କ ସାହସୀ ଓ ଆତ୍ମବିଶ୍ୱାସରେ ଭରପୂର ଭାଗୀଦାର ପ୍ରମୁଖ ଭୂମିକା ତୁଲାଇଥିଲା। ଉଭୟ ୩୭୬ ରନ୍ ଯୋଡିବା ପରେ କୋଲକାତାରେ ଭାରତ କ୍ରିକେଟ୍ ଇତିହାସର ଅନ୍ୟତମ ସଫଳ ପ୍ରତ୍ୟାବର୍ତ୍ତନ କରି ଅଷ୍ଟ୍ରେଲିଆକୁ ହରାଇବାର ଅନନ୍ୟ ତଥା ନାଟକୀୟ ସଫଳତା ଲାଭ କରିଥିଲା। ୨୫ବର୍ଷ ତଳର ସେହି ଅସାଧ ବିଜୟକୁ ମନେ ପକାଇ ଲକ୍ଷ୍ମଣ ତାଙ୍କ 'ଏକ୍ସ' ପୃଷ୍ଠାରେ ଦ୍ରାବିଡଙ୍କ ସହ ସେତେବେଳେ ଉଠାଇଥିବା ଫଟୋ ପ୍ରକାଶ କରିଛନ୍ତି। ସେହିଭଳି ୨୦୦୧ ମସିହାରେ ଭାରତ ହାସଲ କରିଥିବା ସେହି ଅସମ୍ଭବ ବିଜୟର ଉଲ୍ଲାସ ଓ ଆନନ୍ଦକୁ ମନେ ପକାଇଛନ୍ତି।

ଆବେଗଭରା ଲେଖାରେ ଲେଖିଛନ୍ତି ଯେ ୨୫ ବର୍ଷ ପୂର୍ବ ଇଡେନ୍ ଗାର୍ଡେନ୍ସରେ ରାହୁଲ ଓ ମୁଁ ଏକ ସହଭାଗୀତା କରିଥିଲୁ, ଯାହା ସର୍ବଦା ସ୍ୱତନ୍ତ୍ର ହୋଇ ରହିବ। ଯେତେବେଳେ ବିଜୟ ଆମ ହାତଠାରୁ ଅପହଞ୍ଚ ମନେ ହେଉଥିଲା, ସେହି ମୁହୂର୍ତ୍ତରେ ଆମେ ବିଶ୍ୱାସ, ଧୈର୍ଯ୍ୟ ଓ ସ୍ଥିରତାକୁ ବାଛିଥିଲୁ। ସେହି ଭାଗୀଦାର କେବଳ ରନ୍ ବିଷୟରେ ନୁହେଁ ବରଂ ବିଶ୍ୱାସ, ଦଳଗତ ଉଦ୍ୟମ ଏବଂ ପ୍ରତ୍ୟେକ ଅଧିବେଶନରେ ଜୋରଦାର ଲଢେଇ ବିଷୟରେ ଥିଲା। ରାହୁଲଙ୍କ ସହିତ ସେହି ଯାତ୍ରାକୁ ସେୟାର କରି ବହୁତ ଗର୍ବ ଅନୁଭବ କରୁଛି। କ୍ରିକେଟ୍ ଇତିହାସର ସବୁଠାରୁ ସଫଳ ପ୍ରତ୍ୟାବର୍ତ୍ତନଭରା ସେହି ଟେଷ୍ଟ ମୋତେ ସବୁବେଳେ ମନେ ପକାଇଦିଏ ଯେ, କ୍ରିକେଟ୍‌ରେ ସବୁକିଛି ସମ୍ଭବ। ୨୦୦୧ ମସିହାର ଭାରତ-



ଅଷ୍ଟ୍ରେଲିଆ ଟେଷ୍ଟ ମ୍ୟାଚ୍‌ର ଚତୁର୍ଥ ଦିବସ ସଦାସର୍ବଦା ଭାରତୀୟ କ୍ରିକେଟ୍‌ର ଅଭୁଲା ଦିନ ହୋଇ ରହିବ। ଏହି ଦିନ ଦ୍ରାବିଡ ଓ ଲକ୍ଷ୍ମଣ ଏମିତି ଏକ ଭାଗୀଦର ଗଢ଼ି ଭାରତକୁ ବିଜୟୀ କରାଇଥିଲେ, ଯାହାକୁ ଆଗରୁ କେହି ଦେଖିଥିଲେ ନା ଶୁଣିଥିଲେ। ଅଷ୍ଟ୍ରେଲିଆ ଲଗାତାର ୧୬ ଟେଷ୍ଟ ଜିତିବାର ଆଧିପତ୍ୟଭରା ଧାରାକୁ ନେଇ ଭାରତ ଆସିଥିଲା। ଭାରତ ବିଜୟ ତାଙ୍କ ପାଇଁ ଶେଷ ଦୁର୍ଗ ଦଖଲ ସଦୃଶ ହେବ ବୋଲି ମଧ୍ୟ କଙ୍ଗାରୁ ଅଧିକ ଷ୍ଟିଭ୍ ୱ' ଗର୍ବର ସହ କହିଥିଲେ। ମୁମ୍ବାଇରେ ଖେଳିଥିବା ପ୍ରଥମ ଟେଷ୍ଟ ?କୁ ୧୦ ୱିକେଟ୍ ?ରେ ଜିତି ଅଷ୍ଟ୍ରେଲିଆ ବି ଚମତ୍କାର ଢଙ୍ଗରେ ତା'ର ତିନି ମ୍ୟାଚ୍ ବିଶିଷ୍ଟ ଅଭିଯାନ ଆରମ୍ଭ କରିଥିଲା। କୋଲକାତା ଟେଷ୍ଟରେ ମଧ୍ୟ ଦମଦାର୍ ଆରମ୍ଭ କରିଥିଲା ୱ'ଙ୍କ ଉତ୍ସାହୀ ଦଳ। ପ୍ରଥମ ପାଳିରେ ୪୪୫ ରନ୍ କରି ଘରୋଇ ଭାରତ ଉପରେ ଅସହ୍ୟ ଚାପ ବି ସୃଷ୍ଟି କରିବାକୁ ସକ୍ଷମ ହୋଇଥିଲା। ଭାରତ ସେହି ଚାପରେ ଚାପି ହୋଇ ନିଜ ପ୍ରଥମ ପାଳିରେ ମାତ୍ର ୧୭୧ ରନ୍ କରିଥିଲା। ଫଲୋଅନ୍ ହେବା ପରେ ୨୩୨ ରନ୍‌ରେ ୪ ୱିକେଟ୍ ହରାଇ ସଂଘର୍ଷ କରୁଥିଲା। ଏତିକି ବେଳେ ଲକ୍ଷ୍ମଣ ଓ ଦ୍ରାବିଡ ବିସ୍ମୟକର ବ୍ୟାଟିଂ କରି ଭ୍ରମଣକାରୀ ଅଷ୍ଟ୍ରେଲିଆର ହୋସ୍ ଉଡାଇ ଦେଇଥିଲେ। ଲକ୍ଷ୍ମଣ କ୍ୟାରିୟର୍ ଶ୍ରେଷ୍ଠ ୨୮୧ ଏବଂ ଦ୍ରାବିଡ ୧୮୦ ରନ୍‌ର ପାଳି ଖେଳିଥିଲେ। ଚତୁର୍ଥ ଦିନ ସାରା ଉଭୟ ବ୍ୟାଟିଂ କରିଥିଲେ। ୩୭୬ ରନ୍‌ର ଭାଗୀଦରିରୁ କେବଳ ଏହି ଦିବସରେ ୩୩୫ ରନ୍ ଅମଳ କରିଥିଲେ। ଭାରତ ପଞ୍ଚମ ଦିନରେ ୬୫୭/୭ରେ ପାଳି ଘୋଷଣା କରିଥିଲା ଏବଂ ଅଷ୍ଟ୍ରେଲିଆ ସମ୍ମୁଖରେ ୩୮୩ ରନ୍‌ର ଅତ୍ୟନ୍ତ କଷ୍ଟକର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଅଷ୍ଟ୍ରେଲିଆ କିନ୍ତୁ ହରଭଜନ ସିଂହଙ୍କ ସ୍ପିନ୍ ଜାଲରେ ଫଶି ଶେଷରେ ମାତ୍ର ୨୧୨ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଭାରତ ଶେଷରେ ୧୭୨ ରନ୍‌ର ଅଭୁଲା ବିଜୟ ହାସଲ କରିଥିଲା। ଭାରତର ଏହି ସଫଳତା କ୍ରିକେଟ୍ ? ଇତିହାସର ଅନ୍ୟତମ ବିରଳ ବିଜୟ ଥିଲା। ଏହିଠାରୁ ମଧ୍ୟ ଭାରତୀୟ ଟେଷ୍ଟ କ୍ରିକେଟ୍‌ରେ ନୂଆ ମୋଡ ଆସିଥିଲା।

# ବୈଷ୍ଣୋଦେବୀଙ୍କ ଦର୍ଶନ କଲେ ଅଭିଷେକ



**ଜମ୍ମୁ-କାଶ୍ମୀର, ୧୪।୩:** ଭାରତୀୟ କ୍ରିକେଟ୍ ଦଳର ବିସ୍ଫୋରକ ବ୍ୟାଟର୍ ଅଭିଷେକ ଶର୍ମା ଜମ୍ମୁ ଗସ୍ତ କରି କଟ୍ରା ଗସ୍ତ କରି ମାତା ବୈଷ୍ଣଦେବୀଙ୍କ ଦର୍ଶନ କରିଛନ୍ତି। ଏ ନେଇ ସେ ନିଜର ଇନଷ୍ଟାଗ୍ରାମ୍ ଆକାଉଣ୍ଟରେ ଏକ ଫଟୋ ସେୟାର କରିଛନ୍ତି। ଫଟୋରେ ଦେଖାଯାଉଛି ସେ ପାରମ୍ପରିକ ସାଲଓ୍ୱାର କମିଜ୍ ପିନ୍ଧି ବୈଷ୍ଣୋଦେବୀ ମନ୍ଦିର ରାସ୍ତାରେ ଛିଡ଼ା ହୋଇଛନ୍ତି । ସେ ମଧ୍ୟ କପାଳରେ ସିନ୍ଦୁର ଟୀକା ଲଗାଇଛନ୍ତି। ସେ କିଛିବାଟ ଖାଲିପାଦରେ ଯାତ୍ରା କରିବା ସହ ଅନ୍ୟ ଶ୍ରଦ୍ଧାଳୁମାନଙ୍କ ସହ କଥାବାର୍ତ୍ତା କରିଥିଲେ।

ନିକଟରେ ସମାପ୍ତ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ଅଭିଷେକଙ୍କ ପ୍ରଦର୍ଶନ ଆଶାଜନକ ନଥିଲା। ଏପରିକି ପ୍ରଥମ କେତୋଟି ମ୍ୟାଚ୍‌ରେ ସେ ଖାତା ମଧ୍ୟ ଖୋଲିପାରିନଥିଲେ। ଖରାପ ଫର୍ମକୁ ନେଇ ସେ ବ୍ୟାପକ ସମାଲୋଚନାର ଶିକାର ହୋଇଥିଲେ। ତେବେ ପରେ ସେ ଜିମ୍ବାୱେ ବିପକ୍ଷରେ ଏକ ଅର୍ଦ୍ଧଶତକ ଅର୍ଜନ କରି ଫର୍ମକୁ ଆସିବାର ସଂକେତ ଦେଇଥିଲେ। ଏହା ପରେ ଫାଇନାଲ୍‌ରେ ସେ ନ୍ୟୁଜିଲାଣ୍ଡ ବିପକ୍ଷରେ ମାତ୍ର ୨୧ଟି ବଲ୍‌ରୁ ୫୨ରନ୍‌ର ପାଳି ଖେଳିଥିଲେ।

# ମୁଜରବାନିଙ୍କୁ ନେଇ ପାକିସ୍ତାନ କ୍ରିକେଟ୍ ବୋର୍ଡ କ୍ଷୁବ୍ଧ

**ଲାହୋର, ୧୪।୩:** ଜିମ୍ବାୱେ ଦ୍ରୁତବୋଲର୍ ବ୍ଲେସିଂ ମୁଜରବାନିଙ୍କୁ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ପକ୍ଷରୁ ସାମିଲ କରାଯିବାକୁ ନେଇ ଭୀଷଣ କ୍ଷୁବ୍ଧ ହୋଇଛି ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି)। ପାକିସ୍ତାନ ସୁପର ଲିଗ୍ (ପିଏସଏଲ୍) ଆରମ୍ଭ ହେବାର ଅଳ୍ପ କିଛିଦିନ ପୂର୍ବରୁ ନିଜର ନାମ ପ୍ରତ୍ୟାହାର କରିଥିବାରୁ ପିସିବି ଆଇନଗତ କାର୍ଯ୍ୟାନୁଷ୍ଠାନ ଧମକ ଦେଇଛି। ଇସ୍ଲାମାବାଦ ୟୁନାଇଟେଡ୍ ପକ୍ଷରୁ ତାଙ୍କୁ ୧୧ ନିୟୁତ ପାକିସ୍ତାନୀ ରୁପିଆ (୩୬ ଲକ୍ଷ ଭାରତୀୟ ଟଙ୍କା) ବିନିମୟରେ କିଣାଯାଇଥିଲା । ୨୬ ତାରିଖରୁ ଏହି ଲିଗ୍ ଆରମ୍ଭ ହେବାକୁ ଯାଉଥିବାବେଳେ ଆଉ କିଛି ଦିନ ମଧ୍ୟରେ ସେ ପାକିସ୍ତାନରେ ପହଞ୍ଚି ଅଭ୍ୟାସ ଆରମ୍ଭ କରିଥାନ୍ତେ। କିନ୍ତୁ ସେ ପିସିବିରୁ ନିଜର ନାମ ପ୍ରତ୍ୟାହାର କରିନେଇଛନ୍ତି ଓ ଆସନ୍ତା ୧୭ ତାରିଖରେ ଭାରତ ଆସି କେକେଆର୍ ଦଳ ସହିତ ଯୋଗ ଦେବେ। କେକେଆର୍ କେତେ ଟଙ୍କା ବିନିମୟରେ ତାଙ୍କୁ କିଣିଛି ତାହା ଜଣାପଡ଼ିନାହିଁ। ପିସିବି ଛାଡ଼ି ଆଇପିଏଲରେ ଯୋଗଦେବାର ଏହା ପ୍ରଥମ ଘଟଣା ନୁହେଁ। ଗତ ବର୍ଷ ଦକ୍ଷିଣ ଆଫ୍ରିକା ଅଲ୍‌ରାଉଣ୍ଡର୍ କର୍ବିନ୍ ବୋସ୍‌ଙ୍କୁ ପେଶାୱର ଜାଲମୀ ପକ୍ଷରୁ ଚୟନ କରାଯାଇଥିଲା କିନ୍ତୁ ସେ ଶେଷ ମୁହୂର୍ତ୍ତରେ ପିଏସଏଲ୍ ଛାଡ଼ି ମୁମ୍ବାଇ ଇଣ୍ଡିଆନ୍ସରେ ଯୋଗ ଦେଇଥିଲେ।




# ଶୁଭମନ ଗିଲଙ୍କୁ କ୍ରିକେଟର ଅଫ ଦି ଇୟର ପୁରସ୍କାର

**ନୂଆଦିଲ୍ଲୀ, ୧୪।୩:** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଶୁବମନ ଗିଲଙ୍କୁ ପୁରୁଷ କ୍ରିକେଟର ଅଫ ଦି ଇୟର ପୁରସ୍କାରରେ ସମ୍ମାନିତ କରିବାକୁ ଯାଉଛି। ବିସିସିଆଇ ନମନ ପୁରସ୍କାର ୨୦୨୬ ପାଇଁ ଶନିବାର ପ୍ରାପ୍ତକର୍ତ୍ତାଙ୍କ ତାଲିକା ପ୍ରକାଶ ପାଇଛି, ଯେଉଁଥିରେ ଶୁବମନ ଗିଲଙ୍କୁ ପୁରୁଷ କ୍ରିକେଟର ଅଫ ଦି ଇୟର ଏବଂ ସ୍ମୃତି ମନ୍ଧାନାଙ୍କୁ ବର୍ଷର ଶ୍ରେଷ୍ଠ ମହିଳା ଅନ୍ତର୍ଜାତୀୟ କ୍ରିକେଟର ଅଫ ଦି ଇୟର ଘୋଷଣା କରାଯାଇଛି। ପୁରସ୍କାର ସମାରୋହ ରବିବାର, ମାର୍ଚ୍ଚ ୧୫ରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

ପୂର୍ବ ବର୍ଷ ମଧ୍ୟରେ ସର୍ବୋତ୍ତମ ପ୍ରଦର୍ଶନ କରିଥିବା କ୍ରିକେଟରମାନଙ୍କୁ ସମ୍ମାନିତ କରିବା ପାଇଁ ୨୦୦୬-୦୭ ସିଜିନରେ ବିସିସିଆଇ ନମନ ପୁରସ୍କାର ଆରମ୍ଭ କରାଯାଇଥିଲା। ପୁରୁଷ ବର୍ଗରେ, ବର୍ଷର ଶ୍ରେଷ୍ଠ ଅନ୍ତର୍ଜାତୀୟ କ୍ରିକେଟର ଅଫ ଦି ଇୟର ପୁରସ୍କାରକୁ ପଲି ଉମ୍ରିଗର ପୁରସ୍କାର ମଧ୍ୟ କୁହାଯାଏ।

ଶୁବମନ ଗିଲ ବର୍ତ୍ତମାନ ଭାରତର ଟେଷ୍ଟ ଏବଂ ଦିନିକିଆ ଦଳର ଅଧିନାୟକ ଅଛନ୍ତି; ଏହା ତାଙ୍କ କ୍ୟାରିୟରରେ ଦ୍ୱିତୀୟ ଥର ପାଇଁ ଗିଲଙ୍କୁ ପଲି ଉମ୍ରିଗର ପୁରସ୍କାର ପ୍ରଦାନ କରାଯିବ। ୨୦୨୫ ମସିହାରେ, ସେ ୯ଟି ଟେଷ୍ଟ ମ୍ୟାଚ୍ ଖେଳି ୯୮୩ ରନ ସଂଗ୍ରହ କରିଥିଲେ, ବର୍ଷ ପାଇଁ ଟେଷ୍ଟ କ୍ରିକେଟରେ ସର୍ବାଧିକ ରନ ସ୍କୋରର ଭାବରେ ଉଭା ହୋଇଥିଲେ। ଏହି ସମୟ ମଧ୍ୟରେ, ସେ ଇଂଲଣ୍ଡ ବିପକ୍ଷରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ୭୫୪ ରନ କରିଥିଲେ। ଏହା ସହିତ, ସେ ୧୧ଟି ଦିନିକିଆ ମ୍ୟାଚ୍ ଖେଳି ୪୯୦ ରନ କରିଥିଲେ।



ଅନ୍ୟପକ୍ଷରେ, ସ୍ମୃତି ମନ୍ଧାନା ଲଗାତାର ଦ୍ୱିତୀୟ ବର୍ଷ ପାଇଁ ଶ୍ରେଷ୍ଠ ମହିଳା ଆନ୍ତର୍ଜାତୀୟ କ୍ରିକେଟର ପୁରସ୍କାର ପାଇବାକୁ ଯାଉଛନ୍ତି; ଏହା ସାମଗ୍ରିକ ଭାବରେ ପଞ୍ଚମ ଥର ପାଇଁ ମନ୍ଧାନାଙ୍କୁ ଏହି ସମ୍ମାନଜନକ ପୁରସ୍କାରରେ ସମ୍ମାନିତ କରାଯିବ।

୨୦୨୬ ଟି୨୦ ବିଶ୍ୱକପ ପୂର୍ବରୁ ଶୁବମନ ଗିଲଙ୍କୁ ଟି୨୦ ଦଳରୁ ବାଦ ଦିଆଯାଇଥିଲା। ଫର୍ମରେ ହ୍ରାସ ଯୋଗୁ ତାଙ୍କୁ ବାଦ ଦିଆଯାଇଥିଲା, ୨୦୨୫ ଆରମ୍ଭରୁ ଟି୨୦ କ୍ରିକେଟରେ ନିରନ୍ତର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିବାକୁ ସଂଘର୍ଷ କରୁଥିଲେ। ଶେଷରେ ସେ ଟି୨୦ ବିଶ୍ୱକପ ଦଳରୁ ବାଦ ଦେଇ ଏହି ଅସଙ୍ଗତିର ମୂଲ୍ୟ ଦେଇଥିଲେ। ଏହା ସ୍ମରଣଯୋଗ୍ୟ ଯେ ୨୦୨୬ ଟି-୨୦ ବିଶ୍ୱକପର ଫାଇନାଲରେ ଭାରତ ନ୍ୟୁଜିଲ୍ୟାଣ୍ଡକୁ ୯୬ ରନରେ ପରାସ୍ତ କରି ଏକ ଐତିହାସିକ ବିଜୟ ହାସଲ କରିଥିଲା।

# ଯଶପ୍ରୀତ ବୁମ୍ରାଙ୍କୁ ନେଇ ପାକିସ୍ତାନ ଚୟନକର୍ତ୍ତାଙ୍କ ବିତଣ୍ଡା ତୁଳନା

**ଇସଲାମାବାଦ, ୧୪।୩:** ପାକିସ୍ତାନ କ୍ରିକେଟ ଟିମର ଚୟନକର୍ତ୍ତା ଆକିବ ଜାଭେଦଙ୍କ ବିତଣ୍ଡା ତୁଳନା। ଭାରତୀୟ ଟିମର ଦ୍ରୁତ ବୋଲର ତଥା ବିଶ୍ୱର ଦୁର୍ଦ୍ଦଶ ବୋଲର ଯଶପ୍ରୀତ ବୁମ୍ରାଙ୍କୁ ସେ ପାକିସ୍ତାନର ସ୍ପିନ ବୋଲର ଉସମାନ ତାରିକଙ୍କ ସହ ତୁଳନା କରିଛନ୍ତି। ସେ ଯଶପ୍ରୀତ ବୁମ୍ରାଙ୍କୁ ଉସମାନ ତାରିକଙ୍କ ଦ୍ରୁତ ବୋଲିଂ ଭର୍ସନ ବୋଲି କହିଛନ୍ତି। ଭାରତ ନିକଟରେ ଟି-୨୦ ବିଶ୍ୱକପ ରେକର୍ଡ ଥର ପାଇଁ ଜିତିଥିବା ବେଳେ ବୁମ୍ରା ଟୁର୍ଣାମେଣ୍ଟରେ ସର୍ବାଧିକ ୱିକେଟ ନେଇଥିଲେ। ଉଭୟ ବରୁଣ ଚକ୍ରବର୍ତ୍ତୀ ଓ ବୁମ୍ରା ୧୪ଟି ଲେଖାଏ ଟି-୨୦ ବିଶ୍ୱକପରେ ଦଖଲ କରିଥିଲେ।

ଏସବୁ ଭିତରେ ଜାଭେଦଙ୍କ ନିଜ ଯୁକ୍ତି ଉପସ୍ଥାପନ କରି କହିଛନ୍ତି ଯେ ବୁମ୍ରାଙ୍କ ନିଆରା ବୋଲିଂ ଶୈଳୀ, ପେସ ଓ ଦକ୍ଷତା ବ୍ୟାଟରଙ୍କ ଲୟରେ ବିଗାଡିବାରେ ସକ୍ଷମ। ଏଥିପାଇଁ ସେ ଆଧୁନିକ ଯୁଗ କ୍ରିକେଟରେ ଜଣେ ବିରଳ ପ୍ରତିଭା। ଏହି ସମୟରେ ସେ ଉସମାନ ତାରିକଙ୍କ ନିଆରା ବୋଲିଂ ଶୈଳୀ ସହ ବୁମ୍ରାଙ୍କୁ ତୁଳନା କରିଥିଲେ।





ତାରିକ ବୋଲିଂ କରିବାକୁ ଆସିବା ବେଳେ ସମାନ୍ୟ ଅଟକିବା ପରେ ବୋଲିଂ କରନ୍ତି। ଏହା ମଧ୍ୟ ଗୋଟିଏ ନିଆରା ଷ୍ଟାଇଲ। କିନ୍ତୁ ଜାଭେଦ ତାଙ୍କୁ ସିଧାସଳଖ ବୁମ୍ରାଙ୍କ ସହ ତୁଳନା କରିବା ସମସ୍ତଙ୍କୁ ଚକିତ କରିଛି। ତାରିକ ବିଶ୍ୱକପରେ ୬ଟି ମ୍ୟାଚ୍ ? ଖେଳି ୧୦ଟି ୱିକେଟ ନେଇଥିଲେ।

ଜାଭେଦ କହିଛନ୍ତି, "ଆଜିର ଯୁଗରେ, ପୂରା ବିଶ୍ୱକପରେ ବୁମ୍ରାଙ୍କ ଭଳି କେବଳ ଜଣେ ବୋଲର ରହିଛନ୍ତି। କାରଣ ସେ ସଂପୂର୍ଣ୍ଣ ଭିନ୍ନ। ସେ ସାଧାରଣ ବୋଲର ନୁହନ୍ତି। ଏପରି କି ତାଙ୍କ ବୋଲିଂ ଶୈଳୀ ମଧ୍ୟ ନିଆରା। ଯେତେବେଳେ ସେ ବୋଲିଂ କରିବାକୁ ଆସନ୍ତି ସେତେବେଳେ ମୁଁ କହିଥାଏ ଯେ ସେ ଉସମାନ ତାରିକଙ୍କ ଦ୍ରୁତ ବୋଲିଂ ଭର୍ସନ। ସେ ଏତେ ଜୋରରରେ ଓ ନିଆରା ଶୈଳୀରେ ବୋଲିଂ କରୁଥିବାରୁ ଜଣେ ବ୍ୟାଟର କେବେ ହେଲେ ବି ନିଜର ଲୟ ତାଙ୍କ ବିରୋଧରେ ହାସଲ କରିପାରନ୍ତି ନାହିଁ। ଗୋଟିଏ ବାକ୍ୟରେ କହିଲେ ସେ ବ୍ୟାଟରଙ୍କୁ ଲୟ ହାସଲ କରିବାକୁ ଅନୁମତି ଦିଅନ୍ତି ନାହିଁ।"

ଜାଭେଦ ଆହୁରି କହିଛନ୍ତି ଯେ "ତାଙ୍କ(ବୁମ୍ରା) ବ୍ୟତୀତ ପୂରା ବିଶ୍ୱକପରେ ଯେକୌଣସି ଦଳର ଏମିତି ଜଣେ ବୋଲରଙ୍କ ନାଁ କୁହନ୍ତୁ

# ମୟଙ୍କ ୯୪ତମ ଭାରତୀୟ ଚେସ୍ ଗ୍ରାଣ୍ଡମାଷ୍ଟର

**ଗୁଆହାଟୀ, ୧୪।୩ :** ଆସାମର ୧୭ବର୍ଷୀୟ ଚେସ୍ ତାରକା ମୟଙ୍କ ଚକ୍ରବର୍ତ୍ତୀ ଦେଶର ୯୪ତମ ଗ୍ରାଣ୍ଡ୍ ମାଷ୍ଟର୍ ହେବାର ଗୌରବ ଅର୍ଜନ କରିଛନ୍ତି। ଆସାମର ଗୁଆହାଟୀ ବାସିନ୍ଦା ମୟଙ୍କ ୨୦୨୪ ମସିହାରେ ଅନ୍ତର୍ଜାତୀୟ ମାଷ୍ଟର୍ ହୋଇଥିଲେ। ଏହାର ଦୁଇ ବର୍ଷ ପରେ ନିଜ ଜୀବନର ସବୁଠୁ ବଡ ସଫଳତା ହାସଲ କରିଛନ୍ତି ସେ।

ସ୍ୱିଡେନ୍‌ର ଷ୍ଟକ୍‌ହୋମଠାରେ ଆୟୋଜିତ ଫାଷ୍ଟ୍ ହୋଟେଲସ୍ ଚେସ୍ ଚ୍ୟାଲେଞ୍ଜ୍‌ସ ପ୍ରତିଯୋଗିତାର ଅଷ୍ଟମ ରାଉଣ୍ଡ୍‌ରେ ସ୍ୱିଡେନ୍‌ର ଆଇଏମ୍ ଫିଲିପ ଲିଣ୍ଡଗ୍ରିନଙ୍କୁ ହରାଇ ତୃତୀୟ ତଥା ଶେଷ ଗ୍ରାଣ୍ଡ୍‌ମାଷ୍ଟର୍ ନର୍ମ ହାସଲ କରି ନେଇଥିଲେ। ସେ ମଧ୍ୟ ଏହି ଅବସରରେ ଅବଶ୍ୟକ ୨୫୦୦ ଏଲୋ ରେଟିଂ ପଏଣ୍ଟ୍ ଅତିକ୍ରମ କରିଥିଲେ।



ଫଳରେ ଫିଡେ ନିୟମ ଅନୁସାରେ ଗ୍ରାଣ୍ଡମାଷ୍ଟର୍ ଟାଇଟଲ୍ ହାସଲ କରିବାକୁ ହକ୍ ?ଦାର ହୋଇଥିଲେ। ମୟଙ୍କ ଏଠାରେ ମୋଟ ୯ ପଏଣ୍ଟ୍‌ରୁ ୭ ପଏଣ୍ଟ୍ ଅର୍ଜନ କରିପ୍ରତିଯୋଗିତା ?ରେ ବିଜେତା ଆଖ୍ୟା ଅର୍ଜନ କରିଥିଲେ। ଏହା ପୂର୍ବରୁ ସେ ୧୧ବର୍ଷରୁ କମ୍ ବର୍ଗରେ ଭାରତ ଓ ଏସିଆ ମହାଦେଶର ଏକନମ୍ବର ଖେଳାଳି ଥିଲେ। ୨୦୨୧ ମସିହାରୁ ୟୁରୋପ ମହାଦେଶର ବିଭିନ୍ନ ପ୍ରତିଯୋଗିତା ଖେଳିବା ଆରମ୍ଭ କରିଥିଲେ। ସେ ମଧ୍ୟ ଏକଦା ବିଶ୍ୱର ଷଷ୍ଠ ଶ୍ରେଷ୍ଠ ଚେସ୍ ତାରକା ଥିଲେ।

# ରୋଜର ବିନ୍ନି, ମିତାଲି ରାଜ୍‌ଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାର



**ନୂଆଦିଲ୍ଲୀ, ୧୪।୩:** ରବିବାର ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ବିସିସିଆଇ ପୁରସ୍କାର ସମାରୋହ 'ନମନ'ରେ କେବଳ ରାହୁଲ ଦ୍ରାବିଡ଼ ନୁହନ୍ତି, ଆଉ ଦୁଇଜଣ କ୍ରିକେଟରଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାର ପ୍ରଦାନ କରାଯିବ। ସେମାନେ ହେଉଛନ୍ତି ୧୯୮୩ ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ସଦସ୍ୟ ତଥା ପୂର୍ବତନ ବିସିସିଆଇ ଅଧ୍ୟକ୍ଷ ରୋଜର ବିନ୍ନି ଓ ଭାରତୀୟ ମହିଳା କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ମିତାଲି ରାଜ୍। ବିନ୍ନି ଭାରତ ପାଇଁ ୨୭ଟି ଟେଷ୍ଟ ଓ ୭୨ଟି ଦିନିକିଆ ଖେଳିଥିଲେ। ସେ ମଧ୍ୟ ୧୯୮୩ ବିଶ୍ୱକପରେ ସର୍ବାଧିକ ୧୮ଟି ୱିକେଟ୍ ? ନେଇଥିଲେ। ପରେ ସେ ଭାରତୀୟ ୧୯ ବର୍ଷରୁ କମ ଦଳର ପ୍ରଶିକ୍ଷକ, ଚୟନକର୍ତ୍ତା ଓ ବିସିସିଆଇ ଅଧ୍ୟକ୍ଷ ଦାୟିତ୍ୱରେ ଥିଲେ।

# ଏସ୍‌ଟିପିଆଇ ଓ ସିଓଇ ଷ୍ଟାର୍ଟଅପ୍ ପୁଞ୍ଜିନିବେଶ ତ୍ୱରାନ୍ୱିତ

**ଭୁବନେଶ୍ୱର, ୧୪।୩:** ସଫ୍ଟୱେର ଟେକ୍ନୋଲୋଜି ପାର୍କ ଅଫ ଇଣ୍ଡିଆ (ଏସ୍‌ଟିପିଆଇ), ଭୁବନେଶ୍ୱର ଏବଂ ଏହାର ଏମର୍ଜିଂ ଟେକ୍ନୋଲୋଜିସ୍ (ଏମ୍‌ଟେକ୍ ସିଓଇ) କ୍ଷେତ୍ରରେ ଥିବା ସିଓଇ ନ୍ୟାସନାଲ ଇନ୍‌ଭେଷ୍ଟର କନେକ୍ଟ ପ୍ରୋଗ୍ରାମ-ପ୍ରୟୋଗ (ପିଆର୍‌ଏୱାଇଓଜି) ଆୟୋଜନ କରିଥିଲେ ଯେଉଁଥିରେ ନୀତି ନିର୍ଦ୍ଧାରକ, ଭେଞ୍ଚର କ୍ୟାପିଟାଲିଷ୍ଟ, ଆଞ୍ଜେଲ ପୁଞ୍ଜିନିବେଶକ, ଶିଳ୍ପ ଜଗତର ପ୍ରମୁଖ ବ୍ୟକ୍ତିତ୍ୱ ଏବଂ ନୂତନ ପ୍ରଯୁକ୍ତି ଷ୍ଟାର୍ଟଅପ୍‌ଗୁଡକ ଓଡ଼ିଶାରେ ନବସୃଜନ ଏବଂ ପୁଞ୍ଜିନିବେଶ ପରିବ୍ୟବସ୍ଥା ସୁଦୃଢ଼ କରିବାକୁ ଗୋଟିଏ ମଞ୍ଚରେ ଏକତ୍ରିତ ହୋଇଥିଲେ।

ଏହି କାର୍ଯ୍ୟକ୍ରମରେ ଶ୍ରୀମତୀ ରଶ୍ମିତା ପଣ୍ଡା, ଆଇଏଏସ୍, କମିଶନର-ତଥା-ଶାସନ ସଚିବ, ଏମ୍‌ଏସଏମ୍‌ଇ ବିଭାଗ, ଓଡ଼ିଶା ସରକାର ଓ ଚେୟାରପର୍ସନ ତଥା ସିଇଓ, ଷ୍ଟାର୍ଟଅପ୍ ଓଡ଼ିଶା ଏବଂ ତାଙ୍କ ସହିତ ବରିଷ୍ଠ ସରକାରୀ ପଦାଧିକାରୀ, ପୁଞ୍ଜିନିବେଶକାରୀ, ମାର୍ଗଦର୍ଶକ, ଶିଳ୍ପ ଜଗତର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଓ ଷ୍ଟାର୍ଟଅପ୍ ପ୍ରତିଷ୍ଠାତାମାନେ ଯୋଗଦେଇଥିଲେ। ସମାବେଶକୁ ସମ୍ବୋଧିତ କରି ଶ୍ରୀମତୀ ରଶ୍ମିତା ପଣ୍ଡା ରାଜ୍ୟରେ ଏକ ସୁସଂହତ ପ୍ରଯୁକ୍ତି ଓ ଷ୍ଟାର୍ଟଅପ୍ ପରିବ୍ୟବସ୍ଥା ଗଢିତୋଳିବା ନିମନ୍ତେ ଓଡ଼ିଶା ସରକାରଙ୍କର ଦୃଢ ପ୍ରତିବଦ୍ଧତା ଉପରେ ଜୋର୍ ଦେଇଥିଲେ। ଷ୍ଟାର୍ଟଅପ୍ ଓଡ଼ିଶା ଜରିଆରେ ଏକ ଗତିଶୀଳ ଷ୍ଟାର୍ଟଅପ୍ ପରିବ୍ୟବସ୍ଥାକୁ ପ୍ରୋତ୍ସାହିତ କରି ଏବଂ ଷ୍ଟାର୍ଟଅପଗୁଡ଼ିକ ନିମନ୍ତେ ମାର୍ଗଦର୍ଶନର ସୁଯୋଗ, ପାଣ୍ଠି ସୁଯୋଗ ତଥା ବଜାର ସଂଯୋଗୀକରଣକୁ ସମର୍ଥ କରାଇବା ଉପରେ ସରକାରଙ୍କର ଦୃଷ୍ଟିନିବଦ୍ଧତାକୁ ସେ ଦୋହରାଇଥିଲେ। ସେ ଉଲ୍ଲେଖ କରିଥିଲେ ଯେ, ପ୍ରୟୋଗ ଭଳି ମଞ୍ଚ ଷ୍ଟାର୍ଟଅପ୍‌ଗୁଡିକ ନିମନ୍ତେ ପ୍ରତ୍ୟକ୍ଷ ଭାବରେ ପୁଞ୍ଜିନିବେଶକ ଓ ଶିଳ୍ପ ଜଗତର ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କ ସହିତ ଯୋଡି ହେବା ନିମନ୍ତେ ବହୁମୂଲ୍ୟ ସୁଯୋଗ ସୃଷ୍ଟି କରୁଛି। ବିଶିଷ୍ଟ ଅତିଥିଗଣ ଏବଂ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରି ଶ୍ରୀ ମାନଓ ରଞ୍ଜନ ପଣ୍ଡା, ଡାଇରେକ୍ଟର, ଏସ୍‌ଟିପିଆଇ ଭୁବନେଶ୍ୱର ବୈଶ୍ୱିକ ନବସୃଜନ ଦୃଶ୍ୟପଟ୍ଟରେ ଭାରତର ଉଲ୍ଲେଖନୀୟ ପ୍ରଗତି ସମ୍ପର୍କରେ ଆଲୋକପାତ କରିଥିଲେ। ସେ ପୁନଶ୍ଚ ଜୋର୍ ଦେଇ କହିଥିଲେ ଯେ, ପାରମ୍ପରିକ ପ୍ରଯୁକ୍ତି ସ୍ଥଳଗୁଡିକ ଭାରତର ନବସୃଜନ ଯାତ୍ରାକୁ ଦଶନ୍ଧି ଦଶନ୍ଧି ଧରି ଆଗେଇ ନେଇଥିବାବେଳ ପ୍ରଯୁକ୍ତି ଔଦ୍ୟୋଗିକତାର ପରବର୍ତ୍ତୀ ଲହର ଭୁବନେଶ୍ୱର ସମେତ ଟିୟର-୨ ଏବଂ ଟିୟର-୩ ସହରଗୁଡ଼ିକରୁ ସୃଷ୍ଟି ହେଉଛି। ଶ୍ରୀ ପଣ୍ଡା ମଧ୍ୟ ସିଓଇ କାର୍ଯ୍ୟକ୍ରମ, ଇନ୍‌କ୍ୟୁବେସନକୁ ସମର୍ଥନ, ମାର୍ଗଦର୍ଶନ ଏବଂ ଶିଳ୍ପ ସହିତ ସହଯୋଗୀତା ଜରିଆରେ ନବସୃଜନ ଦ୍ୱାରା ପରିଚାଳିତ ଷ୍ଟାର୍ଟଅପ୍‌ଗୁଡିକର ପରିପୋଷଣରେ ଏସ୍‌ଟିପିଆଇର ଭୂମିକା ସମ୍ପର୍କରେ ଉଲ୍ଲେଖ କରିଥିଲେ, ଯାହା ଉଦ୍ୟୋଗୀମାନଙ୍କୁ ସେମାନଙ୍କର ଚିନ୍ତାଧାରାଗୁଡଇକୁ ପରିମାଣାତ୍ମକ ପ୍ରଯୁକ୍ତି ଉଦ୍ୟୋଗରେ ରୂପାନ୍ତରିତ କରୁଛି। କାର୍ଯ୍ୟକ୍ରମର ଏକ ପ୍ରମୁଖ ବିଷୟ ଥିଲା ଇଲେକ୍‌ଟ୍ରୋପ୍ରିନ୍ୟୋର

# କେକେଆର୍ ନୂଆ ଜର୍ସି ଉନ୍ମୋଚିତ




**କୋଲକାତା, ୧୪।୩:** ଚଳିତ ମାର୍ଚ୍ଚ ୨୮ ତାରିଖରୁ ଆରମ୍ଭ ହେଉଥିବା ଆଇପିଏଲ୍-୧୯ ପୂର୍ବରୁ ଏହି ଚର୍ଚ୍ଚିତ ତଥା ଲୋକପ୍ରିୟ ଟ୍‌ୱେଣ୍ଟି-୨୦ ଲିଗ୍‌ର ପୂର୍ବ ବିଜେତା କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ତା'ର ନୂଆ ଜର୍ସିକୁ ଶନିବାର ଉନ୍‌ମୋଚିତ କରିଛି। ନିଆରା ଡିଜାଇନ୍‌ର ସମ୍ଭାର ଥିବା ଏହି ଜର୍ସିର ଥିମ୍ ରହିଛି 'ପରମ୍ପରାର ରେଖା'।

ତଦନୁଯାୟୀ ଜର୍ସିରେ କେକେଆର୍ ?ର ଅନେକ ଅବିସ୍ମରଣୀୟ ମୁହୂର୍ତ୍ତର ଛାପ ରହିଛି। ବ୍ରେଣ୍ଡନ୍ ମ୍ୟାକଲମ୍‌ଙ୍କ ଐତିହାସିକ ୧୫୮ ରନ୍‌ର ପାଳିଠାରୁ ରିଙ୍କୁ ସିଂହଙ୍କ ଲଗାତାର ୫ଛକା ପର୍ଯ୍ୟନ୍ତ, ଏସବୁରୁ ପ୍ରେରଣା ନେଇ ହିଁ ଜର୍ସିର ରଙ୍ଗ ଓ ଆକାର ଚୟନ କରାଯାଇଥିବା ଦଳର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭେଙ୍କି ମହିଶୁର କହିଛନ୍ତି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ipû\K: iêeRòZþ Kêcûe ]k